

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୩୦ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 30 October 2025

Vol.No. 36 ■ No.285 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ଭାରତ ସହ ଟାରିଫ୍ ବିବାଦ ଭିତରେ ପୁଣି ଟ୍ରମ୍ପଙ୍କ ୟୁଟର୍ଣ୍ଣ: ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଘନିଷ୍ଠ ବନ୍ଧୁ ଓ ବଳିଷ୍ଠ ବ୍ୟକ୍ତିତ୍ୱ କହି ଟ୍ରମ୍ପ୍ କଲେ ପ୍ରଶଂସା

ନୂଆଦିଲ୍ଲୀ,୨୯/୧୦ : ଆମେରିକା ରାଷ୍ଟ୍ରପତିଙ୍କ ମୁହଁରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସା। ଦକ୍ଷିଣ କୋରିଆରେ ଆୟୋଜିତ ଏପିଇସି ସମ୍ମିଳନୀରେ ମୋଦୀଙ୍କ ଭୂରି ଭୂରି ପ୍ରଶଂସା କରିବା ସହ ଜଣେ ଖୁବଶିଘ୍ର ଭାରତ ସହ ବହୁ ପ୍ରତିକ୍ଷିତ ଟ୍ରେଡ ଡିଲ ହେବ ବୋଲି କହିଛନ୍ତି ଡୋନାଲ୍ଡ ଟ୍ରମ୍ପ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କେବେ, କାହାକୁ ଏବଂ କ'ଣ କହିବେ ତାହା ପୂର୍ବାନୁମାନ କରିବା ଅସମ୍ଭବ। ନିକଟରେ ଯେତେବେଳେ ସେ ଏପିଇସି ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ଦକ୍ଷିଣ କୋରିଆରେ ପହଞ୍ଚିଥିଲେ, ମଞ୍ଚ ଉପରେ ଠିଆ ହୋଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଖୁବ ପ୍ରଶଂସା କରିଥିଲେ । ଭାରତ ସହିତ ଆମେରିକା ଏକ ବାଣିଜ୍ୟ ଚୁକ୍ତି କରିବାକୁ ଯାଉଛି।



ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ମୋର ବହୁତ ସମ୍ମାନ ଏବଂ ସ୍ନେହ ଅଛି । ଆମ ମଧ୍ୟରେ ମଜଭୁତ ଓ ଭଲ ସମ୍ପର୍କ ରହିଛି । ଏଥିସହ ବିଶ୍ୱ ମଞ୍ଚରେ ଭାରତ ସହ ଆମେରିକାର ସମ୍ପର୍କ ଯେ କେତେ ମଜଭୁତ ସେକଥା ବଖାଣିଥିଲେ ଟ୍ରମ୍ପ । କେବଳ ସେତିକି ନୁହେଁ ମୋଦୀଙ୍କ ବ୍ୟକ୍ତିତ୍ୱରେଯେ ସାରା ବିଶ୍ୱ ପ୍ରଭାବିତ ସେକଥା କହିବାକୁ ମଧ୍ୟ ସେ ପଛାଇନଥିଲେ ।ଦୁଷ୍କର୍ମ କୁକର୍ମର ଅନ୍ୟ ନାଁ, ମାନବିକତାକୁ ମାରିଦେଉଥିବା ମହାମାରୀ । ନାରୀର ସୁରକ୍ଷା କେବଳ ପୁଲିସର ଦାୟିତ୍ୱ ନୁହେଁ, ଏହା ଆମ ସମାଜର ଦାୟିତ୍ୱ । ତେବେ ଏହି ପ୍ରଶଂସା ପଛର କାରଣକୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଛି । ଉଭୟ ଦେଶ ମଧ୍ୟରେ ଦୀର୍ଘଦିନ ହେବ ଟ୍ରେଡ ଡିଲ୍ ହୋଇପାରୁନି । ଭାରତ ଓ ପାକିସ୍ତାନ ଯୁଦ୍ଧକୁ ଆମେରିକା ବନ୍ଦ କରିଥିବା ଟ୍ରମ୍ପ ବାରମ୍ବାର ଦାବି କରି ଆସୁଛନ୍ତି । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି ମୋଦୀ ସରକାର । ଏହି କାରଣରୁ ଟ୍ରେଡ ଡିଲ ଅଟକିଥିବା କୁହାଯାଉଛି । ସେପଟେ ମୋଦୀଙ୍କ ପ୍ରଶଂସା କରିବା ସହ ଭାରତ ଓ ଆମେରିକା ମଧ ଖୁବଶୀଘ୍ର ଟ୍ରେଡ ଡିଲ ହେବ ବୋଲି ଟ୍ରମ୍ପଙ୍କ ବୟାନ ବର୍ତ୍ତମାନ ବେଶ ଚର୍ଚ୍ଚା ସାଉଁଟିଛି । ଭାରତ ଏବଂ ରୁଷ ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ଗ୍ରହଣ କରିପାରୁନାହାଁନ୍ତି ଟ୍ରମ୍ପ । ଭାରତ ଉପରେ ଅଧିକରୁ ଅଧିକ ଟାରିଫ୍ ଲଗାଇବାକୁ ଧମକ ମଧ୍ୟ ଦେଉଛନ୍ତି । ତେବେ ବର୍ତ୍ତମାନର ପ୍ରଶଂସା ଓ ସ୍ୱର ବଦଳିବା ପଛର କାରଣ ଟ୍ରେଡ ଡିଲ ଥିବା ମନେ ହେଉଛି ।

## ନୂଆପଡାରେ ରୋଚକ ହେଉଛି ରାଜନୀତି: କଂଗ୍ରେସ ଅଫିସରେ ଅଚାନକ ଚଢାଉ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ପାଖେଇ ଆସୁଛି ଉପନିର୍ବାଚନ । ନୂଆପଡ଼ା ଉପରେ ଏବେ ରାଜ୍ୟର ଆଖି । ହେଲେ ଆଜି କିନ୍ତୁ ପ୍ରଚାର ନୁହେଁ, ବରଂ କଂଗ୍ରେସ ଭବନରେ ପୁଲିସ ଚଢ଼ାଉକୁ ନେଇ ରାଜ୍ୟ ରାଜନୀତି ପଢୁଛି, ଉଠୁଛି । ଜୋର ଧରିଛି ବୟାନବାଜି । ସେପଟେ ଗ୍ରାଉଣ୍ଡ ଜିରୋରେ ପହଞ୍ଚି ଭୋଟରଙ୍କ ମୁଡ ପରଖିଛି କନକ ନ୍ୟୁଜ ଟିମ୍ । ଉପନିର୍ବାଚନ ଜମୁଛି । ତିନି ରାଜନୈତିକ ଦଳ ପ୍ରଚାରରେ ବ୍ୟସ୍ତ । ଠିକ୍ ଏମିତି ସମୟରେ ଆଜି ନୂଆପଡ଼ା କଂଗ୍ରେସ ଅଫିସରେ ପଶିଗଲା ପୁଲିସ । ଅଭିଯୋଗ ଥିଲା, ନିର୍ବାଚନ ସମୟରେ ଟଙ୍କା ବଣ୍ଟା । ବାସ୍, ତାତିଗଲେ କଂଗ୍ରେସ କର୍ମୀ । ପୁଲିସ ସହ ମୁହାଁମୁହିଁ ହେଲେ । ଢେର୍ ସମୟ ଚାଲିଲା କଥା କଟାକଟି । କଂଗ୍ରେସ ଅଫିସରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ହେଲେ ଶେଷରେ ପୁଲିସ କଂଗ୍ରେସ ଅଫିସରୁ ଖାଲି ହାତରେ ଫେରିଲା। ଏହାକୁ ନେଇ ଗର୍ଜିଛନ୍ତି ପିସିସି ସଭାପତି । ଜବାବ ଦେଲେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ନୂଆପଡ଼ାରେ ବିଜେଡି ଓ ଉଦ୍ୟାନବନ୍ଧରେ ବିଜେପି ପ୍ରଚାରର ମଙ୍ଗ ସମ୍ଭାଳିଥିଲେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ନୂଆପଡ଼ାର ସାଇପଲ୍ଲୀରେ ପ୍ରଚାର କରିଛନ୍ତି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ । ନୂଆପଡ଼ା ଉପନିର୍ବାଚନ ପାଇଁ ଆଉ ଦୁଇ ସପ୍ତାହ ସମୟ ଅଛି। ଏହି ସମୟରେ ବିଜେପି, ବିଜେଡି ଓ କଂଗ୍ରେସ ଭୋଟରଙ୍କ ନିକଟତର ହେବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି । ରାଜନୀତି ବି ଜମୁଛି ।

## ୟୁରୋପୀୟ ସଂସଦୀୟ ପ୍ରତିନିଧି ଦଳ ରାଜ୍ୟସଭା ଉପାଧ୍ୟକ୍ଷଙ୍କୁ ଭେଟିଲେ

ନୂଆଦିଲ୍ଲୀ,୨୯/୧୦ : ୟୁରୋପୀୟ ସଂସଦର ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟାପାର କମିଟି (ଆଇଏନଟିଏ)ର ଏକ ପ୍ରତିନିଧି ଦଳ ବୁଧବାର ସଂସଦ ଭବନରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶଙ୍କୁ ଭେଟିଥିଲେ। ପ୍ରତିନିଧି ଦଳଟିର ନେତୃତ୍ୱ ନେଇଥିଲେ ଆଇଏନଟିଏର ଭାରତ ପାଇଁ ସ୍ଥାୟୀ ସମ୍ବାଦଦାତା କ୍ରିଷ୍ଟିନା ମେଷ୍ଟ୍ରେ। ହରିବଂସ ଉଲ୍ଲେଖ କରିଛନ୍ତି ଯେ ଭାରତ ଏବଂ ୟୁରୋପୀୟ ସଂଘ ବିଶ୍ୱର ଦୁଇଟି ବୃହତ ଏବଂ ସବୁଠାରୁ ସକ୍ରିୟ ଗଣତନ୍ତ୍ର - ଖୋଲା ବଜାର ଅର୍ଥନୀତି ଏବଂ ବହୁବିଧ ସମାଜ ସହିତ।

## କାହିଁକି ହେଉନି ପୋଲିସ୍ ଏସଆଇ ନିଯୁକ୍ତି ସ୍କାମ୍ ଖୋଲତାଡ଼ ?: ତଦନ୍ତ ଅଟକିବାକୁ ନେଇ ଅସନ୍ତୋଷ ଚାକିରି ଆଶାୟୀ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ଶତାବ୍ଦୀର ସବୁଠୁ ବଡ଼ ଏସଆଇ ନିଯୁକ୍ତି ଦୁର୍ନୀତିର ତଦନ୍ତ କେତେବାଟ ଗଲା ? ସିବିଆଇ ତଦନ୍ତ ପାଇଁ ସରକାରୀ ସୁପାରିଶ ଓ ବିଜ୍ଞପ୍ତି ପ୍ରକାଶ ପରେ ବି କାହିଁକି ଚୁପଚାପ୍ ସମସ୍ତେ ? ଆଜି ୧୧୪ ଅଭିଯୁକ୍ତଙ୍କୁ ବି ଜାମିନ ମିଳିଗଲା। ତଥାପି ଏହି କେଳେଙ୍କାରୀର ହୋଇନି ପର୍ଦ୍ଦାଫାସ୍। ଗୋଟିଏ ପଟେ ସିବିଆଇ ତଦନ୍ତର ନାଁ ଗନ୍ଧ ନାହିଁ, ଆରପଟେ ରହସ୍ୟ ଭେଦିପାରିନି କ୍ରାଇମବ୍ରାଞ୍ଚ। ରାଜ୍ୟର ଖାକିବର୍ଦ୍ଦିକୁ ବଦନାମ୍ କରିଥିବା ଏହି ମାମଲାର ତଦନ୍ତର ଦିଗ କ'ଣ ହେବ ? ଏବେ ବଢ଼ିଛି ନାନା ଚର୍ଚ୍ଚା। ରାଜ୍ୟର ବଡ଼ ସ୍କାମ୍ କୁହାଯାଉଥିବା ଏସଆଇ ନିଯୁକ୍ତି ଦୁର୍ନୀତି ମାମଲାର ଗତି କୁଆଡ଼େ ? ଗୋଟିଏ ପଟେ ଜାମିନ ହାତେଇଲେଣି ଅଭିଯୁକ୍ତ, ଆରପଟେ ରାଜ୍ୟ ସରକାରଙ୍କ ସିବିଆଇ ତଦନ୍ତ ସୁପାରିଶ ପରେ ବି ଗୁମସୁମ୍। ତାହାରି ଭିତରେ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି କେଉଁଠି, ତା'ର ଖୋଜ୍ ଖବର ବି ନାହିଁ। ଆଜିର କେବଳ ବଡ଼ ଅପଡେଟ୍ ହେଉଛି, ଗିରଫ ୧୨୩ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୪ ଜଣ ଜାମିନ ପାଇଛନ୍ତି। ସେହି ୧୧୪ ଜଣ ହେଉଛନ୍ତି ଟଙ୍କା ବଦଳରେ ଏଓ ପଦବୀ ହାତେଇବା ପାଇଁ ବିଜୟନଗରମ୍ ଯାଉଥିବା ପରୀକ୍ଷାର୍ଥୀ। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ୫୦ ହଜାର ଟଙ୍କା ବେଲ୍ ବଣ୍ଡ ଏବଂ ୨ ଜାମିନଦାରଙ୍କ ବଳରେ ଜାମିନ ପ୍ରଦାନ କରିଛନ୍ତି। ତା'ସହ ସର୍ତ୍ତ ବି ରଖିଛନ୍ତି ଅଦାଲତ। (୧) କୌଣସି ସାକ୍ଷୀଙ୍କୁ ପ୍ରଭାବିତ କରିବେ ନାହିଁ। (୨) ଥାନାରେ ଯାଇ ନିୟମିତ ହାଜିରା ଦେବେ। (୩) ତଦନ୍ତକାରୀ ସଂସ୍ଥାକୁ ତଦନ୍ତରେ ସହାୟତା କରିବେ। ତେବେ ମାଷ୍ଟରମାଇଣ୍ଡ ମୁନା ମହାନ୍ତି ଓ ଅନ୍ୟ ୫ ଜଣ ଏଜେଣ୍ଟଙ୍କୁ ମିଶାଇ ମୋଟ ୯ ଜଣ ଏବେ ଜେଲରେ। ବ୍ରହ୍ମପୁର ପୋଲିସଠାରୁ ମାମଲାର ତଦନ୍ତ ଭାର ହାତକୁ ନେଇଥିଲା କ୍ରାଇମବ୍ରାଞ୍ଚ। ଡିଏସପି ରତ୍ନପ୍ରଭା ଶତପଥୀଙ୍କ ନେତୃତ୍ୱରେ ଗଠନ ହୋଇଥିଲା ସ୍ୱତନ୍ତ୍ର ଟିମ୍। ବଣିକ୍ କୋଚିଂ ସେଣ୍ଟର ସମେତ ଅନ୍ୟାନ୍ୟ ସ୍ଥାନରେ

▶▶ପୃଷ୍ଠା ୭

## ନୂଆପଡ଼ାରେ ଜୟଙ୍କ ପାଇଁ ଭୋଟ ମାଗୁଛନ୍ତି ମାଆ ଓ ପତ୍ନୀ: ସ୍ନେହାଙ୍ଗିନୀଙ୍କୁ ସାହା ତୁଙ୍ଗନେତା

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ବିଜେପି ପ୍ରାର୍ଥୀ ଜୟଙ୍କ ପାଇଁ ଭୋଟ ମାଗୁଛନ୍ତି ତାଙ୍କ ପତ୍ନୀ ଓ ମା । ସେପଟେ ନିଜ ଷ୍ଟାର୍ ପ୍ରଚାରକଙ୍କୁ ଆଣିବା ଲାଗି ତିନି ଦଳ ପ୍ରସ୍ତୁତ । ଶେଷ ଆଡ଼କୁ ମୁଖ୍ୟମନ୍ତ୍ରୀ ନୂଆପଡା ଆସୁଥିବା ବେଳେ ବିରୋଧୀ ଦଳ ନେତା ନବୀନ ବି ପ୍ରଚାର କରିବେ। ତେଣେ କଂଗ୍ରେସ ମଧ୍ୟ ବଡ ନେତାଙ୍କୁ ଆଣିବାକୁ ରଣନୀତି କରିଛି । ନୂଆପଡ଼ାରେ ଜମିଲାଣି ପ୍ରଚାର। ଗାଁରୁ ଗାଁ । ଘରକୁ ଘର।



ବୁଲି ବୁଲି ପ୍ରଚାର କରୁଛନ୍ତି ତିନି ପ୍ରମୁଖ ଦଳର ପ୍ରାର୍ଥୀ । ସେମାନଙ୍କ ସହ ବୁଲୁଛନ୍ତି ମନ୍ତ୍ରୀ, ବିଧାୟକ, ନେତା ଓ କର୍ମୀ । କେବଳ ପ୍ରାର୍ଥୀ ନୁହଁ ସେମାନଙ୍କ ସମ୍ପର୍କୀୟ ବି ପଦାକୁ ଗୋଡ କାଢିଛନ୍ତି। ଜୟ ଢୋଲକିଆ ବିଜେପି ପ୍ରାର୍ଥୀ ହେବା ପରେ ତାଙ୍କ ପାଇଁ ଭୋଟ ମାଗୁଛନ୍ତି ମା କଞ୍ଚନା ଢୋଲକିଆ ଓ ଧର୍ମପତ୍ନୀ ସୁମନ ଢୋଲକିଆ। ଓଡିଶା ବାହାରେ ରହୁଥିବା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ଦୁଇ ଭଉଣୀ ମଧ ନୂଆପଡା ଆସି ପ୍ରଚାର କରୁଛନ୍ତି। ଏଣେ ନୂଆପଡାକୁ ମାମୁ ଘର କହୁଥିବା ବିଜେଡି ପ୍ରାର୍ଥୀନୀ ସ୍ନେହାଙ୍ଗିନୀ ଛୁରିଆ ସକାଳୁ ସଞ୍ଜ ଯାଇ ପ୍ରଚାର କରୁଛନ୍ତି। ଦଳର ତୁଙ୍ଗ ନେତା ତାଙ୍କ ସହିତ ଭୋଟ ଭିକ୍ଷା କରୁଛନ୍ତି।

▶▶ପୃଷ୍ଠା ୭

## ଯୁକ୍ତ ୨ ଫର୍ମ ପୂରଣ ଅବଧି ବୃଦ୍ଧି

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ବାତ୍ୟା ମୋନ୍ଥା ପାଇଁ ଯୁକ୍ତ ୨ ଫର୍ମ ପୂରଣ ଅବଧି ବୃଦ୍ଧି କରାଯାଇଛି। ୨୦୨୬ ଯୁକ୍ତ ୨ ପରୀକ୍ଷା ପାଇଁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଫର୍ମ ପୂରଣ ଅବଧି ବୃଦ୍ଧି ହୋଇଛି। ଅକ୍ଟୋବର ୨୮ ତାରିଖ ଫର୍ମ ପୂରଣର ଶେଷ ତାରିଖ ଥିଲା । କଲେଜ କର୍ତ୍ତୃପକ୍ଷଙ୍କ ନିବେଦନ ପରେ ସିଏଚଏସସଇ ଏହି ନିଷ୍ପତି ନେଇଛି।

## ଚୌଦ୍ୱାର କଏଦୀ ଚମ୍ପଟ ଘଟଣାରେ ପୁଣି ଫେରିଛି ବିହାରୀ କଏଦୀଙ୍କୁ ଅନୁକମ୍ପା ଚର୍ଚ୍ଚା

### ■ଟେର ପାଉନି ପୁଲିସ୍ ■ଜେଲ ବିଭାଗ ବି ଚୁପ୍

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ୨୭ ଦିନ ବିତିଗଲା । ବାହାରେ ଆରାମରେ ବୁଲୁଛନ୍ତି ଚୌଦ୍ୱାର ଜେଲରୁ ଫେରାର ଦୁଇ ମୋଷ୍ଟ ୱାଣ୍ଟେଡ ଅପରାଧୀ । ପୁଲିସ ଏ ଯାଏଁ ସେମାନଙ୍କୁ ଧରିପାରୁନି । ବାହାର ରହି ଏହି କୁଖ୍ୟାତ ବିହାରୀ ଅପରାଧୀ କିଛି ବଡ଼ ଅଘଟଣ ଘଟାଇବା ବି ଆଶଙ୍କା ପ୍ରକାଶ ପାଇଛି । ଦଶହରା ରାତିରେ ରାଜ୍ୟର ପ୍ରମୁଖ ଜେଲର କଡ଼ା ସୁରକ୍ଷାବଳୟ ଭେଦି ଫେରାର ହୋଇଯାଇଥିଲେ ଦୁଇ ବିହାରୀ ମୋଷ୍ଟ ୱାଣ୍ଟେଡ । ଏବେ ଜେଲ ବାହାରେ ବିନା ଭୟ ଓ ସଙ୍କୋଚରେ ବୁଲୁଛନ୍ତି ରାଜା ସାହାଣୀ ଓ ମଧୁକାନ୍ତ କୁମାର । ଦୁଇ ବିହାରୀ ମୋଷ୍ଟ ୱାଣ୍ଟେଡ୍ ଅପରାଧୀ ହେଉଛନ୍ତି କୁଖ୍ୟାତ ପୁଲୁ ସିଂହର ଖାସ୍ ସହଯୋଗୀ। ନବେ ଦଶକ ପରଠାରୁ ବିହାରରେ ଆତଙ୍କ ଖେଳାଇଥିବା ପୁଲୁ ସିଂ ଗ୍ୟାଙ୍ଗ୍ ଡକାୟତି ଓ ସୁପାରି କିଲିଂ ପାଇଁ କୁଖ୍ୟାତି ଅର୍ଜିଛି । ଦୁଇ ଫେରାର ଅପରାଧୀ ଏବେ



ପଶ୍ଚିମବଙ୍ଗରେ ଲୁଚିଥିବା କୁହାଯାଉଛି । ଦୁଇ ଅପରାଧୀଙ୍କୁ ନେଇ ଉଭୟ କଟକ କମିସନରେଟ୍ ପୁଲିସ ଓ ବିହାର କ୍ରାଇମବ୍ରାଞ୍ଚ ସମେତ ଏସଟିଏଫ୍ ଚିନ୍ତାରେ ପଡ଼ିଯାଇଛି । ପାଣିକୋଇଲି ପଣ୍ଡା ଅଳଙ୍କାର ଲୁଟ୍ ଓ ଦୁଇଜଣଙ୍କୁ ଗୁଳି କରି ହତ୍ୟା ଘଟଣାରେ, ରାଜା ଓ ମଧୁକାନ୍ତ ଚୌଦ୍ୱାର ସର୍କଲ ଜେଲ୍‌ର ହାଇ ସିକ୍ୟୁରିଟି ୱାର୍ଡରେ ଥିଲେ । କଏଦୀଙ୍କୁ ପ୍ରତି ସପ୍ତାହରେ ଅନ୍ୟ ସେଲ୍‌କୁ ସ୍ଥାନାନ୍ତର କରିବାର ନିୟମ ରହିଛି । କିନ୍ତୁ କାହିଁକି ଉଲ୍ଲଙ୍ଘନ ହେଲା ଓ ଏହା ପଛରେ କିଏ ସେ ନେଇ ପ୍ରଶ୍ନ ଉଠିଛି। ଏପଟେ ଉଭୟ କଏଦୀଙ୍କ ଚମ୍ପଟ ପଛରେ ଅନୁକମ୍ପା ରିହଥିବା ସନ୍ଦେହ କରାଯାଉଛି । ଚୌଦ୍ୱାରର ଅଭାବନୀୟ ଘଟଣା ନେଇ ଦୁଇ ଜେଲ କର୍ମଚାରୀଙ୍କୁ ସସପେଣ୍ଡ କରି ଚୁପ ବସିପଡିଛି ପୁଲିସ ।

## ନାସିକ- କାର୍ ପଲଟିବାରୁ ୩ଜଣଙ୍କ ମୃତ୍ୟୁ: ୪ ଆହତ

ମୁମ୍ବାଇ, ୨୯/୧୦ : ନାସିକ ଜିଲ୍ଲାର ନାସିକ-ଛତ୍ରପତି ସମ୍ଭାଜୀନଗର ହାଇୱେରେ ଏରଣ୍ଡଗାଓଁ-ରାୟତେ ଗାଁ ନିକଟରେ ବୁଧବାର ସକାଳେ ଏକ କାର୍ ଓଲଟିଯିବା ଫଳରେ ତିନି ଜଣଙ୍କ ମୃତ୍ୟୁ ହୋଇଛି ଏବଂ ଚାରି ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ଘଟଣାର ତଦନ୍ତ କରୁଥିବା ପୁଲିସ ଅଧିକାରୀ ବୁଧବାର କହିଛନ୍ତି ଯେ, ଆଜି ସକାଳେ ଗୁଜରାଟର ସୁରତରୁ ଜଣେ ଚାଳକ ସହିତ ସାତ ଜଣ ଲୋକ ଏକ କାରରେ ଶିରଡିକୁ ସାଇବାବାଙ୍କ ଦର୍ଶନ ପାଇଁ ଯାଉଥିଲେ। ନାସିକ ଜିଲ୍ଲାର ୟେଭଲା ଅଞ୍ଚଳରେ ପହଞ୍ଚିବା ସମୟରେ କାର ଚାଳକ ନିୟନ୍ତ୍ରଣ ହରାଇଥିଲେ, ଯାହା ଫଳରେ କାର ଡିଭାଇଡର୍ ସହ ଧକ୍କା ଖାଇ ତିନିଥର ଓଲଟିପଡିଥିଲା। ଘଟଣାସ୍ଥଳରେ ତିନି ଜଣଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ମାମଲାର ଛାନଭିନ୍ କରୁଛି ।

## ଦାର୍ଜିଲିଂର ମହାକାଳ ମନ୍ଦିରରେ ମହିଳାଙ୍କ ପାଇଁ ଡ୍ରେସ କୋଡ୍ ଲାଗୁ

ନୂଆଦିଲ୍ଲୀ,୨୯/୧୦ : ସହରର ମହାକାଳ ମନ୍ଦିରରେ 'ମିନି ସ୍କର୍ଟ' କିମ୍ବା ଏପରି କୌଣସି ଛୋଟ ପୋଷାକ ପିନ୍ଧି ପ୍ରବେଶ କରିବାକୁ ନିଷେଧ ଜାରି କରାଯାଇଛି। ମନ୍ଦିର କମିଟି ଏହା ସମ୍ବନ୍ଧରେ ଏକ ପୋଷ୍ଟର ମଧ୍ୟ ଲଗାଇଛି। ସେଥିରେ ଲେଖା ରହିଛି ଯେ ମହିଳାମାନେ ସ୍କର୍ଟ ପିନ୍ଧି ମନ୍ଦିର ପ୍ରାଙ୍ଗଣରେ ପ୍ରବେଶ କରିପାରିବେ ନାହିଁ।

## ବିହାର ପ୍ରଚାର ବେଳେ ରାହୁଲ ଗାନ୍ଧୀଙ୍କ ବିବାଦୀୟ ଟିପ୍ପଣୀ: ଭୋଟ ପାଇଁ ମଞ୍ଚରେ ନାଚିପାରିବେ ମୋଦୀ

ନୂଆଦିଲ୍ଲୀ,୨୯/୧୦ : ଭୋଟ ପାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦରକାର ପଡିଲେ ନାଚିବେ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବୟାନକୁ ନେଇ କଂଗ୍ରେସ ଓ ବିଜେପି ମଧ୍ୟରେ ବିବାଦ ଦେଖାଦେଇଛି । ବିରୋଧୀ ଦଳ ନେତାଙ୍କ ଏଭଳି ବୟାନ ଭାରତର କୋଟିକୋଟି ଭୋଟରଙ୍କ ପ୍ରତି ଅବମାନା ବୋଲି ବିଜେପି ମତ ଦେଇଛି । ପାଖାପାଖି ୫୮ ଦିନ ବ୍ୟବଧାନ ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିହାରରେ ନିର୍ବାଚନୀ ରାଲି କରିଛନ୍ତି । ଆଉ



ସ୍ୱାଭାବିକ ଭାବେ ରାହୁଲ ତାଙ୍କ ଚିରାଚରିତ ଷ୍ଟାଇଲରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସମାଲୋଚନା କରିବାକୁ ପଛାଇନାହାଁନ୍ତି । ଭୋଟ ପାଇବାକୁ ପ୍ରଧାନମନ୍ତ୍ରୀ ସବୁ କିଛି କରିପାରିବେ,ଏପରିକି ଦରକାର ପଡିଲେ ଭୋଟରଙ୍କ କଥାରେ ନାଚିବେ ବୋଲି କହି ପ୍ରଧାନମନ୍ତ୍ରୀଙ୍କୁ ତାଚ୍ଛଲ୍ୟ କରିଛନ୍ତି ରାହୁଲ । ରାହୁଲଙ୍କ ଏଭଳି ମନ୍ତବ୍ୟର ପାଲଟା ଜବାବ ଦେବାବକୁ ଅନାଇ ବସିଥିଲା ବିଜପି। ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କୁ ସ୍ଥାନୀୟ ଗୁଣ୍ଡା ଭାବେ ଚିତ୍ରଣ କରି ତାଙ୍କ ମନ୍ତବ୍ୟ ଭାରତୀୟ ଭୋଟରଙ୍କ ପ୍ରତି ଅପମାନ ବୋଲି ବିଜେପି ଅବିହିତ କରିଛି । ନିର୍ବାଚନ ବେଳେ ରାଜନୈତିକ ଦଳମାନଙ୍କ ଏଭଳି ବୟାନ କିଛି ନୂଆ କଥା ନୁହେଁ । ଏହାଠାରୁ ଅଧିକ ବିବାଦୀୟ ବୟାନ ଦେବାକୁ ରାଜନେତାମାନେ ପଛାଇ ନାହାଁନ୍ତି । ଭୋଟ ଗ୍ରହଣ ତାରିଖ ପାଖଉଥିବାବେଳେ ଏଭଳି ବୟାନବାଜି ଅଧିକ ଶୁଣିବାକୁ ମିଳିବ। ମାତ୍ର ରାହୁଲଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟ ଧିମାଇଥବାବେଳେ କଂଗ୍ରେସ କର୍ମୀମାନଙ୍କ ଏହା ମନୋବଳ ଫେରାଇବାକୁ ସାହାଯ୍ୟ କରିପାରେ ।

## ପ୍ରଭୁ ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ: ପ୍ରସାଦ ପାଇବାରୁ ଭକ୍ତ ବଞ୍ଚିତ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଆଜି ପୁଣି ଥରେ ଉପବାସରେ ରହିବାକୁ ପଡ଼ିଛି। ପ୍ରଶାସନିକ ବ୍ୟବସ୍ଥା ଏବଂ ସେବାତୟଙ୍କର ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହୁ ନଥିବାରୁ ଏହିଭଳି ଅଭାବନୀୟ ଘଟଣା ପୁଣି ଥରେ ଉପୁଜିଛି, ଯେଉଁଥି ପାଇଁ ଶ୍ରଦ୍ଧାଳୁଙ୍କ ମନକୁ କୁଠାରାଘାତ ଲାଗିଛି। ପବିତ୍ର କାର୍ତ୍ତିକ ମାସରେ ଏଭଳି ଅପ୍ରୀତିକର ଘଟଣାକୁ ଭକ୍ତମାନେ ତୀବ୍ର ନିନ୍ଦା କରୁଛନ୍ତି। ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ନୀତିକାନ୍ତିକୁ ଆଜି ପାଳି ଥିବା ସମର୍ଥା ନିଯୋଗ ସେବାୟତମାନେ ବନ୍ଦ କରିଛନ୍ତି। ଆଜି ସକାଳୁ ସାହାଣ ମେଳା, ସୂର୍ଯ୍ୟପୂଜା ପରେ ଦ୍ୱାରପାଳ ପୂଜା ପରଠୁ ନୀତିକାନ୍ତି ବନ୍ଦ ରହିଛି। ଫଳରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଖାଡ଼ା ଉପାସରେ ରହିବାକୁ ପଡ଼ିଛି। ମହାପ୍ରଭୁଙ୍କ ଠାରେ ଭୋଗ ଲାଗି ହୋଇ ନଥିବାରୁ ହଜାର ହଜାର ହବିଶ୍ୟାଳୀ ପ୍ରସାଦ ପାଇପାରି ନାହାଁନ୍ତି। ମନ୍ଦିର ପ୍ରଶାସନ ବିବାଦରେ ହସ୍ତକ୍ଷେପ କଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି କୁହାଯାଉଛି।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ଚୁକ୍ତିନାମାର କେନ୍ଦ୍ରୀକରଣ ଏବଂ ମିଶ୍ରଣ ଉପରେ କର୍ମଶାଳା ଅନୁଷ୍ଠିତ



ରାଉରକେଲା, ୨୯/୧୦ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷ 'ସମାଗମ' ଠାରେ ଅକ୍ଟୋବର ୨୫ ତାରିଖରେ ସେବା ବିଭାଗର ସିଜିଏମ ଇନ-ଚାର୍ଜଙ୍କ କାର୍ଯ୍ୟାଳୟ ତରଫରୁ ଚୁକ୍ତିକୁ ଅନୁକୂଳ କରିବା ଉଦ୍ଦେଶ୍ୟରେ 'ସେଲ୍ –ଆରଏସପିରେ ଚୁକ୍ତିନାମାର କେନ୍ଦ୍ରୀକରଣ / ମିଶ୍ରଣ' ଉପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଏହି ଅଧିବେଶନରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ ଅଧକ୍ଷତା କରିଥିଲେ ଏବଂ ପ୍ରତି ତ୍ରୈମାସିକରେ ଚୁକ୍ତିନାମାର ୨୫% ଏବଂ ଠିକା ଶ୍ରମିକ ୫% ହ୍ରାସ କରିବାର ଆହ୍ୱାନପୂର୍ଣ୍ଣ ଲକ୍ଷ୍ୟ ହାସଲ କରିବା ଉପରେ ଅଂଶଗ୍ରହଣକାରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି କର୍ମଶାଳାରେ କାରଖାନାର ବିଭିନ୍ନ ବିଭାଗର ସିଜିଏମ, ଏଚଓଡ଼ି, ଏଚଓଏସ ଏବଂ ଯୋଜନା ଅଧିକାରୀ ସମେତ ପ୍ରାୟ ୮୦ ଜଣ ଅଧିକାରୀ ଯୋଗ ଦେଇଥିଲେ । ଏହି କର୍ମଶାଳାକୁ ସେବା ବିଭାଗର ସିଜିଏମ୍ ଇନ-ଚାର୍ଜ ଶ୍ରୀ ଅତିଶ ଚନ୍ଦ୍ର ସରକାର ପରିଚାଳନା କରିଥିଲାବେଳେ କେନ୍ଦ୍ରୀକରଣ ଏବଂ ଚୁକ୍ତିନାମାର ମିଶ୍ରଣ ପାଇଁ ସମ୍ଭାବ୍ୟ ପଦ୍ଧତି ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ । ଏଥି ସହିତ ସେ ଦକ୍ଷତା ବୃଦ୍ଧି ଏବଂ ଖର୍ଚ୍ଚକୁ ଅନୁକୂଳ କରିବା ପାଇଁ ଯାନ୍ତ୍ରିକ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଚୁକ୍ତିଗୁଡ଼ିକୁ ବ୍ୟାପକ ରକ୍ଷଣାବେକ୍ଷଣ ଚୁକ୍ତିରେ ମିଶ୍ରଣ କରିବାର ସୁଯୋଗ ଉପରେ ମଧ ଆଲୋକପାତ କରିଥିଲେ ।

ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଇନ-ଚାର୍ଜ ଶ୍ରୀ ଏସ.ଏସ.ରାୟ ଚୌଧୁରୀ ସମାବେଶକୁ ସମ୍ବୋଧିତ କରିବା ସହିତ ମିଶ୍ରଣ ଏବଂ କେନ୍ଦ୍ରୀକରଣ ମାଧମରେ ଚୁକ୍ତିର ଏକତ୍ରୀକରଣ ପାଇଁ ଏକ ଖୋଲା ମନର ଆଭିମୁଖ୍ୟ ଗ୍ରହଣ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ପରାମର୍ଶ ଦେଇ ଥିଲେ । ଏହି ପରିପ୍ରେକ୍ଷୀରେ ମାନବ ସମ୍ବଳ (ସିଏଲସି) ବିଭାଗର ଜିଏମ ଶ୍ରୀ ଜ୍ଞାନ ରଞ୍ଜନ ଦାଶ ଠିକା ଶ୍ରମିକ ବାୟୋମେଟ୍ରିକ୍ ଉପସ୍ଥିତି ପରିଚାଳନା ବ୍ୟବସ୍ଥାରେ ଡିଜିଟାଲ୍ ପଦକ୍ଷେପ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉପସ୍ଥାପନା ପ୍ରଦାନ କରିଥିଲେ । ଏହି ମତବିନିମୟ ଅଧିବେଶନ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ବିଭାଗ ମଧ୍ୟରେ ଚୁକ୍ତି ମିଶ୍ରଣ ପାଇଁ ସମ୍ଭାବ୍ୟ କ୍ଷେତ୍ର ଚିହ୍ନଟ କରିଥିଲାବେଳେ ପରାମର୍ଶଗୁଡ଼ିକରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଦ୍ୱାରା ପରିଚାଳିତ ହେବାକୁ ଥିବା ଚୁକ୍ତି ହାରରେ ସମାନ କାମଗୁଡ଼ିକୁ ମିଶ୍ରଣ କରାଯାଇଥିଲା । କିଛି ପ୍ରସ୍ତାବିତ ବିଭାଗ ମଧ୍ୟରେ ହିଟ୍ ଏକ୍ସଚେଞ୍ଜର ସଫା କରିବା, କୁଲିଂ ଟାୱାର ଏବଂ ପ୍ରଦୂଷଣ ନିୟନ୍ତ୍ରଣ ଡିଭାଇସ ଗୁଡ଼ିକର ରକ୍ଷଣାବେକ୍ଷଣ, କ୍ରେନ୍ ଏବଂ ହୋଷ୍ଟଗୁଡ଼ିକର ବ୍ୟାପକ ରକ୍ଷଣାବେକ୍ଷଣ, ଗ୍ୟାସ୍ ଏବଂ ଉପଯୋଗୀତା ପାଇପଲାଇନର ରକ୍ଷଣାବେକ୍ଷଣ, ଭଲଭ୍ ପ୍ରତିସ୍ଥାପନ, ଇନସୁଲେସନ କାର୍ଯ୍ୟ ସହ ଅନ୍ୟ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା । ଆଇଇଡ଼ି ବିଭାଗର ଏଜିଏମ ଶ୍ରୀ ଏମ୍.ଏସ.ରାଓ ଏହି କାର୍ଯ୍ୟକ୍ରମର ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିକଶିତ ନୂଆପଡ଼ା ଗଠନ ପାଇଁ ବିଜେପି ସଂକଳ୍ପବଦ୍ଧ : ମନମୋହନ

ସମ୍ବଲପୁର/ନୂଆପଡ଼ା, ୨୯/୧୦ (ନି.ପ୍ର): ରାଜ୍ୟରେ ବିଜେପି ସରକାର ଗଠନ କରିବା ପରେ ଏହା ହେଉଛି ପ୍ରଥମ ଉପନିର୍ବାଚନ । ପୂର୍ବତନ ବିଧାୟକ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ତାଙ୍କ ପୁଅ ଜୟ ଢୋଲକିଆଙ୍କୁ ବିଜେପି ପ୍ରାର୍ଥୀ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଜନମଙ୍ଗଳ କାର୍ଯ୍ୟ ପାଇଁ ରାଜ୍ୟରେ ବିଜେପି ସରକାର ଜନସାଧାରଣଙ୍କ ଆର୍ଶୀବାଦରୁ ୫୦୦ ଦିନ ପୂରଣ କରିଛି । ବିଜେପି ଯାହା ପ୍ରତିଶ୍ରୁତି ଦିଏ ତାହା ପୂରଣ କରେ । ନିର୍ବାଚନ ପୂର୍ବରୁ ଇସ୍ତାହାରରେ ଯାହାସବୁ ଲେଖାଯାଇଥିଲା, ସରକାର ଗଠନ କରିବା ପରେ ସେସବୁ ଗୋଟିଏ ପରେ ଗୋଟିଏ ବିଜେପି ପୂରଣ କରୁଛି । ଧାନ କୁଇଂଟାଲ ପିଛା ଏବେ ୩୧୦୦ ଟଙ୍କାରେ ପହଂଚିଛି, ଯାହାକି ଚାଷୀଙ୍କ ରୋଜଗାର ବଢ଼ାଇବାରେ ସହାୟକ ହୋଇଛି । ରାଜ୍ୟ ସରକାରଙ୍କ ଇନ୍‌ପୁଟ୍ ସବ୍‌ସିଡି ଯୋଗୁଁ ୧୬ ଲକ୍ଷ ପରିବାର ଲାଭାନ୍ୱିତ ହୋଇଛନ୍ତି । ସୁଭଦ୍ରା ଯୋଜନାରେ ମହିଳାମାନେ ୩ କିସ୍ତି ପାଇସାରିଲେଣି । ଭକ୍ତଙ୍କ ଭାବାବେଗ ସହିତ ଜଡିତ ପୁରୀ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯାଇଛି । ରତ୍ନ ଭଣ୍ଡାର ଖୋଲାଯାଇଛି । ରାଜ୍ୟରେ ନୂତନ ୭୫ ହଜାର କିମି ରାସ୍ତା ତିଆରି ପାଇଁ ଏବଂ ରାଜପଥଗୁଡିକର ବିକାଶ, ପରିଚାଳନା ଓ ନିୟନ୍ତ୍ରଣ ପାଇଁ ନୂତନ ଭାବେ ରାଜ୍ୟ ରାଜପଥ ପ୍ରାଧିକରଣ ଗଠନ କରାଯାଇଛି । ୧୫ ହଜାର ହେକ୍ଟରରେ ଚାଷ ଜମିରେ ଜଳସେଚନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ବିଶେଷ କରି ଗତ ୫୦୦ ଦିନର ବିଜେପି ସରକାରରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଓଡ଼ିଶାକୁ ଆସିବା ସ୍ୱାଧୀନତାର ୭୮ ବର୍ଷ ପରେ ପ୍ରଥମ ଥର ପାଇଁ ସମ୍ଭବ ହୋଇପାରିଛି । ନୂଆପଡ଼ା ବିଧାନସଭାରେ ୧୧୦୧ କୋଟି ଟଙ୍କାରେ ବିଭିନ୍ନ ପ୍ରକଳ୍ପ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି । ଏସବୁ କ୍ରିୟାନ୍ୱୟନ କରିବା ବିଜେପି ସରକାରର ପ୍ରାଥମିକତା ହେବ । ନୂଆପଡ଼ାରେ ମେଡିକାଲ କଲେଜ ଖୋଲିବା ପାଇଁ ମଧ କେନ୍ଦ୍ରରୁ ଅନୁମୋଦନ ମିଳିସାରିଛି । ମୁଖ୍ୟମନ୍ତ୍ରୀ ନିଜେ ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେପି ନଡ୍ଡାଙ୍କ ସହ ଆଲୋଚନା କରିବା ପରେ ଏ ବିଷୟରେ ସୂଚନା ଦେଇଛନ୍ତି । ନୂଆପଡ଼ାରେ ଦାଦନ ଖଟିବା ହେଉଛି ପ୍ରମୁଖ ସମସ୍ୟା । ଏଠାକାର ଲୋକଙ୍କ ପାଖରେ ପୂର୍ବରୁ ବିକଳ୍ପ ନ ଥିବାରୁ ସେମାନେ ସ୍ତ୍ରୀ ଓ ପିଲା ଛୁଆଙ୍କୁ ନେଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ । ଏସବୁ ସମସ୍ୟାର ସମାଧାନ ପାଇଁ ବିଜେପି ସରକାର ସଂକଳ୍ପ ନେଇଛି ବୋଲି ନୂଆପଡ଼ାସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ନୂଆପଡ଼ାର ଲୋକେ ଯେପରି କର୍ମସଂସ୍ଥାନ ପାଇବେ, ଆତ୍ମନିର୍ଭର ହେବ ଓ ସ୍ୱାବଲମ୍ବୀ ହୋଇପାରିବେ ସେଥିପାଇଁ ବିଜେପି ସରକାର ଯୋଜନା କରିଛି । ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାକୁ ୧ ନଂ. ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଥିରେ ନୂଆପଡ଼ାର ପ୍ରମୁଖ ଭୂମିକା ରହିଛି । ନୂଆପଡ଼ା ବିକଶିତ ହେଲେ ଓଡ଼ିଶା ୧ ନଂ. ରାଜ୍ୟ ହୋଇପାରିବ । ବିକଶିତ ନୂଆପଡ଼ା ଗଠନ ଦଳ ପାଇଁ ଏକ ସଂକଳ୍ପ । ଏନେଇ ନୂଆପଡ଼ାର ସାମଗ୍ରିକ ବିକାଶ କରିବା ପାଇଁ ବିଜେପି କୌଣସି ପଦକ୍ଷେପ ହାତଛଡ଼ା କରିବନାହିଁ । ଏଥିପାଇଁ ଜନସାଧାରଣଙ୍କୁ ଅନୁରୋଧ କରୁଛୁ ଯେ, ସେମାନେ ଗତ ସାଧାରଣ ନିର୍ବାଚନରେ ସାଂସଦଙ୍କୁ ସର୍ବାଧିକ ଭୋଟ ଦେଇଥିଲେ, ସେହିଭଳି ଏହି ଉପନିର୍ବାଚନରେ ମଧ ବିଜେପିକୁ ସମର୍ଥନ ଦେଇ ବିକଶିତ ନୂଆପଡ଼ାର ସ୍ୱପ୍ନ ପୂରଣ କରନ୍ତୁ । ପଦ୍ମ ଚିଂହ୍ନରେ ଭୋଟ ଦେଇ ନୂଅପଡ଼ାବାସୀଙ୍କ ମୌଳିକ ସମସ୍ୟାର ସମାଧାନ କରିବାକୁ ସୁଯୋଗ ଦିଅନ୍ତୁ । ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂ ଦେଓ କହଛନ୍ତି ଯେ, ନୂଆପଡ଼ାର ଯେଉଁସବୁ ସମସ୍ୟା ବିଷୟରେ ସ୍ଥାନୀୟ ଲୋକେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ସେସବୁର ସମାଧାନ କରାଯିବ । ଏଥିପାଇଁ ଜୟ ଢୋଲକିଆଙ୍କୁ ପଦ୍ମ ଚିହ୍ନରେ ଭୋଟ ଦେଇ ବିଜୟୀ କରାଇ ଡବଲ ଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ସହଯୋଗ କରନ୍ତୁ । ଅନ୍ୟମାନଙ୍କ ମଧ୍ୟରେ ପ୍ରାର୍ଥୀ ଜୟ ଢୋଲକିଆଙ୍କ ସମେତ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ନୂଆପଡା ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ, କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ ।

# ଲୁଟେରାଙ୍କ ଲୁଟ ଉଦ୍ୟମ ପଣ୍ଡ କଲା ବସ୍ତା ପୋଲିସ

ବସ୍ତା, ୨୯/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନଳବାହାର ନିକଟରେ ଭିନ୍ନ ଢଙ୍ଗ ରେ ଲୁଟ ଉଦ୍ୟମକୁ ପଣ୍ଡ କଲା ବସ୍ତା ପୋଲିସ । ଥାନା ରେ ତିନ ଜଣ ଅଟକ । ସୂଚନା ଅନୁସାରେ ଗତକାଲି ଅପରାହ୍ନ ଚାରିଟା ସମୟରେ ବସ୍ତା, ବାଲିଆପାଳ ଏବଂ ସଦର ଥାନା ଅଞ୍ଚଳ ରେ କିଛି ଯୁବକ ମିଶି ଭୋଗରାଇ ରୁ ଏକ କାର ଭଡା ସୂତ୍ରରେ ଆଣିଥିଲେ । ପୂର୍ବ ଯୋଜନା ଅନୁଯାଇ ଭୋଗରାଇରୁ କାରରେ ଆସିଥିବା ଯୁବକ ଜଣକ ଛୋଟ ଛୋଟ ଜରି ରେ କିଛି ଅଟା ଗୁଣ୍ଡ ରଖିଥିଲା । ତେବେ ରାଜପଥ ର ନଳବହାର ଛକ ନିକଟରେ ଜଣେ ସମ୍ପର୍କୀୟ କୁ ଆଣିବା କହି ଗାଡି କୁ ଧପାକନ୍ଦ ଗ୍ରାମ ନିକଟ କୁ ନେଇଯାଇଥିଲେ । ସେଠାରେ ଚରିଜଣ ଯୁବକ ବାଇକରେ ଆସି ଗାଡିରେ ବ୍ରାଉନସୁଗାର ଅଛି କହି ଗାଡି କୁ ଅଟକ କରି ଗାଡି ମାଲିକ ସହ ଯୋଗାଯୋଗ କରି ମାଲିକ ଠାରୁ ମୋଟା ଅଙ୍କ ର ଅର୍ଥ ଦାବି କରିଥିଲେ । ଏବଂ ଡ୍ରାଇଭର ନିକଟରେ ଥିବା ପାଞ୍ଚ ହଜାର ଟଙ୍କା ନେଇଯାଇଥିଲେ । ହେଲେ ଗାଡି ମାଲିକ ଉପାୟ ନ ପାଇ ପଚିଶ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ । ଏବଂ ଡ୍ରାଇଭର ରେ ଏକାଉଣ୍ଟରେ ଡିପୋଜିଟ କରିଥିଲେ । ତେବେ ଲୁଟେରା ମାନେ ଡ୍ରାଇଭରକୁ ନେଇ ଗାନ୍ଧିଛକ ସ୍ଥିତ ଏଟିଏକୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ, କୌଣସି ସୂତ୍ରରୁ ଖବର ପାଇ ବସ୍ତା ପୋଲିସ ମାଡ଼ିବସିଥିଲା । ଏବଂ ଘଟଣା ରେ ସମ୍ପୃକ୍ତ ସଦର ଥାନା ନୀଳଦା ଗ୍ରାମର ବିଜୟ ମାଇତି (୨୮), ବସ୍ତା ଥାନା ପୋଡାପଡା ଗ୍ରାମରେ ଅମିତ ଦାସ (ଜଗା) ୩୦, ଏବଂ ବାଲିଆପାଳ ଥାନା ବଢ଼ାପାଳ ଗ୍ରାମ ର ଯଚିନ୍ଦ୍ର ଜେନା (୨୬) କୁ ୪୨୯/୨୫ ମୂଳେ ମାମଲା ରୁଜୁ କରି ଗିରଫ କରି ସାଇଣ୍ଟିଫିକ ଟିମ ରେ ସହାୟତା କ୍ରମେ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୋଜୁଛି ପୋଲିସ । ଅଭିଯୋଗକାରି ତଥା ଗାଡି ମାଲିକ ଭୋଗରାଇ ଥାନା ବାଟଗ୍ରାମ ଅଞ୍ଚଳ ରେ ପଦ୍ମଲୋଚନ ଜେନା ଙ୍କୁ ଜବତ ଅର୍ଥ ଫେରସ୍ତ ଦିଆଯାଇଥିବା ଜଣାପଡିଛି ।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍ କାର୍ଯ୍ୟକ୍ରମ

ବାରିପଦା, ୨୯/୧୦ (ନି.ପ୍ର): ରାଜ୍ୟସ୍ତରୀୟ ଅନୁଷ୍ଠାନ 'ଆହ୍ୱାନ' ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ମିଳିତ ଆନୁକୂଲ୍ୟରେ ଅକ୍ଟୋବର ୨୫ ତାରିଖ ୨୦୨୫ ବିଭାଗୀୟ ପ୍ରକୋଷ୍ଠରେ ହାୟର୍ ସେକେଣ୍ଡାରୀ ଓ କଲେଜ ବିଜ୍ଞାନଶ୍ରେଣୀ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରହିତ ଏବଂ ମାନବ କଲ୍ୟାଣ ପାଇଁ ନୂତନ ଉଦ୍ଭାବନ ଓ ଗବେଷଣା ଦିଗରେ ପ୍ରୋତ୍ସାହିତ କରିବା ଲକ୍ଷ୍ୟନେଇ ବିଜ୍ଞାନ ଭିତ୍ତିକ ଶୈକ୍ଷିକ କାର୍ଯ୍ୟକ୍ରମ 'ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ୍ -୨୦୨୫' ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ କଟକ, ଖୋର୍ଦ୍ଧା, ଜଗତସିଂହପୁର, ମୟୂରଭଞ୍ଜ ଏବଂ ରାଜଧାନୀ ଭୁବନେଶ୍ୱରର ଡିଏଭି ପବ୍ଲିକ୍ ସ୍କୁଲ୍ ଚନ୍ଦ୍ରଶେଖର ପୁର , ଡିଏଭି ପବ୍ଲିକ୍ ସ୍କୁଲ୍ କଳିଙ୍ଗନଗର , ଡିଏଭି ପବ୍ଲିକ୍ ସ୍କୁଲ୍ ପୋଖରୀପୁଟ, ଓ.ଡି.ଏମ୍. ପବ୍ଲିକସ୍କୁଲ୍ ଭୁବନେଶ୍ୱର, ଓ.ଡି.ଏମ୍. ଗ୍ଲୋବାଲ୍ ସ୍କୁଲ୍ ଭୁବନେଶ୍ୱର, ପୂର୍ଣ୍ଣଚନ୍ଦ୍ର ହାୟରସେକେଣ୍ଡରୀ ବାରିପଦା ଏବଂ ରେଭେନ୍ସା ୟୁନିଭରସିଟି କଟକ, ରମାଦେବୀ ଓମେନସ୍ ୟୁନିଭରସିଟି ଭୁବନେଶ୍ୱର, ଖ୍ରୀଏଷ୍ଟ କଲେଜ କଟକ, ନିସ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ଭୁବନେଶ୍ୱର , ଏକାମ୍ର ଡିଗ୍ରୀ କଲେଜ ଭୁବନେଶ୍ୱର , ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ ଭୁବନେଶ୍ୱର, ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ଇତ୍ୟାଦି ୧୪ଟି ଶିକ୍ଷାନୁଷ୍ଠାନର ଅନୁନ୍ୟ ୬୫ ଅଂଶଗ୍ରହଣକାରୀ ଶିକ୍ଷାର୍ଥୀ ଓ ୩୦ ମାର୍ଗଦର୍ଶକ ଅଧାପକ/ଅଧାପିକା ଭାଗନେଇ ନିଜନିଜ ପ୍ରସ୍ତୁତ ୨୩ଗୋଟି ଉଚ୍ଚକୋଟୀର ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ପ୍ରକଳ୍ପ ସମୁହ ବରିଷ୍ଠ ବୈଜ୍ଞାନିକ, ବିଜ୍ଞ ବିଚାରକମାନଙ୍କ ଦ୍ୱାରା ମୂଲ୍ୟାୟନ ଥିଲା । ଉଚ୍ଚମାଧମିକ ସ୍ତର କନିଷ୍ଠ ବିଭାଗରେ ଶ୍ରେଷ୍ଠ ବିବେଚିତ ପ୍ରଜେକ୍ଟ ଭାବେ ଡିଏଭି ପବ୍ଲିକ୍ ସ୍କୁଲ୍ ଚନ୍ଦ୍ରଶେଖରପୁର ଶୁଭଙ୍କର ଦାସଙ୍କ ପ୍ରଥମ , ରାଣା ସଂଗ୍ରାମ କେଶରୀ ଦାସ ଓ ଶୁଭଦୀପ ଘୋଷଙ୍କ ଦ୍ୱିତୀୟ ତଥା ପୂର୍ଣ୍ଣଚନ୍ଦ୍ର ହାୟରସେକେଣ୍ଡରୀ ସ୍କୁଲ୍ ବାରିପଦାର ବ୍ରହ୍ମାନନ୍ଦ ମହାନ୍ତ, ସୌମ୍ୟରଞ୍ଜନ ପ୍ରଧାନ ଓ ଆୟୁଷ କୁମାର ପ୍ରମାଣିକଙ୍କ ତୃତୀୟ ସ୍ଥାନ ଲାଭ କରିଥିଲା । ସେହିପରି ଡିଗ୍ରୀ କଲେଜମାନଙ୍କ ଭିତରେ ଏକାମ୍ର ଡିଗ୍ରୀ କଲେଜ ଭୁବନେଶ୍ୱରର ମହମ୍ମଦ୍ ଆୟାନ୍ ଓ ସଞ୍ଜୀବ କୁମାର ଦାସଙ୍କ ପ୍ରଥମ , ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ମୋନାଲିସା ପୁଟି, ସ୍ୱସ୍ତି ଦୀପ୍ତା ଗିରି ଓ ଦୀକ୍ଷାନ୍ତ ଗିରିଙ୍କ ଦ୍ୱିତୀୟ ତଥା ରେଭେନ୍ସା ୟୁନିଭରସିଟି କଟକର ବି.ସିମ୍ରାନ୍, ଆଶୁତୋଷ ପଟ୍ଟନାୟକ ଓ ବିବେକ ବିଶ୍ୱଜିତ ସାହୁଙ୍କ ତୃତୀୟସ୍ଥାନ ଲାଭ କରିଥିଲା । ଏହାବ୍ୟତୀତ କନିଷ୍ଠ ବିଭାଗର ଡିଏଭି ପବ୍ଲିକ୍ ସ୍କୁଲ୍ ପୋଖରୀପୁଟର ଆର୍ଯ୍ୟା ପାଢ଼ୀଙ୍କ ପ୍ରଜେକ୍ଟ ଏବଂ ଡିଗ୍ରୀ ବିଭାଗର ରମାଦେବୀ ଓମେନସ୍ ୟୁନିଭରସିଟିର ସିମୁନ୍ ପଣ୍ଡା, ସଫିୟା ରାଜିକ୍ ଓ ରାମକୃଷ୍ଣ ବିନାୟକଙ୍କ ପ୍ରଜେକ୍ଟ ଦୁଇଟି ବିଚାରକଙ୍କ ଦ୍ୱାରା ଏକ୍ସସାଇଟିଂ ଥଟ୍ ପୁରସ୍କାର ପାଇଁ ମନୋନୀତ ହୋଇଥିଲା । କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଏବଂ ଉଦଯାପନ ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ, ଖଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର୍ ପ୍ରଫୁଲ୍ଲ କୁମାର ମହାନ୍ତି, ସ୍ନାତକୋତ୍ତର ବିଭାଗ କାଉନସିଲର ଅଧକ୍ଷା ପ୍ରଫେସର ମୀତାଲୀ ଚିନାରା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର (ଗବେଷଣା ଓ ଉନ୍ନୟନ) ବିଭାଗ ନିର୍ଦ୍ଦେଶକ ପ୍ରଫେସର ଜୟଦେବ ଦିଣ୍ଡା ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ଦୁଇ ନିମନ୍ତ୍ରିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଆୟୋଜକ ଓ ବିଶ୍ୱ ବିଦ୍ୟାଳୟର ଭୂତତ୍ତ୍ୱ ବିଭାଗୀୟ ମୁଖ୍ୟ ପ୍ରଫେସର ନନ୍ଦିତା ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଯୁଗ୍ମ ଆୟୋଜକ, ଆହ୍ୱାନ ସଭାପତି ପଦ୍ମନାଭ ସାହୁ ଅନୁଷ୍ଠାନର ଆଭିମୁଖ୍ୟ ଏବଂ ତାଙ୍କ ସଦସ୍ୟ/ସଦସ୍ୟା ନିଷ୍ଠାର ସହ ୨୦୧୮ ମସିହାରୁ କିପରି ଶିକ୍ଷାର ଅଗ୍ରଗତି ସକାଶେ କାର୍ଯ୍ୟରତ ତା' ଉପରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଏବଂ ବରେଣ୍ୟ ଅତିଥିଗଣ ସଭାରେ ଭାଷଣ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର କୁଳପତି ପ୍ରଫେସର ଦଣ୍ଡପାଟ ଛାତ୍ରଛାତ୍ରୀ ଓ ଉପସ୍ଥିତ ଶିକ୍ଷାପ୍ରେମୀଙ୍କୁ ଉଦବୋଧନ ଦେବା ସହିତ, ରାଷ୍ଟ୍ରହିତ ଏବଂ ମାନବ କଲ୍ୟାଣ ପାଇଁ ସମର୍ପିତ ଏଭଳି କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ । ଭରସା ମଧ ପ୍ରଦାନ କରିଥିଲେ , ଶିକ୍ଷଣୀୟ ଓ ଜନକଲ୍ୟାଣ ଉପଯୋଗ ବେଜ୍ଞାନିକ କାର୍ଯ୍ୟ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଯୋଗାଇ ଆସୁଥିବା 'ଆହ୍ୱାନ'ର ଏତାଦୃଶ କାର୍ଯ୍ୟକ୍ରମ ଆୟୋଜନ ପାଇଁ ବିଶ୍ୱ ବିଦ୍ୟାଳୟ ଆଗାମୀ ଦିନରେ ବି ସହଯୋଗର ହାତ ବଢାଇବ । ସମାରୋହର ଅତିଥି ବୈଜ୍ଞାନିକ ଡଃ. ନୀଳାଦ୍ରି ରୟ, ଅତିରିକ୍ତ ନିର୍ଦ୍ଦେଶକ ଆଇ.ଟି.ଆର୍, ଡି.ଆର୍.ଡି.ଓ ଚାନ୍ଦିପୁର ବାଲେଶ୍ୱର ଏବଂ ବିଶେଷ ନିମନ୍ତ୍ରିତ ଅତିଥି ଡଃ.ନରେଶ ଚନ୍ଦ୍ର ବଳ, ଆସୋସିଏଟ୍ ପ୍ରଫେସର କିଟସ୍ ଭୁବନେଶ୍ୱର ବି ସଭାରେ ଉଦବୋଧନ ଦେଇ ଜୀବନରେ କିଛି ଭଲକାମ କରିବାକୁ ମାନସିକ ଭାବେ କିଭଳି ପ୍ରସ୍ତୁତ ହେବାକୁ ପଡିବ ଛାତ୍ରଛାତ୍ରୀଙ୍କୁ ତାର ମାର୍ଗ ଦର୍ଶନ କରାଇଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ କୀର୍ତ୍ତି କୁମାର ନାୟକ, ଆସିଷ୍ଟାଣ୍ଟ ପ୍ରଫେସର ଜିଓଲୋଜି ଏବଂ ସହଯୋଗ କରିଥିଲେ 'ଆହ୍ୱାନ' ଆବାହକ ସତ୍ୟଦୀପ ନାୟକ । ଧନ୍ୟବାଦ ଦେଇଥିଲେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡଃ ପ୍ରକାଶ ଚନ୍ଦ୍ର ମହାପାତ୍ର ।

# ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା କର୍ମଶାଳା

ପୁରୀ, ୨୯/୧୦ (ନି.ପ୍ର): ଆଜି ପୂର୍ବାହ୍ନରେ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମହିଳା ମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଆଇନ ଓ ବ୍ୟବସ୍ଥା ରହିଛି । ଏ ସମ୍ପର୍କରେ ମହିଳା ମାନଙ୍କୁ ସଚେତନ କରାଯାଇ ପାରିଲେ ନିର୍ଯ୍ୟାତନାର ଶିକାର ହେଉଥିବା ମହିଳା ମାନେ ସୁରକ୍ଷିତ ଓ ଏକ ସମ୍ମାନ ଜନକ ଜୀବନ ଯିଇଁ ପାରିବେ ବୋଲି କହିଥିଲେ । ପୋଲିସ ଡିଏସପି ତାରା ଜସ୍ମିନ ଗୁରିଆ, ସସ୍ମିତା ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଆଇନ ସହାୟତା ଅଧିକାରୀ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ମହିଳା ମାନଙ୍କ ପ୍ରତି ନିର୍ଯ୍ୟାତନା, କାରଣ ନିରାକରଣ ଓ ଆଇନ ଅନୁଯାୟୀ ରହିଥିବା ସହାୟତା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ ।

# ଭାସମାନ ଅବସ୍ଥାରେ ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଚମ୍ପୁଆ, ୨୯/୧୦ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ରଜିଆ ଗ୍ରାମରେ ପୋଖରୀରେ ଭାସୁଥିବା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ରଜିଆ ଗ୍ରାମ ଲାଗୁରୀ ସାହିର ଲକ୍ଷ୍ମଣ ମୁଣ୍ଡାଙ୍କ ସ୍ତ୍ରୀ କମଲି ମୁଣ୍ଡା (୨୮) । ଗତ କାଲି ଅପରାହ୍ନରେ କମଲି ନିକଟସ୍ଥ ଅସନବାହାଲି ସାହିକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ଆଜି ସକାଳୁ ଗ୍ରାମବାସୀ ପୋଖରୀ ତୁଠ ରେ କମଲିଙ୍କ ଚପଲ ଥୁଆ ହୋଇଥିବା ଦେଖିବା ସହ କମଲିଙ୍କ ମୃତଦେହ ପୋଖରୀରେ ଭାସୁଥିବା ଅବସ୍ଥାରେ ଦେଖିଥିଲେ । ସଙ୍ଗେ ସଙ୍ଗେ ଏ ନେଇ ଘର ଲୋକଙ୍କ ସହ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଚମ୍ପୁଆ ପୁଲିସ୍ ଘଟଣା ସ୍ଥଳରେ ପହଂଚି ପୋଖରୀରୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଶୌଚ ହେବାକୁ ଯାଇ ମହିଳା ଜଣଙ୍କ ପୋଖୋରିରେ ବୁଡି ଯାଇଥିବା ନେଇ ଅନୁମାନ କରାଯାଉଛି ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ

ପଟ୍ଟାମୁଣ୍ଡାଇ, ୨୯/୧୦ (ନି.ପ୍ର): ଯୁବକ ହେଉଛନ୍ତି ଏକ ରାଷ୍ଟ୍ରର ପ୍ରକୃତ ଶକ୍ତି କ୍ଷ ଯଦି ଯୁବକ ମାନଙ୍କ ମଧ୍ୟରେ ରାଷ୍ଟ୍ରପ୍ରୀତି ରୁହେ ତେବେ ରାଷ୍ଟ୍ରକୁ ଉନ୍ନତିର ସର୍ବୋଚ୍ଚ ସୋପାନରେ ପହଂଚାଇବାକୁ କୌଣସି ଶକ୍ତି ଅଟକାଇ ପାରିବନାହିଁ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସତବାର୍ଷିକୀ ଅବସରରେ ପଟ୍ଟାମୁଣ୍ଡାଇ ମୁନିସିପାଲିଟି ପ୍ରେକ୍ଷ୍ୟାଳୟରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଓ ପଟ୍ଟାମୁଣ୍ଡାଇ ଖଣ୍ଡ, ପଟ୍ଟାମୁଣ୍ଡାଇ ନଗରର ଯୁବକ ମାନଂକୁ ନେଇ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କଟକ ବିଭାଗ କାର୍ଯ୍ୟାବାହ ଶରତ ସେନ ଉପସ୍ଥିତ ରହି ଯୁବକ ମାନଂକୁ ରାଷ୍ଟ୍ର ପ୍ରେମରେ ନିମଗ୍ନ ହେବାକୁ ନିଜ ବକ୍ତବ୍ୟରେ କହିଥିଲେ । ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ସହ ସଂଘ ଚାଳକ ସଞ୍ଜୟ କୁମାର ପତ୍ରୀ, ଜିଲ୍ଲା କାର୍ଯ୍ୟାବାହ ବିନୋଦ ବିହାରୀ ଦାସ, ସହ କାର୍ଯ୍ୟାବାହ ସୁରେଶ ନାୟକ ଜିଲ୍ଲା ସମରସତା ପ୍ରମୁଖ ପ୍ରଦୀପ ମଲ୍ଲିକ, ଜିଲ୍ଲା ବୌଦ୍ଧିକ ପ୍ରମୁଖ ପ୍ରିୟବ୍ରତ ପରିଜା, ଜିଲ୍ଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ଗୋକୁଳ ଚନ୍ଦ୍ର ଦାଶ, ଜିଲ୍ଲା ଶାରୀରିକ ପ୍ରମୁଖ ସୁନାକର ବେହେରା, ମୁଖ୍ୟ ମାର୍ଗ ପ୍ରମୁଖ ସୁଲେଖ ପ୍ରଧାନ, ଜିଲ୍ଲା ଧର୍ମ ଜାଗରଣ ପ୍ରମୁଖ ରାଜେନ୍ଦ୍ର ଗିରି, ଜିଲ୍ଲା ସେବା ପ୍ରମୁଖ ରବୀନ୍ଦ୍ର ସେଠି, ଜିଲ୍ଲା ପ୍ରଚାର ପ୍ରମୁଖ ସୁଧାଂଶୁ ଭୂଷଣ ତ୍ରିପାଠୀ, ପଟ୍ଟାମୁଣ୍ଡାଇ ନଗର କାର୍ଯ୍ୟବାହ ବଳରାମ ମଲ୍ଲିକ, ନଗର ସମ୍ପର୍କ ପ୍ରମୁଖ ପଂଚାନନ ମାହୁନ୍ତ, ସତ୍ୟ ନାରାୟଣ ନାୟକ, ବିଜ୍ଞାନ ଭୂଷଣ ପ୍ରଧାନ, ସମରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ । ଦୁଇଶହରୁ ଅଧିକ ଯୁବକ ଏହି ସମ୍ମିଳନୀରେ ଯୋଗଦେଇ ଜାତିଭେଦରୁ ଉର୍ଦ୍ଧ୍ୱରେ ରହି ଦେଶ ମାତୃକାର ସେବା କରିବାକୁ ଶପଥ ନେଇଥିଲେ ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

ଭବାନୀପାଟଣା, ୨୮ ଅକ୍ଟୋବର (ହି.ସ.)- କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ତରଫରୁ କଳାହାଣ୍ଡି ଜିଲ୍ଲା ପରିଷଦର ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ପାଳନ କରାଯାଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ, ପୁରୁଣା ବୁସଷ୍ଟାଣ୍ଡ, ଘୋଡାଘାଟ ଛକ, ନୂଆବସଷ୍ଟାଣ୍ଡ, ଜିଲ୍ଲା କାରାଗାର ଦେଇ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ସଚେତନତା ଶୋଭାଯାତ୍ରା ପରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଏକ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ଭି.ସି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡି ଡଃ ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତନ୍ମୟ କୁମାର ଦରୱାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ି, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଉପ ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ପ୍ରଦୀପ କୁମାର ଆଇନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବକ୍ତା ଭାବେ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ । ଦେଶର ଆର୍ଥିକ, ରାଜନୈତିକ, ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ । ସମସ୍ତେ ସଚେତନ ହୋଇ ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ଏହି ଅବସରରେ ନାଗରିକ ମାନଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ । ଏଥିରେ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି ସହଯୋଗ କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁକୁର କାମୁଡାରେ ଶିଶୁପୁତ୍ର ଗୁରୁତର : କଟକ ସ୍ଥାନାନ୍ତରିତ

ଧର୍ମଶାଳା, ୨୯/୧୦ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଂଚଳରେ ଦିନକୁ ଦିନ କାମୁଡା କୁକୁରଙ୍କ ଆତଙ୍କ ବୃଦ୍ଧି ପାଇବାରେ ଲାଗିଛି । ଏହି କୁକୁର କାମୁଡାରେ ଜଣେ ଶିଶୁପୁତ୍ର ଗୁରୁତର ଆହତ ହୋଇ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି । ଗୁରୁତର ଶିଶୁ ପୁତ୍ର ଜଣକ ହେଲେ ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ରେହେମତ ନଗର ଗ୍ରାମର ମହମ୍ମଦ ସାକାବାଦଙ୍କ ୭ ବର୍ଷୀୟ ପୁଅ ମହମ୍ମଦ ଅଦନାନ୍ ବୋଲି ଜଣାପଡିଛି । ସେ ମାଆ ସହିତ ମାମୁଁ ଘର ଏହି ଥାନା ଅନ୍ତର୍ଗତ ଇସ୍ତମାପଡିଆ ଗ୍ରାମର ସେକ୍ ଆଜାଦଙ୍କ ଘରକୁ ଆସିଥିଲେ । ମାମୁଁ ଘର ମୁଖ୍ୟ ରାସ୍ତାରେ ଖେଳୁଥିବା ସମୟରେ ୧୧ ଗୋଟି କୁକୁର ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚିତ୍କାର କରିବାରୁ ମାମୁଁ ଘର ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପଂହଚି ଥିଲେ । ଲୋକଙ୍କୁ ଦେଖି ସମସ୍ତ କୁକୁର ପଳାଇ ଯାଇଥିଲେ । ଅଦନାନକୁ ଉଦ୍ଧାର କରି ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ଏଭଳି କାମୁଡା କୁକୁର ଆକ୍ରମଣ ଘଟଣାକୁ ନେଇ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସୂଚନା ଥାଉକି, ୧୫ ଦିନ ତଳେ ଏହି କୁକୁର କାମୁଡାରେ ଜଣେ ବାଇକ ଚାଳକ ଓ ଜଣେ ବାଟୋଇ ଗୁରୁତର ହୋଇ ପଡିଥିଲେ । ତେବେ ଅଂଚଳରେ ବାରମ୍ବାର କୁକୁର କାମୁଡା ଘଟଣାକୁ ନେଇ ସାଧାରଣରେ ଭୟର ବାତାରଣ ସୃଷ୍ଟି ହୋଇଛି ।

# ନୂଆପଡ଼ାରେ ବିଜେପି ପକ୍ଷରୁ ଆଦିବାସୀ ସମାଜ ସମ୍ମିଳନୀ

ସମ୍ବଲପୁର/ନୂଆପଡା, ୨୯/୧୦ (ନି.ପ୍ର): ନୂଆପଡା ବିଧାନସଭା ଉପନିର୍ବାଚନରେ ବର୍ତ୍ତମାନ ପ୍ରଚାର ଜୋର୍ ଧରିଲାଣି । ଆଜି ବିଜେପି ପକ୍ଷରୁ ସରାବୋଙ୍ଗ ପଂଚାୟତ ଅଧିନସ୍ଥ ଭଇଁସମୁଣ୍ଡି ଗ୍ରାମ ଠାରେ ଏକ ଆଦିବାସୀ ସମାଜ ସମ୍ମିଳନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଖାଦ୍ୟ ଯୋଗାଣ ଓ ଖାଉଟି ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗଦେଇ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆଦିବାସୀ କଲ୍ୟାଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଏହା ସହିତ ନୂଆପଡ଼ାକୁ ଏକ ବିକଶିତ ଓ ଦାଦନ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କରିବା ପାଇଁ ଭୋଟ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମମତା ମହନ୍ତ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ସାଂସଦ ଡଃ. ପ୍ରଭାସ ସିଂ, ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ପୂର୍ବତନ ବିଧାୟିକା କୁସୁମ୍ ଟେଟେ, ଖମସିଂ ମାଝୀ, ହୋମସିଂ ମାଝୀ, ଲାଲସିଂ ମାଝୀ, ଭଗତ ରାମ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାରାବାହିକ:

ଭାଗ-୨୦

# ସଂକ୍ଷିପ୍ତ ଭାଗବତ କଥାମୃତ

### ୧୦ମ ସ୍କନ୍ଧ, ଗୋପଲୀଳା



**ଡ. ଶ୍ରୀହରି ପଣ୍ଡା**



ଶୁଣିଲେ ତୁ ମଧ୍ୟ ଦୁଃଖିତ ହେବୁ । ଆମପରି ତୋ ଚକ୍ଷୁରୁ ମଧ୍ୟ ଲୋତକର ଧାର ବୋହିବ । ଆମ ଦୁଃଖରେ ପଥର ପାଣି ହୋଇଯାଉଛି ହେଲେ ସେ ନିଷ୍ଠୁରର ଛାତି ପଥର ଭଳି ଟିକିଏ ଦ୍ରବିତ ହେଉନାହିଁ । ଦିନେ ସେ ଯମୁନାତଟେ କଦମ୍ବ ମୂଳରେ ଥାଇ ଗଭୀର ନାଶାକାଳରେ ବେଣୁବାଦନ କଲେ । ସେ ସ୍ୱରରେ କି ଯାଦୁ ଥିଲା କେଜାଣି ଆମ ସମସ୍ତଙ୍କୁ ଉଚ୍ଚାଟ କରିବାରୁ ଆମେ ସ୍ୱାମୀ, ସନ୍ତାନ, ଘର ସବୁ ତ୍ୟାଗକରି ବାୟାଣୀ ଭଳି ଧାଇଁ ଆସିଲୁ । ଆଗ ସେ ଆମ ସହିତ ରଙ୍ଗ ରସ କରି ମନ ପରୀକ୍ଷା କଲା । ତାପରେ ଏକାସାଙ୍ଗରେ ଆମ ସମସ୍ତଙ୍କୁ ଅଙ୍ଗସଙ୍ଗ ଦାନକରି ଅଧର ସୁଧାପାନ କରାଇ ସ୍ୱର୍ଗସୁଖ ପ୍ରଦାନ କଲା । ଆମର ଶରୀର, ମନ, ପ୍ରାଣ ସବୁକିଛି ଅଧିକାର କରିନେଲା । ଆମେ ତାହାରି ପ୍ରେମରେ ପାଗଳୀ ହେଲୁ ହେଲେ ଦିନେ ହଠାତ୍ କାହାକୁ କିଛି ନ କହି ମଥୁରା ଚାଲିଗଲା । ଗଲା ଯେ ଗଲା ଆଉ ଫେରିଲାନି, ଠିକ ତୁ ଯେପରି ପୁଷ୍ପରୁ ମଧୁ ନେଇ ତାକୁ ଛାଡି ଚାଲିଯାଉ । ମଧୁ ଆସ୍ୱାଦନ ପୂର୍ବରୁ ତୁ ପୁଷ୍ପ ପାଖରେ ଗୁଣୁ ଗୁଣୁ ହେଲା ଭଳି ତାକୁ ବି ମଧୁର ମନମୋହକ କଥା କହି ଆସେ । ସେଇଥିପାଇଁ ତ ମଧୁର କଥା କହି ଲକ୍ଷ୍ମୀଙ୍କ ମୁହଁକୁ ସେ ବାନ୍ଧିପକାଇଛି । ତେଣୁ କମଳା ତାକୁ କ୍ଷଣେ ଛାଡିନପାରି ତାର ଆଜ୍ଞାକାରିଣୀ ଦାସୀ ରୂପେ ସର୍ବଦା ତା ନିକଟରେ ଅଛି । ହେ ମଧୁପ ଏବେ ତୁ ଆମ ପାଖରୁ ଯାଆ, ଆମର କିଛି ନାହିଁ ତୋତେ ଉପହାର ଦେବାକୁ ? ଆମେ ତ ଦୁଃଖୀ, ଘରଦ୍ୱାର ନାହିଁ ବନବାସିନୀ ଆମେ । ଆମ ଆଗରେ ତୁ ସେ ହଟିଆ କାହ୍ନୁର ଗୁଣଗାନ କାହିଁ କରୁଛୁ ? ତୁ ଏବେ ମଥୁରା ଯାଇ ସେଠାରେ ତାର ଗୁଣଗାନ କରିବୁ । ତା ଗୁଣ ତ ଅସରନ୍ତି ପୁଣି ମଧୁଠାରୁ ବି ମଧୁର । ତାର ରୂପମାଧୁରୀ ଓ ମଧୁର ହସ, କଟାକ୍ଷକୁ ଦେଖି ମଥୁରା ନାରୀମାନେ ତ ତା ଚରଣରେ ଲୋଟୁଥିବେ, ଲକ୍ଷ୍ମୀଙ୍କ ପରି ଦାସୀ ତୂଲ୍ୟ ଖଟୁଥିବେ; ମାତ୍ର ଆମେ ତାକୁ ଭଲ କରି ଚିହ୍ନିଛୁ । ସେ କିପରି ଠକ, ଦୁଷ୍ଟ । ପ୍ରଥମେ ଆପଣାର କରି ପଛକୁ ଛାଡିଦିଏ । ତାର ଗୁଣ ଯାଇ ମଥୁରା ନାରୀଙ୍କୁ କହ । ସେମାନେ ତାକୁ ଚିହ୍ନି ନାହାନ୍ତି ତା ପ୍ରେମରେ ପଡିଯିବେ, ଦେଖିବୁ ତାଙ୍କୁ ବି ଦିନେ ଠକିଦେଇ ଆଉ କୁଆଡେ ଚାଲିଯିବେ । ସେମାନେ ସେତେବେଳେ ଆମ ଭଳି କାନ୍ଦୁଥିବେ, ମାୟା ଲଗାଇ ପରେ କନ୍ଦାଇବା ତାର ଅଭ୍ୟାସ । ରେ ଅଜ୍ଞାନ, ଏବେ ମୋ ଚରଣ ଛାଡ, ସେମାନଙ୍କୁ ଯାଇ ସତର୍କ କରିଦେ । ବ୍ୟାଧ ଯେପରି ମନୋହର ସ୍ୱର ଧ୍ୱନିର ସାହାଯ୍ୟରେ ମୃଗଙ୍କୁ ଆକୃଷ୍ଟ କରି ଶରବିଦ୍ଧ କରେ ଏବଂ ସେମାନେ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି ଆମ ଅବସ୍ଥା ଠିକ ସେହିପରି । ତାର ସୁମଧୁର ଅଙ୍ଗ ସୌରଭ ଦ୍ୱାରା ବୃନ୍ଦାବନର ଲତାକୁଞ୍ଜ ଏବେ ମଧ୍ୟ ଆମୋଦିତ ହେଉଛନ୍ତି । ତାର ସମ୍ଭୋଗର ସ୍ୱାକ୍ଷର ଏବେ ମଧ୍ୟ ଆମ ଦେହ ଧାରଣ କରିଛି । ଅଥଚ ସେ ଆମ ପାଖରେ ନାହିଁ । କହୁ କହୁ ଗୋପୀକା କାନ୍ଦିକାନ୍ଦି ଅଚେତ ହୋଇଗଲା ପୁଣି ଚେତାପାଇ କହିଲା, ହଁ କାହିଁକି ବା ସେ ଆମକୁ ଛାଡିନଯାଆନ୍ତା ? ଆମେ କଣ ତାର ଯୋଗ୍ୟ ! ତ୍ରିଲୋକର ଅନ୍ନଦାତ୍ରୀ ଯାହାର ପାଦସେବା କରନ୍ତି ସେ ବା କାହିଁକି ଆମଭଳି ଗୋପାଲୁଣୀକୁ ପଚାରିବ ? ଆମର ପୂର୍ବଜନ୍ମର ସୁକୃତ ପାଇଁ ତାକୁ କିଛି ଦିନ ପାଇଥିଲୁ । ଏହି ଦୀନହୀନ ଗୋପାଲୁଣୀଙ୍କ ଉପରେ ଦୟାକରି ଦୁର୍ଲଭ ସୁଖ ପ୍ରଦାନ କରି ଶେଷରେ ନିସ୍ୱ କରିଦେଇ ଛାଡିଗଲା । ସେହି କଥା ମନରେ ଘା ହେଉଛି ଯାହା ମଲେ ଯାଇଁ ଶେଷ ହେବ । ହେ ମଧୁପ, ତୁ ତ ବାହାରର ଦୂତ, ତେଣୁ ଗୁଣୁ ଗୁଣୁ ଶବ୍ଦକରି ଚାଟୁ ବଚନ କହିବାରେ, ପଦଧାରଣ କରିବାରେ ତୁ ତୋର ପ୍ରଭୁପରି ବେଶ ପଟୁ, ଅଭ୍ୟସ୍ତ, ଆମେ ଏ କଥା ଜାଣିଗଲୁଣି, ତେଣୁ ତୋ କଥାରେ ଭୁଲିବୁ ନାହିଁ । ତୋ ପ୍ରଭୁର ନିଷ୍ଠୁରତା ଜଗତ ବିଦିତ । କପିରାଜ ବାଳିକୁ ଲୁଚିଛପି ବ୍ୟାଧପରି ବଧକଲା । ସୂର୍ପଣେଖା ତାର ଅପୂର୍ବ ସୁନ୍ଦର ରୂପକୁ ଦେଖି ମୋହିତ ହୋଇଯିବାରୁ ଭାଇକୁ ଲଗାଇ ନାକ, କାନ କାଟି ପକାଇଲା । ସତୀ, ସାଧ୍ୱୀ ନିରୀହ ଧର୍ମପତ୍ନୀକୁ ପ୍ରଜାରଞ୍ଜନ ନାମରେ ବନକୁ ପଠାଇଦେଲା ତ ବଳିକୁ ବରୁଣପାଶରେ ବାନ୍ଧି ପକାଇଲା । ତାର ନିଷ୍ଠୁରତା କଥା ସମସ୍ତଙ୍କୁ ଜଣା । ତଥାପି ମଧୁପରେ ଆମ ପ୍ରିୟତମ କୃଷ୍ଣ କରୁଣାସାଗର । ଦୀନ, ଦୁଃଖୀ, ଅସହାୟ ପ୍ରତି ତାର ବହୁତ କରୁଣା । ଆମେ ଯେଉଁ ଯନ୍ତ୍ରଣା ପାଉଛୁ ସେଥିପାଇଁ ଆମେ ଦାୟୀ ତାର କିଛି ଦୋଷନାହିଁ । ଏତେ ସ୍ନେହ, ମମତା ଲଗାଇ ଶେଷରେ ଆମକୁ ଛାଡି ଦେଇଗଲା ତାହା ଆମର କପାଳ ଲିଖନ । ସେ ଯେଉଁଠି ଥାଉ ଭଲରେ ଥାଉ ଏହା ହିଁ କାମନା । ଆଚ୍ଛା ଭ୍ରମର କହିଲୁ ଆମ କାହ୍ନୁ ଭାଇ ବଳରାମ ସହ ଭଲରେ ଅଛି ତ ! ତାର ପିତାମାତା ନନ୍ଦ,ଯଶୋଦା କି ଆମ କଥା କେବେ କହିବାର ତୁ ଶୁଣିଛୁ ? କେବେ ଏଠାକୁ ଆସିବେ ବୋଲି କହୁଥିଲେ କି ? କେବେ ତାର ସେହି ସୁନ୍ଦର ବାହୁବେଷ୍ଟନୀରେ ନେଇ ଆମକୁ ଅଧରସୁଧା ପାନ କରାଇବ କି ? ସତରେ କଣ ଆମ ବିରହର ଅବସାନ ହେବ ।

ଶ୍ରୀଶୁକଦେବ କହିଲେ, ହେ ରାଜା ! ଗୋପୀମାନଙ୍କର ଏପରି ପ୍ରେମାନୁରାଗ ଦର୍ଶନ କରି ଉଦ୍ଧବ ଅତ୍ୟନ୍ତ ବିସ୍ମିତ ଓ ଉଲ୍ଲସିତ ହେଲେ । ସେ ସମସ୍ତଙ୍କୁ ସାନ୍ତ୍ୱନା ଦେଇ କହିଲେ, ଆଗୋ ପରମ ଭାଗ୍ୟବତୀ ଦେବୀବୃନ୍ଦ, ତୁମମାନଙ୍କ ଜୀବନ ଧନ୍ୟ । ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ତୁମ ପ୍ରେମର ପଟାନ୍ତର ନାହିଁ । ପ୍ରଭୁଙ୍କ ପ୍ରତି ତୁମର ସମର୍ପଣ ଦେବତାମାନଙ୍କ ଦ୍ୱାରା ମଧ୍ୟ ଅନୁକରଣୀୟ । ଦାନ, ଧ୍ୟାନ, ଜପ, ତପ, ଯଜ୍ଞ, ବେଦାଧ୍ୟୟନ ଆଦିରେ ଭଗବତ ଭକ୍ତି ପ୍ରାପ୍ତ ହୋଇଥାଏ ମାତ୍ର ତୁମ ପ୍ରେମଭକ୍ତି ଅନନ୍ୟ, ଅସାଧାରଣ ଓ ସର୍ବୋ ମ । କଳ୍ପଯୋଗୀ ଋଷି ତପସ୍ୱୀମାନଙ୍କ ପକ୍ଷରେ ମଧ୍ୟ ଏହି ପରମ ପ୍ରେମଭକ୍ତି ଦୁର୍ଲ୍ଲଭ, ଦୁଷ୍ପ୍ରାପ୍ୟ । ତୁମେମାନେ ବିଶ୍ୱବ୍ରହ୍ମାଣ୍ଡର ପୂଜ୍ୟା । ମୋର କେଉଁ କଳ୍ପର ପୁଣ୍ୟ ଫଳରେ ପ୍ରଭୁ ଶ୍ରୀକୃଷ୍ଣ ତୁମ ନିକଟକୁ ପ୍ରେରଣ କରିବା ଫଳରେ ତୁମ ମାନଙ୍କର ଦର୍ଶନ ଲାଭକରି ନିଜକୁ କୃତାର୍ଥ, ଧନ୍ୟ ମନେ କରୁଛି । ତୁମମାନଙ୍କର ପ୍ରିୟ ପ୍ରଭୁ ତୁମ ନିକଟକୁ ଯେଉଁ ସନ୍ଦେଶ ପଠାଇଛନ୍ତି ତାହା ମୁଁ ପାଠ କରୁଛି । ତୁମେମାନେ ଯେଉଁପରି କୃଷ୍ଣଗତ ପ୍ରାଣ ସେ ମଧ୍ୟ ସେହିପରି ଗୋପୀଗତ ପ୍ରାଣ । ତୁମମାନଙ୍କର ନିର୍ମଳ ପ୍ରେମରଣରେ ଋଣୀ ପ୍ରଭୁ ଶ୍ରୀକୃଷ୍ଣ । ତୁମେମାନେ ତାଙ୍କୁ ହୃଦୟରେ ଧାରଣ କଲାପରି ସେ ମଧ୍ୟ ତୁମକୁ ଧାରଣ କରିଛନ୍ତି । ସେ କହିଛନ୍ତି, ମୋର ପ୍ରିୟବତୀ ଗୋପାଙ୍ଗନାବୃନ୍ଦ, ତୁମର ମୋର ବିଚ୍ଛେଦ କଦାପି ସମ୍ଭବ ହୋଇନପାରେ । ମୁଁ ସର୍ବ ପ୍ରାଣୀର ପ୍ରାଣସ୍ୱରୂପ । ସର୍ବ ଘଟାଶ୍ରୟୀ ଆତ୍ମା, ତେଣୁ ମୁଁ ଦୂରରେ ଥିଲେ ମଧ୍ୟ ତୁମର ଅତି ନିକଟରେ ଅଛି ବୋଲି ଜାଣିବ । ସଂସାରର ପ୍ରତ୍ୟେକ ଭୌତିକ ସ ରେ ମୁଁ ପ ମହାଭୂତ, ପ ତନ୍ମାତ୍ରା, ଏଗାର ଇନ୍ଦ୍ରିୟ, ଚି , ବୁଦ୍ଧି, ଅହଂକାର-ଏପରି ଚବିଶ ତ ସହିତ ଅବସ୍ଥାନ କରି ତ୍ରିଗୁଣୀ ମାୟା ଦ୍ୱାରା ସୃଜନ, ପାଳନ ଓ ସଂହାର କରିଥାଏ । ଆତ୍ମା ମୋର ଅଂଶ ହେତୁ ଏହି ମାୟା ତାକୁ ସ୍ପର୍ଶ କରିପାରେ ନାହିଁ । ମାୟାର ତିନି ବୃ ହେଲା- ସୁସୁପ୍ତି, ସ୍ୱପ୍ନ ଓ ଜାଗୃତି । ଏହାର ଦ୍ୱାରା ସେହି ଅଖଣ୍ଡ, ଅନନ୍ତ ବୋଧ ସ୍ୱରୂପ ଆତ୍ମା କେବେ ପ୍ରାଜ୍ଞ, କେବେ ତେଜସ ଓ କେବେ ବିଶ୍ୱରୂପରେ ପ୍ରତୀତ ହୁଏ । ଇନ୍ଦ୍ରିୟ ଆବଶ୍ୟକତା ହେତୁ ମନୁଷ୍ୟ ଚିନ୍ତା କରୁଥିବା ବସ୍ତୁ ସ୍ୱପ୍ନରେ ଦୃଷ୍ଟ ବା ପ୍ରାପ୍ତ ହେଲେ ମଧ୍ୟ ତାହାର ଯେପରି ବାସ୍ତବତା ବା ସତ୍ୟତା ନାହିଁ ସେହିପରି ଆପାତତଃ ପରିଦୃଶ୍ୟମାନ ବା ପ୍ରତୀୟମାନ ଆତ୍ମାର ବିଷୟ ସଂଯୋଗ ସତ୍ୟ ନୁହେଁ । ତାହା ସ୍ୱପ୍ନ ତୁଲ୍ୟ ଅଳୀକ ବା ମିଥ୍ୟା । ମନୁଷ୍ୟର ହୃଦୟରେ ଏହି ଦିବ୍ୟ ଜ୍ଞାନ ଜାତହେଲେ ତାକୁ ସଂସାର ମାୟା ସ୍ପର୍ଶ କରିପାରେନାହିଁ । ସେ ମୋତେ ସର୍ବବ୍ୟାପୀ ରୂପେ ସର୍ବତ୍ର, ସର୍ବଘଟରେ ଦର୍ଶନ କରି ସମଦର୍ଶୀ ହୋଇଯାଏ । ତାର ଭେଦାଭେଦ ଭାବ ଦୂର ହୋଇଯାଏ । ସମସ୍ତ ପୂଜା, ଅର୍ଚ୍ଚନା କେବଳ ମୋହରି ପ୍ରାପ୍ତି ନିମି ଉଦ୍ଦିଷ୍ଟ ଜାଣି ଲକ୍ଷ୍ୟସ୍ଥଳ ଏକମାତ୍ର ମୋତେ ଜାଣି ମୋର ପ୍ରାପ୍ତିରେ ଲାଗିଯାଏ । ହେ ଗୋପାଙ୍ଗନାବୃନ୍ଦ, ତୁମେମାନେ ମୋର ଏକାନ୍ତ ପ୍ରିୟ, ଜନ୍ମ ଜନ୍ମାନ୍ତରର ସଙ୍ଗିନୀ । ତୁମେମାନେ ମୋର ମାୟାର ଉର୍ଦ୍ଧ୍ୱରେ ରହି ମୋତେ ଅନ୍ତରେ ବାହାରେ ପ୍ରାପ୍ତ ହୋଇଛ । ତେଣୁ ତୁମପାଇଁ ମୋର ଦୂର ନିକଟ ସ୍ଥିତି ସମାନ । ମୁଁ ଏହା ଜାଣେ ଯେ ମୁଁ ଦୂରରେ ଥିଲେ ମଧ୍ୟ ତୁମେମାନେ ମୋତେ ତୁମ ହୃଦୟରେ ଧରି ରଖିଛ । ପ୍ରିୟତମା ପତ୍ନୀର ମନ ପ୍ରବାସୀ ସ୍ୱାମୀ ନିକଟରେ ଥିବାପରି ମୁଁ ତୁମ ନିକଟରେ ଥିଲେ ହୁଏତ ତୁମର ମନ, ଧ୍ୟାନ ନିଶ୍ଚଳ ଭାବରେ ରହିନଥାନ୍ତା । ମାତ୍ର ଦୂରେ ଥିବାରୁ ତୁମମାନଙ୍କର ନିଶ୍ଚଳ ଭକ୍ତି ତୁମ ହୃଦୟରେ ଥିବା ଭଳି ମୋ ହୃଦୟରେ ମଧ୍ୟ ତୁମେମାନେ ଅଛ । ହେ ମୋର ପ୍ରାଣସ୍ୱରୂପା, ଶେଷକାଳରେ ଆମେ ପୁଣି ଏକାକାର ହେବା । ରାସଲୀଳାରେ ନିଜ ସ୍ୱାମୀର ବାରଣ ପାଇଁ ଆସିପାରିନଥିବା ଗୋପବାଳାର ପ୍ରାଣ ଛାଡିଯାଇ ମୋହରିଠାରେ ଲୀନ ହେବାପରି ଶେଷକାଳରେ ତୁମମାନଙ୍କ ସହିତ ମୋର ନିଶ୍ଚିତ ମିଳନ ହେବ । ନୈରାଶ୍ୟର କୌଣସି କାରଣ ନାହିଁ, ତୁମେମାନେ ମନରେ ଦୁଃଖ କରିବ ନାହିଁ । ନିଜର ପ୍ରିୟ ପ୍ରଭୁଙ୍କର ବା । ଉଦ୍ଧବ ମୁଖରୁ ଶ୍ରବଣ କରି ଗୋପୀମାନେ ଉଲ୍ଲସିତ ହେଲେ ଓ ହୃଦୟ ମଧ୍ୟରେ କୃଷ୍ଣ ମିଳନ ସୁଖକୁ ଉପଲବ୍ଧି କରୁ କରୁ ପୁଲକିତ ହୋଇ ଉଠିଲେ । ଏହାପରେ ଉଦ୍ଧବଙ୍କୁ ସମ୍ବୋଧନ କରି କହିଲେ, ହେ ଉଦ୍ଧବ, ଅତ୍ୟନ୍ତ ସୌଭାଗ୍ୟର ବିଷୟ ଯେ ଯଦୁବଂଶୀମାନଙ୍କୁ ଅତ୍ୟାଚାର କରୁଥିବା କଂସାସୁରକୁ ତାର ଅନୁଚର ସହ ଆମ ପ୍ରିୟ ବଧ କରି ପିତାମାତାଙ୍କ ସହ ସର୍ବ କୁଶଳରେ ଅଛନ୍ତି । ପୁଣି ପଚାରିଲେ, ଆଚ୍ଛା ସେ ଆମକଥା କେବେ ମନେ ପକାନ୍ତି କି ? ପ୍ରସଙ୍ଗ କ୍ରମେ ସେ ଆମକଥା ମନେ ପଚାରନ୍ତି ନା ମଥୁରା ନାରୀଙ୍କ ମେଳରେ ରହି ଆମକୁ ପାଶୋରି ଦେଇଛନ୍ତି । ମଥୁରାନାରୀମାନେ କଣ ତାଙ୍କୁ ଆମପରି ସ୍ନେହ କରନ୍ତି ? ଆମପରି ଶରୀର, ମନ, ପ୍ରାଣ ସବୁ ଅର୍ପଣ କରିଦେଇଛନ୍ତି ? ଜଣେ ଗୋପୀ କହିଲା ଆମ ଶ୍ୟାମ ପରା ପ୍ରେମ ମୋହିନୀ କଳାରେ ବିଶେଷଜ୍ଞ । ତାଙ୍କର କନ୍ଦର୍ପ ଜିଣି ରୂପମାଧୁରୀ, ଦରସ୍ମିତ ବଦନ-ସରୋଜ, ବାଙ୍କଚାହାଣୀ, ଅମୃତ ବଚନ ଶୁଣି କେଉଁ ନାରୀ ତାର ଚରଣରେ ସର୍ବସ୍ୱ ଅର୍ପଣ ନକରିବ ! କେହି କହିଲା, ଆମ ସହିତ ରାସକ୍ରୀଡା ରାତ୍ରର କଥା ତାଙ୍କର ମନେ ଅଛି ? ସେହି କଥାକୁ ମନେ ପକାଇ ଆମେମାନେ ବ ଛୁ ନଚେତ କେବେଠାରୁ ମରି ସାରନ୍ତୁଣି । ସତରେ ସେ କଣ ଆସିବେ, ଆମର ଜୀବନ୍ମୃତ ଶରୀରରେ ପ୍ରାଣ ସ ାର କରିବେ ? କିଏ କହିଲା ସେ ତ ଶତ୍ରୁ ସଂହାର କରି ରାଜ୍ୟ ସମ୍ପଦ ଲାଭ କଲେଣି,ସମସ୍ତେ ତାଙ୍କର ଅଧୀନସ୍ଥ ସେବାକାରୀ, ଏବେ ସେ ବଡ ରାଜାର କନ୍ୟା ବିଭାକରି ଯାଦବ ବଂଶର ଶୋଭା ବର୍ଦ୍ଧନ କରିବେ ଓ ରାଣୀମାନଙ୍କ ସହ କାଳାତିପାତ କରିବେ । ସହଜେତ ଲକ୍ଷ୍ମୀ ତାଙ୍କର ସେବିକା, ଏଣୁ ଆମପରି ବନବାସିନୀ, ଗୋପାଳୁଣୀକୁ କାହିଁକି ମନେ ରଖିବେ, କାହିଁକି ଏଠାକୁ ଆସିବେ ? ଆମ ବିନା ତାଙ୍କର କେଉଁ କାମ ଅଟକିଯିବ କି ? ପ୍ରକୃତରେ ଉଦ୍ଧବ ଆମେ ବଡ ଅଭାଗୀ ନଚେତ ତାଙ୍କ ବିରହରେ ନା ଆମେ ବ ପାରୁଛୁ ନା ମରିପାରୁଛୁ । ଦେଖ ଇଏ ସେହି ଯମୁନା ନଦୀ, ଯେଉଁଥିରେ ସେ ଆମ ସହ କ୍ରୀଡା କରୁଥିଲେ । ଏହି ଗୋବର୍ଦ୍ଧନ ଉପରେ ବସି ବଂଶୀବାଦନ କରୁଥିଲେ । ଏହି ବୃନ୍ଦାବନରେ ରାତ୍ରରେ ରାସ ରଚିଥିଲେ । ଏଇଠାକୁ ହିଁ ଗୋବତ୍ସମାନଙ୍କୁ ଚରଇବାକୁ ପ୍ରତ୍ୟହ ନେଇ ଯାଉଥିଲେ । ତାଙ୍କର ସେହି ଅପୂର୍ବ ବଂଶୀର ସ୍ୱନ ଏବେ ବି ଆମ କାନରେ ପ୍ରତିଧ୍ୱନିତ ହେଉଛି । ଏବେ ମଧ୍ୟ ଗୋପପୁର ବୃନ୍ଦାବନ ତାଙ୍କର ଧ୍ୱଜ, ବଜ୍ର, ପଦ୍ମ, ଅଙ୍କୁଶ ଲାଞ୍ଛିତ ସୁନ୍ଦର ପଦଚିହ୍ନକୁ ତାର ବକ୍ଷରେ ଧାରଣ କରି କୃତାର୍ଥ ହୋଇଛି । ସେ ଆମ ଅନ୍ତର ବାହାରେ ବିଦ୍ୟମାନ ରହି ଆମକୁ କନ୍ଦାଉଛନ୍ତି ତ କେତେବେଳେ ହସାଉଛନ୍ତି ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

## ସମ୍ପର୍କର ରଙ୍ଗ

# ମିଛ ପ୍ରଶଂସାରେ ବଶୀଭୂତ



**ଶ୍ୱେତା ରାଉତ୍**

କଳିଯୁଗର ଗୋଟେ ପ୍ରମୁଖ ଗୁଣ ଦେଖିବାକୁ ମିଳେ'ମିଛ କହିଲେ ମିତ୍ର, ସତ କହିଲେ ଶତ୍ରୁ' । ଈଶ୍ୱର ମଣିଷ ଶରୀରରେ ଏତେ ଅଙ୍ଗ ଖଞ୍ଜି ଦେଇଛନ୍ତି, ସମଗ୍ର ଶରୀରର ହାଡ, ମାଂସ ଯେତେ ଶକ୍ତିଶାଳୀ ହେଉନା କାହିଁକି ହାଡ ନଥିବା ଛୋଟିଆ ଜିଭରେ ଏତେ ଶକ୍ତି ଅଛି ଆପଣଙ୍କ ସବୁ ହାଡକୁ ଚୁନା କରିଦେବ । ଖାଲି ହାଡ ନୁହେଁ ହୃଦୟକୁ ଚୁନା କରିବା, ମନକୁ ମାରିଦେବାର ଶକ୍ତି ବି ଜିଭ ପାଖରେ ଅଛି । ଜିଭ ତାର ଲାଳସା ଦ୍ୱାରା ଶରୀରକୁ ନଷ୍ଟ କରି ମୃତ୍ୟୁ ବି ଦେଇପାରେ । ଜିଭକୁ ମଣିଷ ସହଜେ ଆୟତ କରିପାରେନାହିଁ । ଆଜିକାଲି ଏ ଜିଭ ଦ୍ୱାରା ଆସୁଥିବା ମିଛ ପ୍ରଶଂସା ପଛରେ ଆମେ ସମସ୍ତେ ଅନ୍ଧ ଭଳି ଧାଉଁଛେ । ଆଉ କିଏ ଯଦି ସତରେ ଆମର ତୃଟି କହି ଦେଉଛି,ଆମେ ତାକୁ ନିଜଠୁ ଦୂରେଇ ଦେଉଛେ, ମୋବାଇଲରେ ବ୍ଲକ୍ କରିଦେଉଛେ ।

ଘରେ ଘରେ ଦେଖାଯାଉଥିବା ସମ୍ପର୍କର ବାଦ ବିବାଦ, ଲଢେଇ, କଳହ, ଆରୋପ-ପ୍ରତ୍ୟାରୋପ ଭିତରେ ଯେତେବେଳେ ଗୋଟେ ପରିବାରରେ ଜଣେ ଅନ୍ୟକୁ ବିରୋଧ କରିବା, ନିନ୍ଦା କରିବାକୁ ପଛାଉ ନାହାନ୍ତି, ସେଠି ସତରେ କଣ ବାହାର ଲୋକମାନେ ଆମକୁ ଏତେ ପ୍ରଶଂସା କରିଦିଅନ୍ତି ?ନା କେବଳ ଔପଚାରିକ ବନ୍ଧୁତ୍ୱ ପାଇଁ ପ୍ରଶଂସା କରିବାକୁ ପଡେ, ଭିତରେ ପଛେ ଈର୍ଷା ଅସୂୟା, ଘୃଣା, ନିନ୍ଦା ଓ କୁତ୍ସା ରଟନା ଭରିଥାଉ ।ଆମେ କଣ ବାସ୍ତବିକ ସତ୍ୟ ଜାଣିବାକୁ ଅନଭିଜ୍ଞ ନା ମିଛ ପ୍ରଶଂସାର ମୋହରେ ଆନନ୍ଦିତ ?

ଯେଉଁ ଲୋକ ଆପଣଙ୍କୁ ଭୋକରେ ରହିବା ଦେଖି ଆହା କରୁଥିବେ, ଆପଣଙ୍କୁ କେବେ ଭଲ ଖାଇବାର ଦେଖିଲେ ଖୁସି ହେବେନାହିଁ ବରଂ ଈର୍ଷା କରିବେ । ଯେଉଁ କଳା ଆପଣଙ୍କ ଠାରେ ଥିବ ଅନ୍ୟଠାରେ ନଥିବ, ସେ ଆପଣଙ୍କୁ ଔପଚାରିକ ହସଟିଏ ହସି ପ୍ରଶଂସା କରିପାରେ, କିନ୍ତୁ ଭିତରେ ଈର୍ଷାରେ କଳୁଥିବ । ଯେଉଁ ଠେଲା ଗାଡ଼ି ଦୋକାନୀଠୁ ଜଣେ ଦଶ ଟଙ୍କାର ଚଣାବୁଟ କିଣି ଗରିବଟେ ଭାବି ଅଧିକା ଦଶ ଟଙ୍କା ଟିପ୍ସ ଦେଇଥିବ, ସେଇ ଦୋକାନୀକୁ ଗୋଟେ ସୋରୁମ୍ କରିଥିବାର ଦେଖି ଆନନ୍ଦିତ ହେବା ବଦଳରେ ଅସୂୟା ଭାବ ଆସିବ ।ଆପଣଙ୍କ ଘରେ ମୂଲ ଲାଗୁଥିବା ଲୋକଟି ଭବିଷ୍ୟତରେ ଯଦି ତା ଭାଗ୍ୟ ବଳରେ ଧନି ହୋଇଯାଏ ଆପଣ ଘଡ଼ିଏ ବିଚଳିତ ହୋଇଯିବେ, ଏତେ ପଇସା ଆଣିଲା କୋଉଠୁ ?

ଆପଣଙ୍କ ପ୍ରତି କଥାରେ ବାଃ ବାଃ କରୁଥିବା ବ୍ୟକ୍ତି ଯେ ଆପଣଙ୍କ ଶୁଭେଚ୍ଛୁ ବା ହିତାକାଂକ୍ଷୀ ଏହା ଭାବିବା ଭୁଲ୍ । ବେଳେବେଳେ ଅନେକ ଲୋକ ଏଇ ମିଛ ପ୍ରଶଂସାରେ ବଶୀଭୂତ ହୋଇ ନିଜର ମାନ, ସମ୍ମାନ, କଳା, କୌଶଳ, ଜୀବନ, ଯୌବନ ସବୁ ହରେଇ ଦିଅନ୍ତି,ପରେ କେବଳ ପଶ୍ଚାତାପ ହିଁ ସାର ହୁଏ । ନିଜର ସ୍ୱାର୍ଥ ପାଇଁ ଅନେକ ଲୋକ ଆପଣଙ୍କୁ ଖୁବ୍ ପ୍ରଶଂସା କରି, ଆପଣ ସର୍ବସମର୍ଥ ବୋଲି ଅନୁଭବ କରାଇ ଆପଣଙ୍କ ପାରିବାରିକ ଜୀବନ,ଦାମ୍ପତ୍ୟ ଜୀବନରେ ଫାଟ ଆଣିପାରନ୍ତି । ତେଣୁ ଆମ ସମସ୍ତଙ୍କୁ ଧ୍ୟାନ ରଖିବା ଜରୁରୀ ଯେ ପରିବାର ଭିତରେ ଯେତେ ବାଦ-ବିବାଦ ଥାଉ, ସ୍ୱାମୀ ସ୍ତ୍ରୀ ଭିତରେ ଯେତେ ମନୋମାଳିନ୍ୟ ଥାଉ, ପିତା ପୁତ୍ର ଭିତରେ ଯେତେ ଅଭିମାନ ଥାଉ, ଯେଉଁ ସଦସ୍ୟ ଯେତେ ରୁକ୍ଷ ହୁଅନ୍ତୁ, ପରିବାର ସବୁବେଳେ ପରିବାର ଆଉ ବାହାର ଲୋକ ପରିବାର ବା ସଂସାର ଭାଙ୍ଗିବା ଦେଖି ଖୁସି ହୁଅନ୍ତି ଭଲରେ ରହିବା ଦେଖି ଈର୍ଷା କରନ୍ତି ।ଆପଣ ଚିହ୍ନନ୍ତୁ ବାସ୍ତବରେ ଆପଣଙ୍କ ଶୁଭଚିନ୍ତକ କିଏ ?

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦




ଧିରେଧିରେ ଶୀତ ପଡିଲାଣି । ଏଇ ଶୀତ ଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ସମସ୍ତଙ୍କ ପାଇଁ ଏକ ବଡ଼ ଚାଲେଞ୍ଜ । ଶୀତ ଦିନେ ପ୍ରାୟ ସମସ୍ତଙ୍କୁ ଥଣ୍ଡା ହେଉଥିବା ଦେଖିବାକୁ ମିଳେ । ସମସ୍ତେ ଖୁଁ ଖାଁ ହୁଅନ୍ତି । ଗଳା ବା କଣ୍ଠ ଜନିତ ସଂକ୍ରମଣ ଅଧିକାଂଶଙ୍କ କ୍ଷେତ୍ରରେ ଦେଖାଯାଏ । ଏଥିରୁ ଉପଶମ ପାଇଁ ଏଲୋପାଥିକ ଔଷଧ ଖାଇଥାଉ । ମାତ୍ର ଏସବୁ ରୋଗରୁ ମୁକ୍ତି ପାଇଁ ଏଲୋପାଥିକ ଅପେକ୍ଷା ଅଧିକ ଉପଶମ ମିଳିଥାଏ ଘରୋଇ ତଥା ଆୟୁର୍ବେଦିକ ଚିକିତ୍ସାରେ । ଆସନ୍ତୁ ଜାଣିବା କିପରି କରିବା ଏହି ସମସ୍ୟାର କେଉଁ ଭଳି ହୁଏ ଚିକିତ୍ସା ।

ଗଳାରେ ସଂକ୍ରମଣ ବା କାଶ ସମସ୍ୟା ପାଇଁ ବର୍ତ୍ତମାନ ସମସ୍ତେ ପ୍ରାୟ ଚିନ୍ତାରେ ରହୁଛନ୍ତି । ଯେତେବେଳେ ବି ଆପଣଙ୍କର ୩୮ ଡିଗ୍ରୀ ସେଣ୍ଟିଗ୍ରେଟରୁ ଅଧିକ ଜ୍ୱର ଅନୁଭୂତ ହୋଇଥାଏ, ଗଳା ଫୁଲିବା,ଖାଦ୍ୟ ଗିଳିବାରେ ସମସ୍ୟା କିମ୍ବା ପେଟ ଯନ୍ତ୍ରଣା ଭଳି ସମସ୍ୟା ହୋଇଥାଏ ତେବେ ଗଳାରେ ଯଦି ସାମାନ୍ୟ ଯନ୍ତ୍ରଣା ଅନୁଭୂତ ହେଉଥାଏ ଏହାକୁ ଅବହେଳା କରିବା ଆଦୌ ଠିକ୍ ନୁହେଁ । ଖାସ୍ କରି ସ୍କୁଲ ପଢୁଆ ପିଲା ଏବଂ ଯୁବପିଢ଼ି ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ । ଗଳା ସଂକ୍ରମଣ ଷ୍ଟ୍ରେପଟୋକୋକାଲ ବ୍ୟାକ୍ଟେରିଆ ଦ୍ୱାରା ସୃଷ୍ଟି ହୋଇଯାଏ, ଯାହାକୁ ଷ୍ଟ୍ରେପ୍ ଥ୍ରୋଟ୍ କୁହାଯାଏ । ଏହାକୁ ମଧ୍ୟ ଷ୍ଟ୍ରେପଟୋକୋକାଲ ଫାରେନଜିଟିସ୍ କୁହାଯାଏ । ଏହାଦ୍ୱାରା ଗଳା, ଲସିକା ଗ୍ରନ୍ଥି ଓ ଟନସିଲ ଆଦି ଫୁଲିଯାଇ ଦରଜ ହୋଇଥାଏ । ଅନେକ ସମୟରେ ଗଳା ସଂକ୍ରମଣ ପ୍ରତି ଏତେଟା ନଜର ରହେନି ଏବଂ ଚିକିତ୍ସାରେ ବିଳମ୍ବ ହୋଇଯାଏ । ଏହା ଯଦି ସାଂଘାତିକ ରୂପ ନିଏ, ତେବେ ରୁମାଟିକ ଜ୍ୱର, ବୃକକ ଫୁଲିବା ଏବଂ ଶିଶୁଙ୍କ ରୋଗ ପ୍ରତିରୋଧକ ଶକ୍ତିରେ ସମସ୍ୟା ଦେଖାଯାଏ ।

***କଣ କରିବେ ?***

-ଏଥିପାଇଁ ଆବଶ୍ୟକ ପରିମାଣରେ ବିଶ୍ରାମ ନିଅନ୍ତୁ
-ଯଦି ସମ୍ଭବ ହେଉଛି, ବାହାରକୁ ନଯାଇ ଘରେ ରୁହନ୍ତୁ
-ପାଣି ପିଇବା ବନ୍ଦ କରନ୍ତୁନି, ଉଷୁମ ପାଣି ପିଇବା ଭଲ
-ମସଲା ଏବଂ ଅମ୍ଳଯୁକ୍ତ ଖାଦ୍ୟ ଖାଆନ୍ତୁନି
-ନିୟମିତ ଭାବେ ଗାର୍ଗଲ୍ କରନ୍ତୁ
-ଧୂମପାନଠୁ ଦୂରେଇ ରୁହନ୍ତୁ
-ହାତ ସବୁବେଳେ ସଫା ରଖନ୍ତୁ
-ଛିଙ୍କ ଏବଂ କାଶ ସମୟରେ ପାଟିରେ ରୁମାଲ୍ ରଖନ୍ତୁ

***ଘରୋଇ ଚିକିତ୍ସା :***

-ବନ ଯୁଆଣି , ହଳଦୀ,ଅଁଳା,ଯବକ୍ଷାର,ଚିତାମୁଳ ସମାନ ଭାଗରେ ନେଇ ଚୂର୍ଣ୍ଣ କରିବା ସହ ଶହେ ଗ୍ରାମ ମହୁ ସହିତ ଗାଈ କ୍ଷୀର ପଚାଶ ଗ୍ରାମ ମିଶାଇ ରଖିବେ ପାଞ୍ଚ ଗ୍ରାମ ଚୂର୍ଣ୍ଣ ସହିତ ଦୁଇ ଚାମଚ ଘିଅ ମହୁ ମିଶାଇ ତିନିବେଳା ଦିନକୁ ସେବନ କଲେ ଗଳା ବସିଯିବା ସମସ୍ୟା ଦୂର ହୁଏ ।
-ଗଳା ସଂକ୍ରମଣ ସମସ୍ୟାରେ ଅମୋଘ ପଥି ହେଉଛି ପୁରୁଣା ଗୁଆ ଘିଅ । ପୁରୁଣା ଘିଅ ଓ ପୁରୁଣା ଗୁଡ଼ ସହିତ ଅନ୍ନ ଭୋଜନ କରି ଉଷୁମ ପାଣି ପିଅନ୍ତୁ। ଦେଖିବେ ଗାଏବ ହେଇଯିବ ସମସ୍ୟା...

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଶିଶୁଙ୍କ ପ୍ରତି ବଢୁଥିବା ଅପରାଧର ଚିନ୍ତାଜନକ ଦିଗ

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି) ଦ୍ୱାରା ପ୍ରକାଶିତ ୨୦୨୩ର ରିପୋର୍ଟ, ଦେଶରେ ଶିଶୁ ସୁରକ୍ଷାର ସ୍ଥିତି ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ଏବଂ ଚିନ୍ତାଜନକ ଦିଗକୁ ସାମ୍ନାକୁ ଆଣିଛି । ଏହି ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ରେ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧରେ ୯.୨% ବୃଦ୍ଧି ଘଟିଛି ଏବଂ ମୋଟ ୧,୭୭,୩୩୫ଟି ମାମଲା ପଞ୍ଜିକୃତ ହୋଇଛି । ଏହା ସହିତ, ପ୍ରତି ଏକ ଲକ୍ଷ ଶିଶୁଙ୍କ ମଧ୍ୟରେ ଅପରାଧ ହାର ୩୬.୬ରୁ ବୃଦ୍ଧି ପାଇ ୩୯.୯ରେ ପହଞ୍ଚିଛି । ଏହି ପରିସଂଖ୍ୟାନଗୁଡ଼ିକ କେବଳ ସଂଖ୍ୟା ନୁହେଁ, ବରଂ ଏହା ଶିଶୁ ସୁରକ୍ଷା ସହ ଜଡ଼ିତ ବ୍ୟବସ୍ଥା ଏବଂ ସାମାଜିକ ଦାୟିତ୍ୱବୋଧର ଏକ ଗମ୍ଭୀର ସମୀକ୍ଷା ପାଇଁ ଆହ୍ୱାନ ଦେଉଛି । ଏହି ବର୍ଦ୍ଧିତ ଅପରାଧ ହାର ପଛର କାରଣଗୁଡ଼ିକୁ ବୁଝିବା ଏବଂ ଏହାର ନିରାକରଣ ଦିଗରେ ଥିବା ଆହ୍ୱାନଗୁଡ଼ିକୁ ବିଶ୍ଳେଷଣ କରିବା ଏକାନ୍ତ ଆବଶ୍ୟକ ।

ଏହି ରିପୋର୍ଟର ଗଭୀର ବିଶ୍ଳେଷଣ କଲେ ଜଣାପଡ଼େ ଯେ ଅପରାଧର ସ୍ୱରୂପ କେତେ ଭୟଙ୍କର । ମୋଟ ମାମଲାର ପ୍ରାୟ ୪୫% ଅପହରଣ ଏବଂ ୩୮.୨% ଯୌନ ନିର୍ଯାତନାରୁ ଶିଶୁଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ (POCSO) ଆଇନ ଅଧୀନରେ ରୁଜୁ ହୋଇଛି । ସବୁଠାରୁ ବଡ଼ ବିଡ଼ମ୍ବନାର ବିଷୟ ହେଉଛି, ଯୌନ ନିର୍ଯାତନା ମାମଲାଗୁଡ଼ିକରେ ଅଧିକାଂଶ ଅପରାଧୀ ପୀଡ଼ିତ ଶିଶୁର ପରିଚିତ ବ୍ୟକ୍ତି, ଯେପରିକି ପରିବାର ସଦସ୍ୟ, ବନ୍ଧୁ, ପଡ଼ୋଶୀ କିମ୍ବା ଅନ୍ୟ କୌଣସି ଜଣାଶୁଣା ବ୍ୟକ୍ତି । ଏହା ସ୍ପଷ୍ଟ କରୁଛି ଯେ ଶିଶୁଟି ନିଜ ଘରେ ଏବଂ ନିଜ ପରିବେଶରେ ମଧ୍ୟ ସୁରକ୍ଷିତ ନୁହେଁ । ଯେଉଁ ସ୍ଥାନକୁ ସେ ସବୁଠାରୁ ନିରାପଦ ମନେକରେ, ସେହି ସ୍ଥାନରେ ହିଁ ତା'ର ସ୍ୱପ୍ନ ଏବଂ ଭବିଷ୍ୟତକୁ ନଷ୍ଟ କରିଦିଆଯାଉଛି । ଏହି ତଥ୍ୟ ଆମ ସାମାଜିକ ସଂରଚନା ଏବଂ ନୈତିକ ମୂଲ୍ୟବୋଧର ଅବକ୍ଷୟକୁ ସୂଚାଉଛି । ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶ ଭଳି ବଡ଼ ରାଜ୍ୟମାନଙ୍କରେ ସର୍ବାଧିକ ମାମଲା ଦେଖିବାକୁ ମିଳିଥିବା ବେଳେ, ଦିଲ୍ଲୀ ଭଳି କେନ୍ଦ୍ରଶାସିତ ଅଞ୍ଚଳରେ ଅପରାଧ ହାର ଅତ୍ୟଧିକ ରହିବା ଆହୁରି ଚିନ୍ତା ବଢ଼ାଇଛି । ଏହା କେବଳ ଆଞ୍ଚଳିକ ସମସ୍ୟା ନୁହେଁ, ବରଂ ଏକ ଜାତୀୟ ସଙ୍କଟ ।

ଅପରାଧ ବୃଦ୍ଧି ପଛରେ କେବଳ ଗୋଟିଏ କାରଣ ନାହିଁ, ଏହା ପଛରେ ବହୁବିଧ ସାମାଜିକ, ଆର୍ଥିକ ଏବଂ ମାନସିକ କାରଣ ନିହିତ । ଦାରିଦ୍ର୍ୟ, ଅଶିକ୍ଷା, ସାମାଜିକ ସଚେତନତାର ଅଭାବ, ପାରିବାରିକ ବିଶୃଙ୍ଖଳା ଏବଂ ନୈତିକତାର ଅବକ୍ଷୟ ଏହି ସମସ୍ୟାକୁ ଆହୁରି ଜଟିଳ କରିଛି । ଏହା ସହିତ, ଡିଜିଟାଲ ଯୁଗର ଆଗମନ ଏକ ନୂଆ ପ୍ରକାରର ସଙ୍କଟ ସୃଷ୍ଟି କରିଛି । ୨୦୨୩ର ରିପୋର୍ଟରେ ସାଇବର ଅପରାଧରେ ୩୧.୨% ବୃଦ୍ଧି ଘଟିଥିବା ଉଲ୍ଲେଖ କରାଯାଇଛି । ଆଜିର ଶିଶୁମାନେ ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆ ସହ ଅଧିକ ସମୟ ବିତାଉଛନ୍ତି, ଯାହା ସେମାନଙ୍କୁ ଅନଲାଇନ୍ ଶୋଷଣ, ବ୍ଲାକମେଲିଂ ଏବଂ ଯୌନ ଉତ୍ପୀଡ଼ନର ଶିକାର ହେବାର ଆଶଙ୍କା ବଢ଼ାଇ ଦେଉଛି । ଅନଲାଇନ୍ ଗେମ୍, ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା ଏବଂ ଅଶ୍ଳୀଳ ସାମଗ୍ରୀର ସହଜ ଉପଲବ୍ଧତା ସେମାନଙ୍କୁ ଏକ ଅଦୃଶ୍ୟ ଜାଲରେ ଛନ୍ଦି ଦେଉଛି, ଯେଉଁଠାରୁ ବାହାରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି । ଏହା ବ୍ୟତୀତ, କିଶୋର ଅପରାଧରେ ୨.୭% ବୃଦ୍ଧି ମଧ୍ୟ ଏକ ଗମ୍ଭୀର ସମସ୍ୟା । ଯେଉଁ ଶିଶୁମାନେ ନିଜେ ଶୋଷଣର ଶିକାର ହେଉଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ପରବର୍ତ୍ତୀ ସମୟରେ ଅପରାଧୀ ପାଲଟିବାର ଆଶଙ୍କା ରହିଛି, ଯାହା ଏକ ବିଷମ ଚକ୍ର ସୃଷ୍ଟି କରୁଛି ।

ଏହି ସମସ୍ୟାର ମୁକାବିଲା ପାଇଁ ଆମର ଆଇନଗତ ଏବଂ ପ୍ରଶାସନିକ ବ୍ୟବସ୍ଥା କେତେଦୂର ସଫଳ, ତାହା ମଧ୍ୟ ବିଚାର୍ଯ୍ୟ । ପୋକ୍ସୋ ଭଳି କଠୋର ଆଇନ ଥିବା ସତ୍ତ୍ୱେ ଅପରାଧ ବଢ଼ିଚାଲିଛି, ଯାହା ଏହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଅନେକ ରାଜ୍ୟରେ ମାମଲାର ତଦନ୍ତ ପ୍ରକ୍ରିୟା ବହୁତ ଧୀମା ଏବଂ ଚାର୍ଜସିଟ୍ ଦାଖଲ ହାର ମଧ୍ୟ ନୈରାଶ୍ୟଜନକ । ଉଦାହରଣ ସ୍ୱରୂପ, ଦିଲ୍ଲୀ ଏବଂ ହରିୟାଣାରେ ଚାର୍ଜସିଟ୍ ଦାଖଲ ହାର କମ୍ ଥିବାବେଳେ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ଏହା ଅଧିକ ରହିଛି । ଏହି ଆଞ୍ଚଳିକ ଅସମାନତା ଦର୍ଶାଉଛି ଯେ ଆଇନର ପ୍ରୟୋଗ ସବୁ ସ୍ଥାନରେ ସମାନ ଭାବରେ ହେଉନାହିଁ । ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ, ସାକ୍ଷୀଙ୍କୁ ସୁରକ୍ଷା ନ ମିଳିବା ଏବଂ ପୀଡ଼ିତଙ୍କୁ ଉପଯୁକ୍ତ ପୁନର୍ବାସ ଓ ମାନସିକ ସହାୟତା ନ ମିଳିବା ଭଳି ସମସ୍ୟାଗୁଡ଼ିକ ପୀଡ଼ିତ ଏବଂ ତାଙ୍କ ପରିବାରକୁ ଆହୁରି ଦୁର୍ବଳ କରିଦେଉଛି । ଫଳରେ, ଅନେକ ମାମଲା ପଞ୍ଜିକୃତ ହୋଇପାରୁନାହିଁ କିମ୍ବା ଅଧାବାଟରେ ଦବି ଯାଉଛି ।

ଏହି ସଙ୍କଟର ସମାଧାନ ପାଇଁ ଏକ ବହୁମୁଖୀ ଏବଂ ସାମଗ୍ରିକ ପଦକ୍ଷେପର ଆବଶ୍ୟକତା ରହିଛି । କେବଳ ଆଇନ ପ୍ରଣୟନ କିମ୍ବା ପୋଲିସ ବ୍ୟବସ୍ଥାକୁ ସୁଦୃଢ଼ କଲେ ଏହି ସମସ୍ୟାର ସମାଧାନ ହେବ ନାହିଁ । ଏଥିପାଇଁ ସାମାଜିକ ସ୍ତରରେ ଏକ ବଡ଼ ପରିବର୍ତ୍ତନ ଆଣିବାକୁ ପଡ଼ିବ । ପ୍ରଥମତଃ, ପରିବାର ଏବଂ ବିଦ୍ୟାଳୟ ସ୍ତରରେ ଶିଶୁମାନଙ୍କୁ 'ଗୁଡ୍ ଟଚ୍' ଏବଂ 'ବ୍ୟାଡ୍ ଟଚ୍' ବିଷୟରେ ଶିକ୍ଷା ଦେବା ଅତ୍ୟନ୍ତ ଜରୁରୀ । ସେମାନଙ୍କୁ ନିଜ ସୁରକ୍ଷା ବିଷୟରେ ସଚେତନ କରାଇବା ଏବଂ କୌଣସି ଅଘଟଣ ଘଟିଲେ ତାହାକୁ ନ ଲୁଚାଇ ନିଜ ପରିବାର କିମ୍ବା ଶିକ୍ଷକଙ୍କୁ ଜଣାଇବା ପାଇଁ ସାହସ ଦେବାକୁ ପଡ଼ିବ । ଦ୍ୱିତୀୟତଃ, ସମାଜରେ ଶିଶୁ ସୁରକ୍ଷାକୁ ନେଇ ଏକ ସକାରାତ୍ମକ ବାତାବରଣ ସୃଷ୍ଟି କରିବାକୁ ହେବ, ଯେଉଁଠାରେ ପୀଡ଼ିତକୁ ଦୋଷୀ ଦୃଷ୍ଟିରେ ଦେଖା ନ ଯାଇ ତାକୁ ସମବେଦନା ଏବଂ ସହଯୋଗ ମିଳିବ । ତୃତୀୟତଃ, ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକୁ ଅଧିକ ସମ୍ବେଦନଶୀଳ ଏବଂ ଦକ୍ଷ କରାଯିବା ଆବଶ୍ୟକ । ଶିଶୁ-ଅନୁକୂଳ ଥାନା (child-friendly police stations) ସ୍ଥାପନ, ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଦୋଷୀକୁ ଶୀଘ୍ର ଦଣ୍ଡବିଧାନ କରିବା ଦ୍ୱାରା ଲୋକଙ୍କ ମନରେ ଆଇନ ପ୍ରତି ଭୟ ଏବଂ ବିଶ୍ୱାସ ସୃଷ୍ଟି ହେବ । ଚତୁର୍ଥତଃ, ପୀଡ଼ିତ ଶିଶୁ ଏବଂ ତାଙ୍କ ପରିବାର ପାଇଁ ଦୀର୍ଘମିଆଦୀ ମାନସିକ ପରାମର୍ଶ ଏବଂ ପୁନର୍ବାସର ସୁବିଧା ଯୋଗାଇ ଦେବା ଉଚିତ୍, ଯାହା ସେମାନଙ୍କୁ ଏହି ଆଘାତରୁ ବାହାରି ଏକ ସାଧାରଣ ଜୀବନଯାପନ କରିବାରେ ସାହାଯ୍ୟ କରିବ ।

ଶେଷରେ, ଏହା କହିବା ଅତ୍ୟୁକ୍ତି ହେବ ନାହିଁ ଯେ ଶିଶୁମାନେ ଆମ ସମାଜର ଦର୍ପଣ ଏବଂ ଦେଶର ଭବିଷ୍ୟତ । ଯଦି ସେମାନଙ୍କ ବର୍ତ୍ତମାନ ଅନ୍ଧକାରମୟ ହୁଏ, ତେବେ ଏକ ଉଜ୍ଜ୍ୱଳ ଭବିଷ୍ୟତର କଳ୍ପନା କରିବା ଅସମ୍ଭବ । ଏନସିଆରବିର ଏହି ରିପୋର୍ଟ ଆମ ସମସ୍ତଙ୍କ ପାଇଁ ଏକ ଚେତାବନୀ । ଏହା କେବଳ ସରକାର କିମ୍ବା ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ଯେ ସେମାନେ ନିଜ ପରିବେଶରେ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁସ୍ଥ ବାତାବରଣ ସୃଷ୍ଟି କରିବେ । ଆମକୁ ମିଳିତ ଭାବେ ଏହି ସାମାଜିକ ବ୍ୟାଧି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ, ନଚେତ୍ ଆମେ ଏକ ଏପରି ପିଢ଼ି ତିଆରି କରିବା, ଯାହାର ଶୈଶବ କେବଳ ଭୟ, ଆଘାତ ଏବଂ ଅବିଶ୍ୱାସର କାହାଣୀ ହୋଇ ରହିଯିବ ।



# ଗୋ-ସଂପଦର ସୁରକ୍ଷା ଅନିବାର୍ଯ୍ୟ

## ଅର୍ଜୁନ ଘଡ଼େଇ

ଓଡ଼ିଶା ପରି ଏକ କୃଷିପ୍ରଧାନ ରାଜ୍ୟରେ ଅତୀତରୁ ଆଜିଯାଏଁ, ଗୋ-ସଂପଦର ସହାୟତା ନିର୍ଭରଯୋଗ୍ୟ ହୋଇ ରହିଆସିଛି। କେବଳ କୃଷିକ୍ଷେତ୍ର ପାଇଁ କାହିଁକି ଆମ ଜୀବନର ସୁରକ୍ଷା ଓ ସମୃଦ୍ଧି ପାଇଁ ସେମାନଙ୍କର ଅବଦାନ ଅତୁଳନୀୟ। ସେଥିପାଇଁ ଆମର ସଂସ୍କୃତି, ପରମ୍ପରା, ଆଧାତ୍ମିକ ଭାବନାରେ ସେମାନଙ୍କ ମହତ୍ତ୍ୱପୂର୍ଣ୍ଣ ସେବା, ପୂଜା, ବନ୍ଦନାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। କିନ୍ତୁ ଆଜିର ସମୟରେ ଗୋ-ସଂପଦର ସୁରକ୍ଷା, ସମ୍ମାନରକ୍ଷା ପ୍ରତି ଯେପରି ଅଣଦେଖା କରାଯାଉଛି, ତାହା ଆମର ଆଧାତ୍ମିକ ଭାବନାକୁ ଯେପରି କୁଠାରାଘାତ କରୁଛି, ମାନବିକ ଦାୟିତ୍ୱ ବୋଧ ପ୍ରତି ପ୍ରଶ୍ନବାଚୀ ସୃଷ୍ଟିକରୁଛି। ଗୋ-ସଂପଦର ସୁରକ୍ଷା ପାଇଁ ଗୋ-ସୁରକ୍ଷା ଆଇନ୍ ସହ ଅନ୍ୟାନ୍ୟ ବିଧି ବ୍ୟବସ୍ଥା ଯେ ଆନ୍ତରିକତାର ସହ କାର୍ଯ୍ୟକାରୀ କରାଯାଇପାରୁନି ଏହାକୁ ଗଭୀର ଭାବେ ଅନୁଶୀଳନ କଲେ ଯଥାର୍ଥତା ଜାଣି ହେବ। ସରକାରୀ, ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ଯେତେ ସତର୍କତା ଅବଲମ୍ବନ କରିବା କଥା ତାହା କରାଯାଇପାରୁନି, ଏହାହିଁ ବିଡ଼ମ୍ବନାର ବିଷୟ।

ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଗୋପପୁରରେ ଗୋପାଳ ବଂଶରେ ଲୀଳାବିସ୍ତାର କରିଥିଲେ। ଗୋ-ସଂପଦକୁ ସୁରକ୍ଷା ଦେବାକୁ ଯାଇ ଇନ୍ଦ୍ରଙ୍କ କୋପରୁ ରକ୍ଷା ପାଇଁ ପର୍ବତଟେକି ନିଜ ହସ୍ତରେ ଧାରଣ କରିଥିଲେ। କ୍ଷୀର, ସର, ଲହୁଣୀରେ ଆସକ୍ତ ପ୍ରାଣ ଏହି ସଂପଦର ସୁରକ୍ଷା ଓ ସମୃଦ୍ଧି ପାଇଁ ଯେଉଁ କାର୍ଯ୍ୟ କରିଥିଲେ ତାହା ମାନବ ସମାଜ ପାଇଁ ଏକ ବାର୍ତ୍ତା ହେଇ ରହି ଆସିଛି। ଯେଉଁଥିପାଇଁ ଗହ୍ମା ପୂର୍ଣ୍ଣିମା ବା ବଳଭଦ୍ରଙ୍କ ଜନ୍ମ ତିଥିରେ ଆମେ ବଳଦମାନଙ୍କୁ ଫୁଲ, ଚନ୍ଦନ, ସୁସ୍ୱାଦୁ ଖାଦ୍ୟ ଦେଇ ପୂଜା କରି ଆସୁଛୁ। ଦୋଳପୂର୍ଣ୍ଣିମା ତିଥିରେ ଗୋପାଳମାନଙ୍କ ସହ ଅନ୍ୟମାନେ ବି ଗୋ-ମାତାଙ୍କୁ ଯଥାବିଧି ପୂଜା କରିଥାନ୍ତି। ଗୋରୁ, ଗାଈମାନଙ୍କ ପାଳନ ଓ ପ୍ରଯତ୍ନ ପାଇଁ ଅନେକ ବିଧି ବ୍ୟବସ୍ଥା ଆମ ସମାଜରେ ପ୍ରଚଳିତ ହୋଇଆସୁଛି। ଗୃହପାଳିତ ପଶୁଭାବେ ଏମାନେ ଆମ ସାମାଜିକ ଜୀବନ ଧାରା ସହ ଏତେ ମାତ୍ରାରେ ସଂଶ୍ଳିଷ୍ଟ ଯେ, ଅତୀତରେ ଦାଣ୍ଡ ଦୁଆରେ ଗୋରୁ ଖୁଣ୍ଟ ନଥିଲେ ବା ଖୁଣ୍ଟ ଥାଇ ଗାଈ, ଗୋରୁ ବନ୍ଧା ହୋଇନଲେ ଝିଅଟିଏ ଦେଇ ବନ୍ଧୁ ବାନ୍ଧିବାକୁ ଅନେକ କୁଣ୍ଠିତ ହେଉଥିଲେ। ପ୍ରବେଶ ଘରେ ଗୁହାଳ, ବାଡ଼ିପଟେ ପାଳଗଦା ଦେଖିଲେ ଯୋଗ୍ୟ ବନ୍ଧୁଭାବେ ବିଚାର କରାଯାଉଥିଲା। ଏବେ ନା ଅଛି ଗୋରୁ ଗୁହାଳ, ନା ପାଳଗଦା। ଘରେ ହଳ, ଲଙ୍ଗଳ କି ଶଗଡ଼ ନାହିଁ। ଆଧୁନିକ ଯନ୍ତ୍ର ସଭ୍ୟତା ଭିତରେ ଏସବୁର ଆବଶ୍ୟକତା ପଡୁନି ସତ। କିନ୍ତୁ ଅର୍ନ୍ତଦୃଷ୍ଟି ଦେଇ ବିଚାର କଲେ ସେମାନଙ୍କର ଆବଶ୍ୟକତା ଆମେ ପରୋକ୍ଷରେ ଉପଲବ୍ଧି କରୁଛେ।

ଅତୀତରେ ଦେବା, ଦେବୀଭାବେ ପୂଜିତ ହେଉଥିବା ଗୃହପାଳିତ ପଶୁମାନଙ୍କୁ ଆମେ ମଣିଷମାନେ ଯେପରି ପଶୁଭାବେ ବ୍ୟବହାର କରୁଛେ, ନିର୍ଯାତନା ଦେଉଛେ, ସେମାନଙ୍କ ଅସହାୟ ଅବସ୍ଥାକୁ ଅଣଦେଖା କରୁଛେ ତାହା ଆମର ଅମାନବିକତାକୁ କେବଳ ସୂଚାଉ ନାହିଁ, ବିବେକହୀନ ପ୍ରାଣୀ ଭାବେ ଆତ୍ମମର୍ଯ୍ୟାଦା ହାନୀ କରୁଛି। ସେମାନଙ୍କ ପ୍ରତି ଅମର୍ଯ୍ୟାଦା, ଅତ୍ୟାଚାର ସୀମା ଲଂଘନ କରୁଥିଲେ ବି ଆମ ମନରେ ଦୟା, ସେବା ଭାବ ସୃଷ୍ଟି ହେଉ ନାହିଁ କିମ୍ବା ଆମେ ସଚେତନ ହେଉ ନାହେଁ।

ଅତୀତରେ ବଳଦମାନଙ୍କୁ ପଶୁ ଭାବି କୃଷି କାର୍ଯ୍ୟରେ ଯଥେଷ୍ଟ ବିନିଯୋଗ କରୁଥିଲେ ବି ସେମାନଙ୍କ ପ୍ରତି ଆମର ସମ୍ମାନ, ଦାୟୀତ୍ୱ ଅଧିକ ଥିଲା। ଶୀତ, କାକର, ବର୍ଷା କିମ୍ବା ଗରମରୁ ରକ୍ଷା କରିବା ପାଇଁ ଗୃହକର୍ତ୍ତା ଘରେ, ମଶାଧୂଆଁ, ଗାଧୁଆ ପାଧୁଆ, ଖଦ୍ୟ ଆଦି ପ୍ରତି ବିଶେଷ ଧ୍ୟାନ ଦେଉଥିଲେ। ବିଶେଷ ଦିନମାନଙ୍କରେ ପୂଜାର୍ଚ୍ଚନା କରି ସେବା କରୁଥିଲେ। ବଳଦକୁ 'ମୁର୍ଖ' ଅର୍ଥରେ ବ୍ୟବହାର କରି କଥା କହୁଥିଲେ ବି ସେମାନଙ୍କ ସେବାର ମହତ୍ତ୍ୱ ସହ ଆମକୁ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଦେବାକୁ ବାଧ୍ୟ କରୁଥିଲା। ବଳଦ ବେକରେ ଘଣ୍ଟିବାନ୍ଧି ଝିଅ, ବୋହୂଙ୍କୁ ଶଗଡ଼ରେ ନବା ଆଣିବା କରିବା ବେଳେ ଆମେ ସମସ୍ତେ ଭୁଲିଯାଇଥିଲେ ସେମାନଙ୍କ ବେଦନାକୁ। କିନ୍ତୁ ପେଟ ପୁରା ହାଣ୍ଡିରେ ଖୁଆଇ ଦେବା ପରେ ହମ୍ବା ରଡ଼ି ଶୁଣି ମନରେ ଆନନ୍ଦ ହେଉଥିଲା। ଆଉ ବାର୍ଦ୍ଧକ୍ୟ ଆସିଲେ ସେମିତି ଯତ୍ନ ନେବାରେ ଅବହେଳା ବି କରାଯାଉନଥିଲା। ମରିଗଲା ପରେ ବାଡ଼ି ପଟେ ଗାତ ଖୋଳି, ଲୁଣ ଦେଇ ପୋତି ଦିଆଯାଉଥିଲା। ଏବେ ଏକଥା ସ୍ୱପ୍ନ ପ୍ରାୟ ହୋଇଛି। ବଳଦ ବଂଶ ତ କମି ଆସିଛି। ଯେଉଁମାନେ ବି ବଞ୍ଚିଛନ୍ତି ସେମାନଙ୍କ ବାର୍ଦ୍ଧକ୍ୟ ଯନ୍ତ୍ରଣା ଅସହ୍ୟ। ମୃତ୍ୟୁ ପୂର୍ବରୁ ଟଙ୍କା କେଇଟା ବଦଳରେ ବିକ୍ରୟ କରିବାର ଅମାନବିକତା ଆମ ମଣିଷ ମନକୁ କେମିତି ଆସୁଛି ବୁଝି ହେଉନି। ଅତୀତରେ ପିଲାଦିନେ ପାଠ ପଢିବା ସମୟରେ ''ବଳଦର ଆତ୍ମକାହାଣୀ'' ଲେଖି ତାର, ରୂପ, ଗୁଣ ଏପରି ବର୍ଣ୍ଣନା କରୁଥିଲୁ, ତା' ହୃଦୟର ବେଦନାକୁ ଏପରି ବୁଝିଥିଲୁ ଯେ ନିଜେ ବଳଦଟିଏ ହେଇଯାଉଥିଲୁ ମନେ ମନେ। ଏବେ ସେ ରଚନା ନାହିଁ, ଭାବନା ବି ନାହିଁ ଆମ ଭିତରେ। ଶିବ ମନ୍ଦିରରେ ବିଶ୍ୱସ୍ତ ଭକ୍ତ ଦ୍ୱାର ରକ୍ଷକ ସାଜିଥିବା ''ବାସୁଆ ବଳଦ'' ମୁଣ୍ଡରେ, ଦେହରେ ଫୁଲ, କ୍ଷୀର ଢାଳିବାରେ ଆମେ ଅଭ୍ୟସ୍ତ କିନ୍ତୁ ରାସ୍ତା ଉପରେ ଆକ୍ସିଡେଣ୍ଟ କିମ୍ବା ଅନ୍ୟ କୌଣସି କାରଣରୁ ରକ୍ତାକ୍ତ, କ୍ଷତାକ୍ତ ଥିବା, ପୂଜ, ଘା'ରେ ସଢ଼ି ପଡ଼ିଥିବା ଷଣ୍ଢଟିଏ ପ୍ରତି ଆମର ଦୟା, କି ସ୍ନେହ ମନରେ ସୃଷ୍ଟି ହେଉନାହିଁ। ବୁଲା ବଳଦ କିମ୍ବା ଷଣ୍ଢ ମାନଙ୍କର ଅକଥନୀୟ ଅବସ୍ଥା ଦେଖି ଆମେ ଆଖି ବୁଜି ଚାଲିଯାଉଛୁ। ଏପରି ଅମାନବିକ କାର୍ଯ୍ୟ ମଣିଷମାନେ କରୁଛନ୍ତି ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି। ବେଳେବେଳ ଗରମ ପାଣି, ଗରମ ଚ', ଗରମ ପେଜ ଇତ୍ୟାଦି ତାଙ୍କ ଉପରକୁ ଫୋପାଡି ସେମାନଙ୍କୁ ଆମେ ଦୁଆର ମୁହଁରୁ କିମ୍ବା ଦୋକାନ କି ହୋଟେଲ୍ ମୁହଁରୁ ବିଦାୟ କରିଦେଉଛୁ। ଆମର ପଶୁ ପ୍ରବୃତ୍ତି ପଶୁମାନଙ୍କଠାରୁ ଯେ ଢେର ଅଧିକ ବଢ଼ିଯାଇଛି ଆଜିର ସମୟରେ ଏକଥା ବୁଝିବାକୁ ସମୟ ନାହିଁ ଆମ ପାଖରେ, ମାନସିକତା ନାହିଁ ଆମ ହୃଦୟରେ।

ଜନ୍ମରୁ ଜୁଇ ପର୍ଯ୍ୟନ୍ତ ଗୋ-ମାତାର ପ୍ରତ୍ୟକ୍ଷ ଓ ପରୋକ୍ଷ ସହାୟତା ଆମେ ବୁଝିବାରେ ଅକ୍ଷମ। ଅସମୟରେ ମା' କ୍ଷୀର ଖାଇବାରୁ ବଞ୍ଚିତ ହେଉଥିବା କୌଣସି ଶିଶୁ ଗାଈ କ୍ଷୀରରେ ହିଁ ଜୀବନ ଧାରଣ କରିଥାନ୍ତି। ଗାଈର କ୍ଷୀର ଓ କ୍ଷୀର ଜାତ ଦ୍ରବ୍ୟ ଆମ ଜୀବନକୁ ସୁସ୍ଥ, ସବଳ



କରି ବଞ୍ଚେଇ ରଖିବାର ସହାୟତା କରିଥାଏ। ସେଇ ଗୋ-ମାତାମାନେ ଆମ ଜୀବନକୁ ସୁସ୍ଥ, ସବଳ କରି ବଞ୍ଚେଇ ରଖିବାରେ ସହାୟତା କରିଥାନ୍ତି। ଗୋ-ମାତାମାନଙ୍କୁ ଆମେ ବିଶେଷ ଦିନମାନଙ୍କରେ ପୂଜାର୍ଚ୍ଚନା କରିଥାଉ। ତା'ଠାରୁ ଜନ୍ମିତ ଶିଶୁ (ବାଛୁରୀ)କୁ କ୍ଷୀର ନଦେଇ ଆମେ ତାରି ଗୋଡ଼ରେ ବାନ୍ଧି କ୍ଷୀର ଦୁହିଁ ବିକ୍ରୟ କରୁ କିମ୍ବା ନିଜେ ବ୍ୟବହାର କରୁ। ସେମାନଙ୍କ ଏପରି ତ୍ୟାଗର ମହତ୍ତ୍ୱ ବୁଝିନପାରି ବୁଢୀ ହେଇଗଲେ କାହାକୁ ଅଳ୍ପଦାମରେ ବିକିଦେଇ ଆମେ ଖୁସିହେଉ। ଗାଈ, ବାଛୁରୀ, ବଦଳ ବା ଷଣ୍ଢ କେତେବେଳେ କାହା ମୁହଁର ଖାଦ୍ୟ ତ କାହା ହାତରେ ଶୀକାର ହେଉଛନ୍ତି ସେଥିପାଇଁ ଆମର ହୃଦୟରେ ଦୁଃଖ କିମ୍ବା ଯନ୍ତ୍ରଣା ବି ନାହିଁ।

ଅତୀତରେ ଗୋବରଖତ ପରି ଜୈବିକ ସାର ବ୍ୟବହାର କରି କୃଷି ଉତ୍ପାଦିତ ଦ୍ରବ୍ୟର ବ୍ୟବହାର ଦ୍ୱାରା ଶରୀରରେ କୁପ୍ରଭାବ ପଡ଼ିନଥିଲା। ଘର ମାଟି କାନ୍ଥଠାରୁ ଆରମ୍ଭକରି, ତୁଳସୀ ଚଉରା ପର୍ଯ୍ୟନ୍ତ ଗାଈ ଗୋବରକୁ ପବିତ୍ର ଲେପନ ଭାବରେ ବ୍ୟବହାର କରିବାର ବହୁଳ ବ୍ୟବହାର ଥିଲା, ଏହାଦ୍ୱାରା ଅନେକ ଜୀବାଣୁ ମଧ୍ୟ ନଷ୍ଟ ହେଉଥିଲେ। ଗୋ-ମୂତ୍ର ସେବନ ଦ୍ୱାରା ଅନେକ ଦୁଃସାଧ ରୋଗରୁ ଉପଶମ ପାଇବା ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ବିଶ୍ୱାସରେ ରାତି ଅଧରେ ପ୍ରେତାଦି ଶକ୍ତିଦ୍ୱାରା ପ୍ରଭାବିତ ହୋଇ ପିଲାଟିଏ କାନ୍ଦିଲେ ସ୍ତ୍ରୀ ଲୋକେ କଳା ଗାଈ ଲାଞ୍ଜରେ ଝାଡିଦେଲେ ଶିଶୁଟିର କାନ୍ଦ ବନ୍ଦ ହୋଇଯିବା ଆମେ ଶୁଣିଛୁ। ଆମ ସେବାରେ ଜୀବନ ତ୍ୟାଗ କରୁଥିବା ପଶୁମାନଙ୍କର ଦୟନୀୟ ଅବସ୍ଥା, ମାନସିକ ଅଶାନ୍ତି ସୃଷ୍ଟି କରିବା ସହ ଆଧାତ୍ମିକ ଭାବନାରେ ବ୍ୟାଘାତ ଦେଉଛି। ଗୋ ସଂପଦର ଜରୁରୀ ଆବଶ୍ୟକତା ମନେ କରି ସେମାନଙ୍କ ବଂଶବୃଦ୍ଧି, ସୁରକ୍ଷା ଆଦି ପ୍ରତି ଦୃଷ୍ଟିଦେବା ଅନିବାର୍ଯ୍ୟ ମନେ ହେଉଛି।

ଘାସ ଖାଇବା ପାଇଁ ପର୍ଯ୍ୟାପ୍ତ ସବୁଜ ପଡିଆ ନାହିଁ। ଗୋଚର ଜମି ସବୁ ଅଗୋଚର ଭାବେ ଜମି ମାଫିଆଙ୍କ କବଳରେ କବଳିତ। ସେମାନେ ଭଲରେ ଜୀବନ ଧାରଣ କରିବାର ସୁବିଧା କି ସୁଯୋଗ ନାହିଁ। ଯେତିକି ବି ବଞ୍ଚିଛନ୍ତି ସେମାନେ ଦୟନୀୟ ଅବସ୍ଥା ଭୋଗୁଛନ୍ତି।

ଗୋ-ସଂପଦର ସୁରକ୍ଷା, ବଂଶବୃଦ୍ଧି ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ଆର୍ଥିକ ପ୍ରୋତ୍ସାହନରେ ନିର୍ମିତ ଆଶ୍ରୟସ୍ଥଳ, ଉପଯୁକ୍ତ ଖାଦ୍ୟ, ସ୍ୱାସ୍ଥ୍ୟସେବା, ବାର୍ଦ୍ଧକ୍ୟ ଜନିତ ସେବା, ଯତ୍ନ, ବୀମା ଯୋଜନା ରାସ୍ତାଘାଟରେ ଅକଥନୀୟ ନିର୍ଯ୍ୟାତନା ନପାଇବା ବ୍ୟବସ୍ଥା, ସର୍ବୋପରି ବେପାର ମନୋବୃତ୍ତି ଯୋଗୁ ଚୋରା ଗୋ ଚାଲାଣି ଜନିତ ଅସ୍ୱାଭାବିକ ପରିସ୍ଥିତ ଆଦି ସମସ୍ୟାଗୁଡ଼ିକର ସମାଧାନ ପାଇଁ ସରକାରୀ ଓ ବେସରକାରୀ ସ୍ତରରେ କଠୋର ଆଇନ୍, ସେବା ମନୋଭାବ ସୃଷ୍ଟି କରାଯାଇପାରିଲେ ସେମାନେ ଆମ ଆଧାତ୍ମିକ ଭାବନାକୁ ଆହୁରି ପରିପୁଷ୍ଟ କରିବା ସହ, ସାମାଜିକ ଜୀବନରେ ଶାନ୍ତି ପ୍ରଦାନ କରିବାରେ ସହାୟକ ହେବେ। ଗୋ ପାଳନ ଆମର ଜୀବିକା କର୍ମ ନ ହୋଇ ଜୀବନ ଧର୍ମ ହେଲେ ଗୋ ସଂପଦର ମହତ୍ତ୍ୱ ପ୍ରକଟ ହେବ ଏହା ନିଃସନ୍ଦେହ।

ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ
ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ--୯୪୩୮୦୪୮୬୧୫

# ହୋମୀ ଜହାଁଙ୍ଗୀର ଭାବା : ଭାରତୀୟ ଆଣବିକ କାର୍ଯ୍ୟକ୍ରମର ଜନକ



## ଡ଼ଃ.ଅରୁନ୍ଧତୀ ଦେବୀ

ହୋମୀ ଜହାଁଙ୍ଗୀର ଭାବାଙ୍କୁ ଭାରତୀୟ ଆଣବିକ କାର୍ଯ୍ୟକ୍ରମର ଜନକ କୁହାଯାଏ । ସେ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ ଫାଣ୍ଡାମେଣ୍ଟାଲ ରିସର୍ଚ୍ଚ ଓ ଟ୍ରମ୍ବେ ଆଟମିକ୍ ଏନର୍ଜି ଏଷ୍ଟାବ୍ଲିସ୍‌ମେଣ୍ଟ (ଏବେ ଭାଭା ପରମାଣୁ ଅନୁସନ୍ଧାନ କେନ୍ଦ୍ର) ପ୍ରତିଷ୍ଠା କରିଥିଲେ । ଏହି ଦୁଇଟି ଅନୁଷ୍ଠାନ ମାଧ୍ୟମରେ ଭାରତୀୟ ଆଣବିକ କାର୍ଯ୍ୟକ୍ରମର ମୂଳଦୁଆ ପଡ଼ିଥିଲା । ଲଣ୍ଡନ୍‌ରେ ଆଣବିକ ପଦାର୍ଥ ବିଜ୍ଞାନରେ ଉଚ୍ଚଶିକ୍ଷା ସାରି, ଛୁଟି କାଟିବା ପାଇଁ ହୋମୀ ଭାରତ ଫେରିବା ବେଳକୁ ଆରମ୍ଭ ହୋଇଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ସେ ଆଉ ଫେରିପାରି ନଥିଲେ । ତାହା ପରେ ଲଣ୍ଡନ ଫେରିବା ଚିନ୍ତା ସଂପୂର୍ଣ୍ଣ ଭାବେ ମୁଣ୍ଡରୁ କାଢ଼ି ବେଙ୍ଗାଲୁରୁସ୍ଥିତ ଭାରତୀୟ ବିଜ୍ଞାନ ସଂସ୍ଥାରେ ଅଧ୍ୟାପକ ଭାବେ ଯୋଗଦେଇଥିଲେ । ସେତେବେଳେ ଏହି ଅନୁଷ୍ଠାନର ମୁଖ୍ୟ ଥିଲେ ସିଭି ରମନ । ସ୍ୱାଧୀନତା ପୂର୍ବରୁ ହୋମୀ ବ୍ୟକ୍ତିଗତ ଭାବେ ଆଣବିକ ଅସ୍ତ୍ର ବିକାଶ କରିବା ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ । ସ୍ୱାଧୀନତା ପରେ ରାଷ୍ଟ୍ରୀୟ ସ୍ତରରେ ସରକାରୀ ଭାବେ ଆଣବିକ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ନେହେରୁଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଥିଲେ ଏବଂ ପ୍ରଥମ ଚାଇନା-ଭାରତ ଯୁଦ୍ଧ ବେଳେ ସର୍ବସାଧାରଣରେ ଭାରତର ଆଣବିକ ଅସ୍ତ୍ରର ଆବଶ୍ୟକତା ଉପରେ ଦୃଢ଼ ମତ ପୋଷଣ କରିଥିଲେ । ହୋମୀଙ୍କ ଆତ୍ମୀୟସ୍ୱଜନଙ୍କ ମଧ୍ୟରେ ବିଶ୍ୱ ପ୍ରସିଦ୍ଧ ଟାଟା ପରିବାର ଅନ୍ୟତମ । ସାର୍ ଦୋରାବଜୀ ଟାଟା, ଯନ୍ତ୍ର ବିଜ୍ଞାନ ପଢ଼ିବା ପାଇଁ ପୁତୁରା ହୋମୀଙ୍କୁ ଉପଦେଶ ଦେଇଥିଲେ । ଦାଦାଙ୍କ ଉପଦେଶ ଗ୍ରହଣ କରି ସେ ପ୍ରଥମେ ଯନ୍ତ୍ର ବିଜ୍ଞାନ ପଢ଼ିଥିଲେ ହେଁ ପରେ କ୍ଷେତ୍ର ପରିବର୍ତ୍ତନ କରିଥିଲେ । କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ଇସ୍ପାତ ଓ ଆନୁସଙ୍ଗିକ ଖଣିଜ ଶିଳ୍ପର ଅନ୍ୟତମ ଜନ୍ମଦାତା ଭାବେ ଆଜି ଟାଟା କମ୍ପାନୀ ବିଖ୍ୟାତ। ସୂଚନା ପ୍ରଯୁକ୍ତିର ସହଯୋଗ ନେଇ ଇସ୍ପାତ ଶିଳ୍ପକୁ ଏକ ନୂଆ ରୂପରେ ସମଗ୍ର ବିଶ୍ୱ ଦରବାରରେ ପହଞ୍ଚାଇ ଥିବା ଟାଟା ଉଦ୍ୟୋଗ ଆଜି ଶିଳ୍ପାୟନ କ୍ଷେତ୍ର ପାଇଁ ନିଶ୍ଚିତ ଭାବରେ ଆର୍ଦଶଣୀୟ।

୨୪ ଜାନୁଆରୀ ୧୯୬୬ ମୋ ବ୍ଲାଙ୍କ ନିକଟରେ ଏକ ବିମାନ ଦୁର୍ଘଟନାରେ ତାଙ୍କର ପରଲୋକ ହୋଇଥିଲା । ଭାରତର ପରମାଣୁ କାର୍ଯ୍ୟକ୍ରମରେ ବିଘ୍ନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମାର୍କିନ୍ ଗୁଇନ୍ଦା ସଂସ୍ଥା ସିଆଇଏ ବିମାନ ଦୁର୍ଘଟନାର ଷଡ଼ଯନ୍ତ୍ର ରଚାଇଥିବା ବିଶ୍ୱାସ କରାଯାଏ । ହୋମୀଙ୍କ ମୃତ୍ୟୁ ପରେ ମୁମ୍ବଇର ମାଲାବାର ହିଲ୍‌ରେ ଥିବା ତାଙ୍କର ବିଶାଳ ପ୍ରାସାଦ ଉତ୍ତରାଧିକାର ସୂତ୍ରରେ ସାନ ଭାଇ ଜାମଶେଦଙ୍କ ହାତରେ ପଡ଼ିଥିଲା । ଜମଶେଦ ନିଜର ଇଛା ପତ୍ରରେ ସେଇଟିକୁ ଦ ନେସ୍‌ନାଲ ସେଣ୍ଟର ଫର ଦ ପରଫର୍ମିଙ୍ଗ ଆର୍ଟସ୍‌କୁ ଦାନ କରିଥିଲେ । ଏବେ ପ୍ରାସାଦଟିକୁ ଗୋଦରେଜ ପରିବାର ୩୭୨ କୋଟି ଟଙ୍କାରେ କିଣିବା ପରେ ବିବାଦ ସୃଷ୍ଟି ହୋଇଛି । ଭାଭା ପରମାଣୁ କେନ୍ଦ୍ରର ବିଜ୍ଞାନୀମାନେ ଏହାର ପ୍ରତିବାଦ କରିଛନ୍ତି । ୧୯୦୯ ଅକ୍ଟୋବର ଆଜିର ଦିନରେ ମୁମ୍ବଇର ଏକ ପ୍ରତିଷ୍ଠିତ ପାରସୀ ପରିବାରରେ ହୋମୀ ଜନ୍ମ ହୋଇଥିଲେ । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ପ୍ରଯୁକ୍ତି ବିଜ୍ଞାନରେ ଭାରତର ବିକଶିତ ଭୂମିକା ପାଇଁ ସ୍ଲୋଗାନ ଦେଇଥିଲେ - 'ଜୟ ଜବାନ, ଜୟ କିଶାନ, ଜୟ ବିଜ୍ଞାନ'। ପୂର୍ବତନ ପ୍ରଧାନମନ୍ତ୍ର ଶାସ୍ତ୍ରୀ ଜୀଙ୍କ ଜୟ କିଶାନ, ଜୟ ଜବାନ ସ୍ଲୋଗାନ ପରେ ବାଜପେୟୀଙ୍କ ଜୟ ବିଜ୍ଞାନର ନାରା ସମ୍ଭବତଃ ପରିକ୍ଷିତ ହୋଇଥିଲା ପୋଖରାନ୍‌ରେ ଭାରତର ପରମାଣୁ ପରୀକ୍ଷଣ ବେଳେ। ଯେଉଁଥି ପାଇଁ ସମଗ୍ର ବିଶ୍ୱ ଭାରତର ମହାଜାଗତିକ ଶକ୍ତି ଓ ଉଚ୍ଚକ୍ଷମତା ସମ୍ପନ୍ନ ପରମାଣୁ ଜ୍ଞାନବିଜ୍ଞାନର କୌଶଳକୁ ନେଇ ହତ୍‌ଚକିତ୍ ହେବାସହ କୁହାଯାଇପାରେ ଯେ ଭାରତର ପରମାଣୁ ଜ୍ଞାନକୁ ନେଇ ଭୟଭୀତ ବି ହୋଇପଡ଼ିଥିଲେ!! ଭାରତର ପରମାଣବିକ ଶକ୍ତିରେ ଆମର ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ଏ.ପି.ଜେ. ଅମଦୁଲ କଲାମଙ୍କ ଭୂମିକା ଅବିସ୍ମରଣୀୟ। ଆଜି ଭାରତର ବୈଜ୍ଞାନିକମାନେ ବିଶେଷକରି ଯୁବ ଗବେଷକ ସମ୍ପନ୍ନ ବିଜ୍ଞାନୀମାନେ ହୋମୀ ଜହାଁଙ୍ଗୀର ଭାଭାଙ୍କ ଅବର୍ତ୍ତମାନରେ ବିଜ୍ଞାନ ସୂଚନା କୌଶଳକୁ ତ୍ୱରାନ୍ୱିତ କରୁଛନ୍ତି ଏହା ଯେତେ ପ୍ରଶଂସା କଲେ ବି କମ୍ ହେବ। କିନ୍ତୁ ଆଜିପରି ଏକ ସ୍ମରଣୀୟ ଦିନରେ ଆମେ ଭାରତ ଜ୍ଞାନବିଜ୍ଞାନର ସେହି ଅବିସ୍ମରଣୀୟ କିମ୍ବଦନ୍ତୀ ପୁରୁଷଙ୍କୁ ସ୍ମରଣ କରି ତାଙ୍କ ଅମ୍ଳାନ ଆତ୍ମା ପାଇଁ ଶ୍ରଦ୍ଧା ନୈବେଦ୍ୟ ଅର୍ପଣ କରୁଛୁ।

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦




## ଅବାସ୍ତବ ପୃଥିବୀ

### ଡ. ଦୀପକ କୁମାର ମିଶ୍ର



ଏଠି ପୃଥିବୀ
ଏକ କିମ୍ଭୁତକାର ଅବାସ୍ତବ ଅଦ୍ଭୁତ ଦୁନିଆ
ଯନ୍ତ୍ରଣାର ସମୁଦ୍ରରେ ପଶିଯାଇ
ବିକର୍ମରେ ଛନ୍ଦିମନ୍ଦି ହୋଇ
କାଦୁଅରେ ଗୋଡ଼ ଫସେଇ
ପୁଣି ଆଉ ଫେରିବାକୁ ବାଟ ମିଳେ କିଆଁ।
ମୁହଁ'କ ସ୍ୱଳ୍ପମିଆଦି ମିଠାମୃତ୍ୟୁର ସ୍ୱାଦରେ
ଭୁଲିଗଲୁ କି ରେ ତୁ ଆଜି
ମା'ର ମମତା
ବାପାର ନିରୁତା ଗେହ୍ଲାପଣ,
ଭାଇଭଉଣୀଙ୍କ ମଧୁରିମା ମାୟା
ଯାହାକୁ ଭାବିଲୁ ଜୀବନର ସବୁକିଛି
ସିଏ ହିଁ ଟୁକୁଡ଼ା ଟୁକୁଡ଼ା କରି କାଟି ଫିଙ୍ଗିଦେଲା
ସଦ୍ୟପଜା ଡାହାମିଛ ପ୍ରେମର ଛୁରୀରେ ।
ଏ ଅନୁର୍ବର କୃତଘ୍ନ ମାଟିରେ କେବେ
ଫଳେ ନାହିଁ ସ୍ୱପ୍ନ
ଏଠି ସବୁକିଛି ଆଖି ଝଲସିଆ ମୃଗ
ମରୀଚିକା
ମନେରଖ
ବିଭୀଷିକାମୟ ଏ ଯନ୍ତ୍ର ଜୀବନରେ
ତିଳେମାତ୍ର ମିଳେ ନାହିଁ ସୁସ୍ଥ ଜୀବନର
ରାହା ।
ଆ' ଫେରିଆ ରେ'
ପୁଣି ଥରେ ମା'ର କୋଳକୁ,
ବାପାର କାନ୍ଧକୁ, ଘର ଅଗଣାକୁ
ଭଳିକିଭଳି ଭେଳିକିପକା ଇନ୍ଦ୍ରଜାଲ
ମାଖି
ଯେଉଁ ଜୀବନ ଜିଉଁଛୁ ନା
ସେଠି ଆହାଃ କହିବାକୁ କେହି ନାହିଁ
ଏକ ଲହୁଲୁହାଣ ଆକ୍ତାମାକ୍ତା
ଏକ୍ଲାପଣ ଭୋଗୁଥିବା ଦୁଃଖୀ
ଆତ୍ମାଟିଏ ଛଡ଼ା ।

ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ମଦ

### ଧନୁର୍ଯ୍ୟ ମାଝୀ



ମଦ ପିଇ ପିଇ ଜୀବନ କାଟିଲେ
ଜୀବକୁ ଭରସା ନାହିଁ
ଦିନେ ନ ପିଇଲେ ଭଲ ଲାଗେ ନାହିଁ
ମଦ ଭାଟି ଗଲା କାହିଁ ।
ମଣିଷ ପିଇବ ମଣିଷ ମରିବ
ମଦ କେବେ ସରିବ ନାହିଁ
ସେହି ମଦ ଦିନେ ଜୀବନ ମାରିବ
ମଣିଷ ବୁଝିବ ନାହିଁ ।
ମଶାଣି ଯୁଇଁ ରେ ଜଳିଗଲା ପରେ

ପରିବାର ପାଖେ ନାହିଁ
ପରିବାର ଲୋକ ଝୁରି କାନ୍ଦୁଥିବେ
ଜୀବନଟା ଗଲା କାହିଁ ।
ଜୀବନଟା ସିନା ଏକା ଚାଲିଗଲା
ମଦ ତୋ ଗଲା ନାହିଁ
ସେହି ମଦ ଦିନେ ପରିବାର ଭାଙ୍ଗିଲା
ସ୍ତ୍ରୀ ମଥାରେ ସିନ୍ଦୁର ନାହିଁ ।

ଗ୍ରାମ -ବଣ୍ଡୋଗୁଡା, ଜୁନାଗଡ଼
(କଳାହାଣ୍ଡି)
ମୋ-୭୭୩୫୧୫୯୨୩୫



ଧାରାବାହିକ ଉପନ୍ୟାସ

# ଧୂରନ୍ତ ଶିଖା

ଭାଗ-୮୫

ମନେମନେ ଲକ୍ଷ୍ମଣଙ୍କ ବୀରତ୍ୱକୁ ମୁଁ ପ୍ରଶଂସା କରୁଥିଲି । ଏମିତି କିଛି ସମୟ ଧରି ଯୁଦ୍ଧ ଚାଲିଥିବା ସତ୍ୱେ ଆମେ କେହି କାହାକୁ ପରାଜିତ କରି ପାରୁ ନଥିଲୁ । ଶେଷରେ ବାଧ ହୋଇ ଲକ୍ଷ୍ମଣଙ୍କ ବିରୋଧରେ ମୋତେ ଦିବ୍ୟାସ୍ତ୍ର ପ୍ରୟୋଗ କରିବାକୁ ପଡ଼ିଲା । ମୋ ଅସ୍ତ୍ରର ଆଘାତରେ ଲକ୍ଷ୍ମଣ ଅଚେତ ହୋଇ ତଳେ ପଡ଼ିଗଲେ । ମନେମନେ ମୁଁ ଲକ୍ଷ୍ମଣର ବୀରଗତି ପ୍ରାପ୍ତ ହୋଇଥିବା ଭାବି ଆନନ୍ଦିତ ହେଉଥିଲି । ମାତ୍ର ପରେ ଜାଣିଲି ଲକ୍ଷ୍ମଣଙ୍କର ପ୍ରକୃତରେ ଦେହାନ୍ତ ହୋଇ ନଥିଲା । କିଛିସମୟ ପାଇଁ ସେ ଅଚେତ ହୋଇ ପଡ଼ିଥିଲେ । ଲକ୍ଷ୍ମଣ ନିକଟରେ ମୋର ବିଜୟର ମୁଁ ପ୍ରବଳ ଅଟ୍ଟହାସ୍ୟରେ ଫାଟି ପଡୁଥିବାବେଳେ ମୋ ସମ୍ମୁଖରେ ଅସ୍ତ୍ରଧରି ଛିଡ଼ା ହୋଇଗଲେ ରାମ । ସେ ମୋତେ ପରିହାସ କରି ମୋ ସହ ଯୁଦ୍ଧ କରିବାକୁ ଆରମ୍ଭ କରିଦେଲେ । ଖୁବ୍ ଅଳ୍ପସମୟ ମଧ୍ୟରେ ମୋର ରଥ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା । ସାରଥୀ ମଧ୍ୟ ତାଙ୍କ ଶରାଘାତରେ ଟଳିପଡ଼ିଲେ । ଶେଷରେ ମୋ ହାତରୁ ସମସ୍ତ ଅସ୍ତ୍ର ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଗଲା । ମୁଁ ହୋଇଗଲି ଅସ୍ତ୍ରଶୂନ୍ୟ । ଭାବିଲି ଏବେ ଆଉ ରାମଙ୍କ ଠାରୁ ମୋତେ ନିସ୍ତାର ମିଳିବନି । ମାତ୍ର ରାମ ଯେ ଏତେ ଉଦାର ହୋଇପାରନ୍ତି, ତାହା ମୁଁ ସେଇ ମୁହୂର୍ତ୍ତରେ ଜାଣିପାରିଲି । ରାମ ବେଶ୍ ବିନମ୍ରତାର ସହ ମୋତେ ଲକ୍ଷ୍ୟ କରି କହୁଥିଲେ, ହେ ରାବଣ, ତୁମ ବୀରତ୍ୱକୁ ମୁଁ ସ୍ୱୀକାର କରୁଛି । ମାତ୍ର ଏମିତି ଅସ୍ତ୍ରଶୂନ୍ୟ ଭାବେ ତୁମ ସହ ଯୁଦ୍ଧ କରିବାକୁ ଚାହେଁନାହିଁ । ସମ୍ମୁଖ ଯୁଦ୍ଧରେ ଶତ୍ରୁ ହାତରେ ଅସ୍ତ୍ର ଥିବାବେଳେ ତା ସହ ଯୁଦ୍ଧ କରିବା ଉଚିତ୍ । ତୁମ ସହ ଯୁଦ୍ଧ କରି ମୁଁ ଅଧର୍ମୀ ହୋଇ ପାରିବିନି । ତେଣୁ ଆଜି ପାଇଁ ତୁମେ ଫେରିଯାଅ । ଆଗାମୀ କାଲି ପୁଣି ଅସ୍ତ୍ରଶସ୍ତ୍ର ଧାରଣ କରି ମୋ ସାମ୍ନାକୁ ଆସିବ, ଆଉ ମୁଁ ଯୁଦ୍ଧ କରିବି ।

ଲଜ୍ଜା ଓ ଅପମାନରେ ମୁଁ କ୍ରମଶଃ ଆରକ୍ତ ହୋଇ ଉଠୁଥିଲି । ଭାବୁଥିଲି, ରାମ ମୋ ପ୍ରତି ଏତେ ଉଦାର ହୋଇପାରିଲେ କେମିତି ? ତାଙ୍କ ପତ୍ନୀକୁ ଚୋରାଇ ଆଣି ମୁଁ ତ ପାପୀ, ଅପରାଧୀ ମଧ୍ୟ । ରାମ, ରାବଣଙ୍କ ମଧ୍ୟରେ ସମ୍ପର୍କ କେବଳ ଶତ୍ରୁତା, ତିକ୍ତତା । ତା ସତ୍ତ୍ୱେ ମୋତେ ବଧ କରିବାର ସୁଯୋଗ ପାଇ ମଧ୍ୟ ରାମ ମୋତେ ଏମିତି ଭାବେ ଫେରାଇ ଦେଲେ କାହିଁକି ? ଭାବିଲି ତାଙ୍କ ଜାଗାରେ ଆଉ କିଏ ହୋଇଥିଲେ, ମୋତେ ତ ମୂଳରୁ ଶେଷକରି ଦେଇଥାନ୍ତେ । ଅଥଚ ମୋର ଏତେ ଅପରାଧ ପରେ ମଧ୍ୟ ମୋତେ କ୍ଷମା କରି ପାରୁଛନ୍ତି କେମିତି ? ଏହା ପୂର୍ବରୁ ମଧ୍ୟ ରାମ ଅନେକଥର ମୋ ପାଖକୁ ଦୂତ ପଠାଇ ଶାନ୍ତିର ପ୍ରସ୍ତାବ ଦେଇଥିଲେ । ସସମ୍ମାନେ ପତ୍ନୀ ସୀତାଙ୍କୁ ଫେରାଇ ଦେବାପାଇଁ ଅନୁରୋଧ କରିଥିଲେ । ହେଲେ ମୁଁ ନିଜେ ତାଙ୍କ କଥା ଶୁଣି ନଥିଲି । ନିଜର ଗର୍ବ, ଅହଂକାର, ପ୍ରତିପତ୍ତିକୁ ନେଇ ବଞ୍ଚିବାକୁ ଚେଷ୍ଟା କରିଥିଲି ମୁଁ ମୋ ନିଜସ୍ୱ ଜିଦ୍‌ରେ ଏମିତି ଅଟଳ ଥିଲି ଯେ, ମୋତେ କାହାରି ପରାମର୍ଶ ଭଲ ଲାଗୁନଥିଲା ।

ଲଙ୍କାନଗରୀରେ ମୋର ତ ଅନେକ ଶୁଭଚିନ୍ତକ ଥିଲେ । ସେମାନେ ବାରମ୍ବାର ମୋତେ ଯୁଦ୍ଧରୁ କ୍ଷାନ୍ତ ହେବାପାଇଁ ଅନୁରୋଧ କରିଥିଲେ । ମାତାମହ ମାଲ୍ୟବନ୍ତ ଏ ବିଷୟରେ ମୋତେ ଅନେକ ବୁଝାଇଥିଲେ । ପିତା ମୋତେ ଭଲ ମଣିଷଟିଏ ହୁଅ ବୋଲି ସଦାସର୍ବଦା ଆଶୀର୍ବାଦ କରୁଥିଲେ । ମାତା ମଧ୍ୟ ମୋ ଚିନ୍ତାଧାରାକୁ ବଦଳାଇବାକୁ ଚେଷ୍ଟା କରିଥିଲେ । ପତ୍ନୀ ମନ୍ଦୋଦରୀ, ଶଶୁର ମୟଦାନବ ସମସ୍ତେ ମୋତେ ସେଇ ଗୋଟିଏ କଥା ପାଇଁ ବିରୋଧ କରୁଥିଲେ । ହେଲେ ଦୁର୍ଭାଗ୍ୟ ମୁଁ କାହାରି କଥା ଶୁଣିନଥିଲି ।

ରାମଙ୍କ ଠାରୁ ଲଜ୍ଜା, ଅପମାନ ପାଇ ମୁଁ ସେଦିନ ରାଜପ୍ରାସାଦକୁ ଫେରି ଆସିଥିଲି । ରାତିରେ ମୁଁ ଆଦୌ ଶୋଇପାରି ନଥିଲି । ମୋ ଆଖିରେ କେବଳ ଦିଶୁଥିଲା ରାମଙ୍କ ପ୍ରତିମୂର୍ତ୍ତି । କାନରେ ଶୁଭୁଥିଲା ରାମଙ୍କ ପରିହାସ ବାଣୀ । ନିଜକୁ ଅପରାଧି ମଣୁଥିଲି । ଉପରେ ଯେତେ ଦମ୍ଭ ଦେଖାଇ ହେଲେ ମଧ୍ୟ ଭିତରେ ଭିତରେ ମୁଁ ଡରି ଯାଇଥିଲି । ମୁଁ ପ୍ରକୃତରେ ଡରି ଯାଇଥିଲି ରାମଙ୍କୁ । ଆଗକୁ ପୁଣି କ'ଣ ହେବ, ସେ ନେଇ ମନରେ ଦ୍ୱନ୍ଦ୍ୱ ଜାଗୁଥିଲା । ସାରା ରାତି ଭଲରେ ଶୋଇ ପାରି ନଥିଲି । ରାତ୍ରିର ତୃତୀୟ ପ୍ରହରରେ ଏକ ଭୟଙ୍କର ଶବ୍ଦରେ ମୋ ଶରୀରରେ ଶିହରଣ ଖେଳି ଯାଉଥିଲା । ମୋତେ ଯେମିତି ମନେ ହେଉଥିଲେ ମୋ ଝରକା ସେପଟେ କେହି ଜଣେ ମୋତେ କିଛି କହୁଛି । ମୋ କକ୍ଷ ମଧ୍ୟରେ ରତ୍ନପ୍ରଦୀପଟି ଲିଭି ଯାଇଥିଲା । ସେଇ ଅନ୍ଧାର ମଧ୍ୟରେ ଦେଖି ପାରୁଥିଲି ଏକ ନାରୀ ମୂର୍ତ୍ତି । ଏକ ଅସ୍ପଷ୍ଟ ଛାୟାମୂର୍ତ୍ତି ମୋ ସମ୍ମୁଖକୁ ବାରମ୍ବାର ଆସୁଥିଲା ।

କିଏ କିଏ ତୁମେ ?

ମୋତେ ଚିହ୍ନି ପାରୁନ ରାବଣ । ଚିହ୍ନିବାକୁ ଚେଷ୍ଟାକର । ମୁଁ ବେଦମତୀ ।

ବେଦମତୀ ?

ହଁ ବେଦମତୀ । ଏ ଜନ୍ମରେ ସୀତା ରୂପେ ଜନ୍ମ ନେଇଛି । ତୁମ ପାଖରୁ ପ୍ରତିଶୋଧ ନେବି । ଜୀବନ ସଂଗ୍ରାମରେ ହାରିଯାଇ ସେଦିନ ମୁଁ ତୁମରି ପାଇଁ ନିଆଁରେ ଝାସ ଦେଇଥିଲେ । ହେଲେ, ଆଉ ନୁହେଁ, ଆଉ ବେଶିଦିନ ନୁହେଁ । ଏବେ ତୁମର ଅନ୍ତିମ ସମୟ ଆସିଯାଇଛି ରାବଣ । ଆଉ ବେଶିଦିନ ନୁହେଁ ସେଦିନର ବେଦମତୀ ଏବେ ସୀତା ରୂପରେ ଆବିର୍ଭୂତା ହୋଇଛି । ସିଏ ତୁମ ମୃତ୍ୟୁର କାରଣ ହେବ ?

ମୁଁ ସେଦିନ ଭୟରେ ବିଚଳିତ ହୋଇ ପଡ଼ିଥିଲି । ବେଦମତୀ ତେବେ ମୋରି ପାଖରେ । ତାର ମୃତ୍ୟୁର କାରଣ ଦିନେ ମୁଁ ହିଁ ଥିଲି । ଆଉ ଆଜି ସେ ମୋ ପାଇଁ.... । ମୁଁ ଯେତେଯେତେ ଛାୟାମୂର୍ତ୍ତିକୁ ଅନାଉଥିଲି ସତେ ବିସ୍ମିତ ହୋଇ ଯାଉଥିଲି । ବେଦମତୀ ମଧ୍ୟରେ ମୁଁ ଯାହାକୁ ଦେଖୁଥିଲି ସିଏ ତ ସାକ୍ଷାତ୍ ସୀତା । ମୋ ଚକ୍ଷୁ ସାମ୍ନାରେ ଦୁଇଟି ମୂର୍ତ୍ତି ଦୃଶ୍ୟମାନ ହେଉଥିଲେ ଗୋଟିଏ ସୀତା, ପୁଣି ସେଇ ହିଁ ବେଦମତୀ । ଭାବିପାରୁ ନଥିଲି ଇଏ କ'ଣ ସତରେ ମୋ ମନର ଭ୍ରମ ନା ବାସ୍ତବ ?

ଏବେ ମୋର ଅନ୍ତିମ ସମୟ ଉପନୀତ । ଧୂଳି ଧୂସରିତ ରଣକ୍ଷେତ୍ରରେ ପଡ଼ିରହି କେତେ ଭାବନା ମୋ ମନକୁ ଆସୁଛି । ସେଦିନ କାହିଁକି ରାମ ମୋତେ ବଧ ନକରି ଫେରାଇ ଦେଇଥିଲେ । ମୋ ମନର ପରିବର୍ତ୍ତନ ପାଇଁ କେତେ ଚିନ୍ତା ସେ ନ କରିଥିଲେ । ଚାହିଁଥିଲେ ସେ ତ ବେଶ୍ ଅନାୟାସରେ ଶେଷ କରି ଦେଇ ପାରିଥାନ୍ତେ । ହେଲେ, ସିଏ ଉଦାରତାର ପ୍ରତୀକ, ଧର୍ମର ଅବତାରୀ ପୁରୁଷ । ସେ କେମିତି ଏତେ ସହଜରେ ଧୈର୍ଯ୍ୟହରା ହୁଅନ୍ତେ । ମୋତେ ଶିକ୍ଷା ଦେବା ପାଇଁ ଅନେକଥର ସେ ଚେଷ୍ଟା କରିଛନ୍ତି । ମୁଁ କିନ୍ତୁ ଏମିତି ଅଧମ, ତାଙ୍କ କଥାକୁ ଏଡ଼ାଇ ଯାଇଥିଲି ।

ହେ ପ୍ରଭୁ ରାମଚନ୍ଦ୍ର ଜାଣେନା, ଠିକ୍ କରିଛି କି ଭୁଲ୍ କରିଛି । ମାତ୍ର ମୋ ମନ କହୁଛି ମୁଁ ଯାହା କରିଛି ମୋ ଜୀବନର ମୋକ୍ଷ ପାଇଁ ହିଁ କରିଛି । ମୁଁ ଯଦି ତୁମରି କଥାରେ ସନ୍ଧି କରିଥାନ୍ତି ତେବେ, ତୁମ ହାତରେ ମୃତ୍ୟୁ ଲଭିବାର ସୁଯୋଗ ପାଇଥାନ୍ତି କେମିତି ? ସୀତାଙ୍କୁ ଯଦି ଭଲରେ ଭଲରେ ଫେରି ପାଇଥାନ୍ତ ତୁମେ କ'ଣ କେବେ ମୋ ସହ ଯୁଦ୍ଧ କରିଥାନ୍ତ ? ମୋରି ପାଇଁ ତ ତୁମରି ହାତରେ କେତେକେତେ ରାକ୍ଷସବୀର ମୃତ୍ୟୁ ଲଭିଲେ । ତେଣୁ ହେ ରାମଚନ୍ଦ୍ର, ତୁମରି ଆଗରେ, ଏ ମହାକାଶ ତଳେ ମୋତେ ମୋର ଅବଶିଷ୍ଟ ଜୀବନକାହାଣୀ କହିବାକୁ ଶକ୍ତିଦିଅ । ମୋ ଆତ୍ମଲିପି ପଢ଼ି ଆଗାମୀ ପିଢ଼ି ଯଦି ମୋତେ ବୁଝି ପାରନ୍ତି, ମୋ ଜୀବନ କାହାଣୀରୁ କିଛି ଶିକ୍ଷା ପାଆନ୍ତି ତାହା ହିଁ ହେବ ମୋ ଆତ୍ମସନ୍ତୋଷ, ପରମ ତୃପ୍ତି... ।



ଡ. ସିନ୍ଧୁ ସେନ୍

॥ ଚାଳିଶ ॥

ସେଦିନ ମୁଁ ଅନ୍ୟମନସ୍କ ଭାବେ ରାଜଦରବାରରେ ଉପସ୍ଥିତ ହେଲି । ଆଗାମୀ ଦିନରେ ପୁଣି ରଣନୀତି ଆମର କିପରି ହେବ । କେମିତି ହେବ, ଏସବୁ ଚିନ୍ତାରେ ମୁଁ ବିବ୍ରତ ଥିଲି । କାହାରି ସହ କଥାବାର୍ତ୍ତା ନକରି ନିରବରେ ମୁଣ୍ଡ ତଳକୁ କରି ବସିଥାଏ । ମାତାମହ ଆସିଲେ । ପଚାରିଲେ କ'ଣ ହୋଇଛି ରାବଣ ? ତୁମେ ଚିନ୍ତିତ ଥିଲା ପରି ଲାଗୁଛ । କ'ଣ କିଛି ସମସ୍ୟା ?

କ'ଣ କହିବି ମାତାମହ । ଆପଣ ତ ଜାଣନ୍ତି ଲଙ୍କାର ଅବସ୍ଥା ଏବେ କେମିତି ଅଛି । ଧୀରେଧୀରେ ଆମ ରାଜ୍ୟ ବୀରଶୂନ୍ୟ ହୋଇପଡୁଛି । ସତରେ କ'ଣ ଲଙ୍କାର ପୂର୍ବାବସ୍ଥା ଫେରିବନି ମାତାମହ ?

ଦେଖ ପୁତ୍ର ତୁମେ କେବଳ ଲଙ୍କାର ରାଜା ନୁହେଁ, ମୋର ଆତ୍ମୀୟ ମଧ୍ୟ । ମୁଁ ଅନେକ ପୂର୍ବରୁ ତୁମକୁ ସତର୍କ କରାଇ ଦେଇଥିଲି । ହେଲେ, ତୁମେ କ'ଣ କିଛି ଶୁଣିଲ । ହଁ ମାତାମହ । ବିଭୀଷଣକୁ ଦେଶାନ୍ତର ଦଣ୍ଡ ଦେଇ ମୁଁ ବଡ଼ ଭୁଲ୍ କରିଛି । ଭାଇ ହୋଇ ମଧ୍ୟ ଶତ୍ରୁ ଶିବିରରେ ସେ ଶରଣାପନ୍ନ ହୋଇଛି । ଆଉ ଆମ ରାଜ୍ୟର ଗୁପ୍ତ ରହସ୍ୟ ସବୁ ଶତ୍ରୁପାଖରେ ଖୋଲି ଦେଇଛି । ଏବେ ମୋ ପଛରେ କିଏ ବା ଆଉ ଅଛି । ମୋତେ ସାହାହେବ । ଏହି ସବୁ କଥା ଭାବି ମୁଁ ଚିନ୍ତିତ ମାତାମହ ।

ହେ ଲଙ୍କେଶ୍ୱର ମୁଁ ତୁମ ମନର ଦ୍ୱନ୍ଦ୍ୱ ବୁଝିପାରୁଛି । ତେବେବି ଗୋଟିଏ ଉପାୟ ଅଛି । ବିଭୀଷଣ ସିନା ପାଖରେ ନାହାନ୍ତି । ମାତ୍ର କୁମ୍ଭକର୍ଣ୍ଣ ତ ଜୀବିତ ଅଛି ।

କିନ୍ତୁ ମାତାମହ ସେ ତ ଏବେ ନିଦ୍ରାସନରେ ଅଛନ୍ତି । ସେ ମୋତେ କ'ଣ ବା ସାହାଯ୍ୟ କରିପାରିବେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା

॥ ଭାଗ-୧୧୨ ॥



ଆମେ ମନ୍ଦିର ବେଢା ଓ ଦେବତାଙ୍କୁ ପରିକ୍ରମା କରିଥାଉ । କାରଣ, ପୃଥିବୀ ମଧ୍ୟ ସେହିପରି ନିଜ ଆତ୍ମ ଶକ୍ତି ବା ଅକ୍ଷକୁ ପରିକ୍ରମା କରିବା ସହ ଜୀବନ ଶକ୍ତି ଗ୍ରହଣ କରିବା ପାଇଁ ସୂର୍ଯ୍ୟଙ୍କୁ ପରିକ୍ରମା କରୁଥାନ୍ତି । ଏହି ଆକାଶ ଗଙ୍ଗା ଛାୟାପଥରେ ଗୋଟିଏ ସୂର୍ଯ୍ୟ ଓ ଗୋଟିଏ ପୃଥିବୀ ପରି ଜୀବନ୍ତ ଗ୍ରହ ଥିଲେ ମଧ୍ୟ ସମସ୍ତେ ବିଶ୍ୱ ପାଇଁ ନିଜ, ନିଜ କାର୍ଯ୍ୟ କରି ଚାଲିଛନ୍ତି । ସୃଜନ ରୂପକ ପଦ୍ମ ମଧ୍ୟ ରେ ପରମ ଅଣୁ ରୂପକ କର୍ଣିକା, ଯେଉଁ ଥିରୁ ସମ୍ପଦ, ଜ୍ଞାନ, ଜୀବନ, ଶବ୍ଦ ବ୍ରହ୍ମର ସୃଷ୍ଟି, ଶବ୍ଦରୁ ବେଦ । ତେଣୁ ତାହା ଉପରେ ଲକ୍ଷ୍ମୀ, ସରସ୍ୱତୀ, ବ୍ରହ୍ମା ସମସ୍ତେ ଆସୀନ । ବିଷ୍ଣୁଙ୍କ ହାତରେ ମଧ୍ୟ ଏହି ପଦ୍ମ । ସେ ପଦ୍ମ କର୍ଣିକାର ମଧ୍ୟେ, ବେଦ ପ୍ରକାଶେ ପଦେ, ପଦେ । 'ପୃଥିବୀ ର ପ୍ରଥମ ମାନବ ନୀଳ ନଦୀ ଓ ଲୋହିତ ସାଗର କୂଳ ରେ ଜନ୍ମ ହୋଇ ରୋଦନ କରିଥିଲା । ତାର ରଙ୍ଗ ନୀଳ, ଲୋହିତ ବା ଜାମୁ ବର୍ଣ୍ଣ ବାଇଗଣି ବା କଳା ବା ରକ୍ତାଭ ରଙ୍ଗ ଥିଲା । ସେହି ବଂଶର ନାରୀଠାରୁ ବ୍ରହ୍ମା ସପ୍ତ ଋଷିଙ୍କ ପରେ ନୀଳ ଲୋହିତଙ୍କୁ ଜନ୍ମ ଦେଇଥିଲେ । ପ୍ରାୟ ପୃଥିବୀ ସୃଷ୍ଟିର ତିନିଶହ କୋଟି ବର୍ଷ ପରେ , ଯେତେବେଳେ କି ମହାକାଶରେ ବାରଟି ସୂର୍ଯ୍ୟ ଉଦୟ ଓ ଅସ୍ତ ହେଉଥିଲେ, ଦିନ ଅଠର ଘଣ୍ଟାଥିଲା, ସେତେବେଳେ ହିଁ ଆକାଶରେ କଶ୍ୟପ ମଣ୍ଡଳ ଦେଖା ଦେଇଥିଲା ଓ ଏହି ସମୟ ମଧ୍ୟରେ ସ୍ୱଞ୍ଜ, ମୀନଠାରୁ ଅନ୍ୟ ପ୍ରାଥମିକ ଜୀବ ଓ ନାରୀ , ପୁରୁଷ ସୃଷ୍ଟି ହୋଇଥିଲା । (ଅଥଚ ଏହି ସାତ ବର୍ଷ ତଳେ ଆକାଶରେ କଶ୍ୟପ ତାରା ରହିଥିଲେ ବୋଲି ମଧ୍ୟ କୌଣସି ପତ୍ରିକାରେ ପଢିଥିଲି ।) ଏହିପରି କଶ୍ୟପ ତାରା ପୃଥିବୀରେ ଜୀବନ ସୃଷ୍ଟିର ଆରମ୍ଭଠାରୁ ସମୟ ବ୍ୟବଧାନରେ ପୃଥିବୀର ଆକାଶକୁ ଆସୁଥିଲେ । ଭାଗବତ ଅନୁସାରେ କଶ୍ୟପ ସପ୍ତ ଋଷି ମେଳେ, ରହିଲେ ଆଶ୍ରମ ମଣ୍ଡଳେ ଓ ଜୀବ ମାନଂକ ରୂପାୟନ କରିଥିଲେ । ( ଏହା ବିଜ୍ଞାନ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । କିନ୍ତୁ ମୁଁ ଯେହେତୁ ମୋର ପୂର୍ବଜ କଶ୍ୟପଙ୍କ ବିଷୟରେ ଲେଖୁଅଛି, ତେଣୁ ଏହି ବିଷୟକୁ ସ୍ଥାନ ଦେଇଛି ।) ସେହି କଶ୍ୟପ ତାରାଙ୍କୁ ମୁଁ ମୋ ନାମରେ ନାମିତ କଲି । ବ୍ରହ୍ମା ଆଦି ସୃଷ୍ଟିର ସ୍ରଷ୍ଟା ଏବଂ ସେ ଯୋଗ ରୂପରେ ପୃଥିବୀ ଲୋକ ସହିତ ସମ୍ପର୍କ ରଖିଥାନ୍ତି । ଇନ୍ଦ୍ରଙ୍କର ପରାମର୍ଶ ଦାତା ମାନଙ୍କ ମଧ୍ୟରେ ପିତାମହ ବ୍ରହ୍ମା ପଦବୀ ଅନ୍ୟତମ । ବ୍ରହ୍ମାଙ୍କର କାର୍ଯ୍ୟକାଳ( ଚାରିଶହ ବତିଶ କୋଟି, ଯଦି ବେଦ ମତ ରେ ଚାରିଶହ ବତିଶ ଲକ୍ଷ ।) ବର୍ଷ ବା ସ୍ୱର୍ଗରେ ବ୍ରହ୍ମା ଏକ କଳ୍ପ ବା ପଚାଶ ବର୍ଷ ଅନ୍ତରରେ ଓ ମନ୍ୟୁ ପ୍ରାୟ ସାଢେ ତିନି ବର୍ଷରେ ପରିବର୍ତ୍ତିତ ହୋଇଥାନ୍ତି ଓ ପୁଣି ନୂତନ ପ୍ରକାର ସୃଷ୍ଟି ହୁଏ ବା ପୂର୍ବସୃଷ୍ଟି ରେ ପରିବର୍ତ୍ତନ ଆସେ । କିନ୍ତୁ ବ୍ରହ୍ମାଙ୍କର ଜୀବନ ଦୁଇ ପରାର୍ଦ୍ଧ ବା ଦୁଇରେ ସତରଟି ଶୂନ୍ୟ ବା ପନ୍ଦରଟି ଶୂନ୍ୟ ଥିବା ବର୍ଷ । ମହାକାଶରେ ତାରକାମାନଂକ ସର୍ବୋଚ୍ଚ ଆୟୁଷ ଏକ ଲକ୍ଷ କୋଟି ବର୍ଷ ହୋଇଥାଏ । ଅର୍ଥାତ୍ କୋଡ଼ିଏ ହଜାର ତାରକା ପୀଢ଼ିର ଆୟୁଷ ସହିତ ସମାନ । ଅନ୍ୟପକ୍ଷରେ ବେଦ ମତରେ ମାନବର ମହାକାଶରେ ଗତି ଶକ୍ତି ଅନୁସାରେ ଯଦି ଏହା ଆଲୋକ ବର୍ଷ ହୋଇଥାଏ, ପ୍ରାୟ ଦୁଇ ଲକ୍ଷ ବର୍ଷ ହୋଇଥିବ ।

ବର୍ତ୍ତମାନ ବ୍ରହ୍ମାଙ୍କର ନାମ ଯଜ୍ଞ ପୁରୁଷ । ବିଶ୍ୱାସ କରାଯାଏ ଯେ ଆୟୁର୍ବେଦକୁ ବ୍ରହ୍ମା ସୃଷ୍ଟି କରିଥିଲେ । ସେ ସର୍ବପ୍ରଥମେ ସ୍ୱର୍ଗ ବୈଦ୍ୟ ଅଶ୍ୱିନୀ କୁମାରଙ୍କୁ ଏହି ବିଜ୍ଞାନ ପ୍ରଦାନ କରିଥିଲେ । ଅଶ୍ୱିନୀ କୁମାର ଦକ୍ଷ ପ୍ରଜାପତି ଙ୍କୁ ଏହି ବିଦ୍ୟା ପ୍ରଦାନ କରିଥିଲେ । ଦିତି ସନ୍ଦିହାନ ହୋଇ ପଚାରିଥିଲେ 'କାହିଁକି ପ୍ରଜାପତି ?' 'କାହିଁକିନା ଦକ୍ଷ ପ୍ରଜାପତିଙ୍କର ମାତା ମାରୀଶା ପ୍ରକୃତି କୋଳରେ ବୃକ୍ଷ ମାନଙ୍କ ଦ୍ୱାରା ପାଳିତା ହୋଇ ବଢିବାରୁ ସେ ଅତ୍ୟନ୍ତ ଶକ୍ତିମତୀ ଓ ନିରୋଗ ସ୍ୱାସ୍ଥ୍ୟର ଅଧିକାରିଣୀ ଥିଲେ । ସେ ଦକ୍ଷ ପ୍ରଜାପତିଙ୍କ ସମାନ ଏକ ଶକ୍ତିବାନ ଓ ବୁଦ୍ଧିମାନ ପୁତ୍ର ଜନ୍ମ କରିଥିଲେ । ତେଣୁ ସେ ଦକ୍ଷ ପ୍ରଜାପତିଙ୍କୁ ଆୟୁର୍ବେଦ ଶିକ୍ଷା ପାଇଁ ଉପଯୁକ୍ତ ମନେ କରିଥିଲେ । ଦକ୍ଷ ପ୍ରଜାପତି ନିଜ ନାତି ଇନ୍ଦ୍ରଙ୍କୁ ଉପଯୁକ୍ତ ମନେକରି ଏହି ଜ୍ଞାନ ପ୍ରଦାନ କଲେ । ଦେବରାଜ ଇନ୍ଦ୍ର ଦେବତା ମାନଙ୍କ ଚିକିତ୍ସା ପାଇଁ ଏହି ଜ୍ଞାନ ଦେବ ପୁରୁଷ ଧନ୍ୱନ୍ତରୀଙ୍କୁ ଏବଂ ମାନବ ମାନଙ୍କ ଚିକିତ୍ସା ପାଇଁ ଭରଦ୍ୱାଜ ଋଷିଙ୍କୁ ପ୍ରଦାନ କରିଛନ୍ତି । ମନୁଷ୍ୟ ଅର୍ଥାତ ଆର୍ଯ୍ୟ ମାନେ ଏହି ଆୟୁର୍ବେଦକୁ ବେଦ ମଧ୍ୟରେ ସ୍ଥାନ ଦେଇଛନ୍ତି । ଯାହା କି ଋକ ଓ ଅଥର୍ବବେଦରେ ସଂସ୍କୃତ ଭାଷାରେ ଲେଖାଯିବ । ଦିତି, ଏହି ପର୍ଯ୍ୟନ୍ତ ବ୍ରହ୍ମାଙ୍କ ରଚିତ ବେଦ, ଆୟୁର୍ବେଦ ଏବଂ ମୋର ପିତା ଆଦି ଋଷିଙ୍କ ଦ୍ୱାରା ରଚିତ ବେଦାନ୍ତ, ସୂକ୍ତି ଆଦି କେବଳ ଶ୍ରୁତି ଆକାରରେ ହିଁ ପ୍ରାୟ ରହିଅଛି । ଏହାକୁ ଲେଖିବାର ପ୍ରୟାସ ମଧ୍ୟ କରା ଯାଇଅଛି । ହୁଏତ ଏହି ଲିପି କୌଣସି ପ୍ରାଚୀନ ଭାଷା ବା ଛବି ପରି ଏକ ଲିପି ଥିଲା । ଏଥିରେ ଚିତ୍ର ଲିପିରେ କିଛି ଭାଷା ବା ଅସ୍ତ୍ର, ଶାସ୍ତ୍ର, ଜୀବ, ମାନବ ଆଦିର ସଂକେତ ଥିଲା । ଏହି ଆୟୁର୍ବେଦକୁ ପ୍ରଳୟ ଜଳରୁ ଉଦ୍ଧାର କରି ମୀନ ଅବତାର ଆଣିଥିଲେ । ତେଣୁ ଏହା ସତ୍ୟବ୍ରତଙ୍କ ସହିତ ଦକ୍ଷୀଣ ଭାରତରୁ ଆସିଥିଲା । ଦେବତା ମାନେ ସ୍ୱର୍ଗ ଭୁବନ ନିର୍ମାଣ କଲେ, ସ୍ୱର୍ଗ ରେ ଇନ୍ଦ୍ର, ଯମ, ବରୁଣ ଆଦି ଦେବତା ବାସ କରୁଥିଲେ । ଯମ ଦକ୍ଷିଣ ଦିଗରେ ସଂଜିବନୀ ପୁରରେ ବାସ କରୁଥିଲେ । ସେ ସୂର୍ଯ୍ୟଙ୍କ ପୁତ୍ର ଥିଲେ । ସୂର୍ଯ୍ୟଙ୍କ କନ୍ୟା ତପତୀ ରାଜା ସମ୍ବରଣଙ୍କୁ ବିବାହ କରିଥିଲେ । ଏହି ଯମ ଧର୍ମ ରାଜ ଥିଲେ । ତାଙ୍କର ଚିତ୍ରଗୁପ୍ତ ଏବଂ ବିଚିତ୍ର ଗୁପ୍ତ ନାମରେ ଦୁଇଜଣ କର୍ମଚାରୀ ଥିଲେ । ଏମାନେ ମୃତ୍ୟୁ ପରେ ମାନବ ର ପାପ, ପୂଣ୍ୟ ର ବିଚାର କରି ଦଣ୍ଡ ବା ପୁରସ୍କାର ଦେଉଥିଲେ । ଏହି ଇନ୍ଦ୍ର, ଚନ୍ଦ୍ର, ଯମ ବରୁଣ ଆଦି ବୋଧହୁଏ ପୃଥିବୀ ରେ ଦେବତା ମାନଂକର ପ୍ରତି ନିଧିତ୍ୱ କରୁଥିଲେ । ଯମ ନୀତି ନିୟମ ଅନୁସାରେ ହୁଏତ ଅପରାଧୀ ଓ ଶତ୍ରୁ ମାନଂକ ଶୃଙ୍ଖଳା ବା ବିଶୃଙ୍ଖଳା କାର୍ଯ୍ୟ ମାନଙ୍କ ନ୍ୟାୟ ବିଚାର କରି ଦଣ୍ଡ ବା ପୁରସ୍କାର ବିଧାନ କରୁଥିବେ । ଏହା ମଧ୍ୟ ହୋଇ ପାରେ ଯେ, ନିଜର ସାଧନା ବଳରେ ଅନ୍ତର୍ଦୃଶ୍ୟ ରେ ସେମାନଙ୍କ ଜୀବନ ଚିତ୍ର ଓ ବୈଚିତ୍ର୍ୟ ଦେଖି ପାରୁ ଥିଲେ ଓ ଏହା ସାଧାରଣ ଲୋକମାନଙ୍କ ପାଇଁ ଗୁପ୍ତ ଥିଲା । ଶ୍ରୀମଦ୍ ଭାଗବତ ଅନୁସାରେ ଆକାଶରେ ସୂର୍ଯ୍ୟ ଗତି କରୁଥିଲେ ଓ ଇନ୍ଦ୍ର, ବରୁଣ, ଯମ ଆଦିଙ୍କ ମନ୍ଦିର ବା ନିବାସ ରେ କେତେ ସମୟ ଅବସ୍ଥାନ କରୁଥିଲେ ତାର ବର୍ଣ୍ଣନା ଅଛି । ବାସ୍ତବ ରେ ଏହି ପୃଥିବୀ ପ୍ରାୟ ସୂର୍ଯ୍ୟଙ୍କ ଶକ୍ତି ନିକଟରେ ସ୍ଥିର ଥିବା ବେଳେ ସୂର୍ଯ୍ୟ ସମଗ୍ର ଛାୟାପଥକୁ ପରିକ୍ରମା କରୁଛନ୍ତି । ଛାୟା । ପଥ ମାନେ ମଧ୍ୟ ବିଶାଳ ଛାୟା ପଥ ମାନଙ୍କୁ ଓ ଏହିଭଳି ଭାବେ ସମଗ୍ର ବିଶ୍ୱ ଘୁରୁଅଛି । ସୂର୍ଯ୍ୟ ନିଜ ଚତୁପାଶ୍ୱର୍ରେ ଘୁରୁଥିବା ବେଳେ ଗୋଟିଏ ବିନ୍ଦୁ ଏହି ଗ୍ରହମାନଙ୍କୁ କେତେ ସମୟରେ ଅତିକ୍ରମ କରୁଥିଲା ଏହା ତାର ନିର୍ଣ୍ଣୟ ହୋଇଥିବ । ) । ଭାରତରେ ହିଁ ପ୍ରଥମେ ଅନ୍ତର୍ବିଜ୍ଞାନର ସୃଷ୍ଟି ହୋଇଥିଲା । ଏହି ବିଜ୍ଞାନ ବାହ୍ୟ ବିଜ୍ଞାନରେ ପରିଣତ କରିବାକୁ ବହୁତ ସମୟ ଲାଗିଥିଲା । ସାଧନା ବଳରେ ଶୂନ୍ୟରେ ଅଗ୍ନି, ମରୁଭୂମିରେ ଜଳ ଉତ୍ପନ୍ନ ହେଉଥିଲା, କାବ୍ୟ, ପୁରାଣ ଲେଖା ଯାଉଥିଲା । ବର୍ତ୍ତମାନ ବାହ୍ୟ ବିଜ୍ଞାନରେ ସଫଳ ହେଉଅଛି । ସତ୍ୟ ହୋଇ ପାରେ ଯେ, ହିରଣ୍ୟ କଶିପୁ ସାଧନା କରି ବର ଲାଭ କରିଥିଲା ଓ ବୃତ୍ରାସୁର ମଧ୍ୟ ଯଜ୍ଞରୁ ଉଦ୍ଭବ ଏକ ପ୍ରଚଣ୍ଡ ଶକ୍ତି ଥିଲା । (ଏହା ମଧ୍ୟ ମୋର ବିଶ୍ୱାସ ଅଛି ।) କିନ୍ତୁ ବର୍ତ୍ତମାନ ସମୟରେ ସାଧାରଣ ମାନବ ପାଇଁ ବାହ୍ୟ ବିଜ୍ଞାନର ପ୍ରୟୋଗ ହିଁ ସାର୍ବଜନୀନ । ଅନ୍ତର୍ବିଜ୍ଞାନୀ ବ୍ୟକ୍ତି ସ୍ୱତନ୍ତ୍ର । ସେହି ବିଜ୍ଞାନ ସାଧାରଣ ମଣିଷ ପାଇଁ ଅଜ୍ଞାତ ।

ଏହିଭଳି ଭାବେ ଭାରତରୁ ହିଁ ପ୍ରଥମ ଚିକିତ୍ସା ବିଜ୍ଞାନର ସୃଷ୍ଟି ହୋଇଅଛି । (ପଠିତ) । ଦିତି ରକ୍ଷ କଣ୍ଠରେ ପଚାରିଲେ,' ଆଉ ମୋର ଦାନବ ପୁତ୍ର ( ଆମିଷ ଚିକିତ୍ସା) ପାଇଁ କ'ଣ କୌଣସି ଚିକିତ୍ସା ନାହିଁ ?'

'ସେଥିପାଇଁ ତ ମୁଁ ମଧ୍ୟ ଆୟୁର୍ବେଦର ବିକାଶ ପାଇଁ ମୋର ଶଶୁରଙ୍କର ସହାୟତାରେ ଦିନରାତି ପରିଶ୍ରମ କରି ଗବେଷଣା କରୁଛି । ଯେପରି ଏହା ପ୍ରତ୍ୟେକ ସୃଷ୍ଟିକୁ ଉପକୃତ କରିବ । ଆଜି ଗବେଷଣା ଗାରରେ କେତେଜଣ ଦାନବଙ୍କର ଚିକିତ୍ସା କରାଯାଉଥିଲା । ସେମାନଙ୍କର ଗୋଡ଼ର ହାଡ଼ ଭିତରେ ଥିବା ଶସ ଗୁଡିକ ଶୁଷ୍କ ହୋଇ ଯାଇଥିଲା । ମୁଁ ପୁରୁଷ ଛାଗଳମାନଙ୍କର ଟାଙ୍ଗୁକୁ ସିଝାଇ ସେହି ମାଂସ ଘୃତକୁ ପରଷି ସେହି ବୃଦ୍ଧମାନଙ୍କୁ ନିୟମିତ ପିଇବାକୁ କହିଛି । ଆଶାକରେ, ସେମାନେ ସେଥିରେ ନିଶ୍ଚୟ ଉପକୃତ ହେବେ । ସେମାନଙ୍କ ରକ୍ତ ହେବା ପାଇଁ ଗେଣ୍ଡା, କୋଚିଆ, ବଡ ବ୍ରାହ୍ମଣୀ ବେଙ୍ଗ ଏବଂ ଗଛର ଅଙ୍ଗୁରୀୟ ମାଳ ପୋକ ଓ କଞ୍ଚା ମାଛ ଖାଇବାକୁ କହିଛି । କଲିଜା, ଅଣ୍ଡା କଞ୍ଚା ଚୂନା ମାଛ ସ୍ୱାସ୍ଥ୍ୟ ପାଇଁ ଅତି ସୁଷମ ଖାଦ୍ୟ । (କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ମନ ଗୁଡ଼ି ଉଡ଼ି ଯା

ନିରୁପମା ପଣ୍ଡା

ଯା ଯାରେ ମନ ଗୁଡ଼ି ଉଡ଼ି ଉଡ଼ି ଯା
ମୋ କାଳିଆ ପାଖକୁ ଯା ଯା
ରତ୍ନ ମଣ୍ଡପରେ ଶଙ୍ଖନାଭି କ୍ଷେତ୍ରେ
ତାଙ୍କ ମନକଥା ବୁଝି ଆ ।

କେମିତି ଅଛନ୍ତି ବୁଝିବୁ ତାଙ୍କଠୁ
ପଚାରିବୁ ଭଲ ମନ୍ଦ
ମୋ କଥା ତାଙ୍କର ମନେ ଅଛି କିରେ
ପଚାରି ଫେଡିବୁ ଦ୍ୱନ୍ଦ ।

ସକାଳ ସଞ୍ଜରେ ମୋ ପ୍ରତି କର୍ମରେ
ତାଙ୍କୁ ଚିନ୍ତୁ ଥାଇ ମୁହିଁ
ତାଙ୍କ ବିନା ମୋର ଜୀବନରେ କିଛି
ଅନ୍ୟ ଆଶା କରି ନାହିଁ ।

କହିବୁ ପ୍ରଭୁଙ୍କୁ ମୁଁ ଭାବୁଛି ତାଙ୍କୁ
ଦିବାନିଶି ଅହରହ
ସେ ଅଟନ୍ତି ସାରା ସଂସାରର ନାଥ
ମନେ ତାଙ୍କ ପାଇଁ କୋହ ।

କୁହନ୍ତି ନାହିଁ ସେ ନିଜ ଦୁଃଖ କେବେ
ଅନ୍ୟ ଦୁଃଖ ତାଙ୍କ ଦୁଃଖ
କଳିର କରାଳେ ମାନବ ସମାଜ
ଦେଖି ସେ ଶୁଖାନ୍ତି ମୁଖା ।

ଉପାୟ ଶୂନ୍ୟ ସେ ବଚନ ବଦ୍ଧ ସେ
ସମୟର କାଳ ଚକ୍ରେ
ମନ ଗୁଡ଼ି ତାଙ୍କୁ କହିବୁ ବୁଝାଇ
ମୁଁ ଦିବାନିଶି ତାଙ୍କୁ ଡାକେ ।

ପାଖେ ପାଖେ ସଦା ଅନୁଭବ କରେ
ସେ ଅଛନ୍ତି ନୀଳାଚଳେ



ଭକତଙ୍କ ମେଳେ ନିଜକୁ ଭୁଲନ୍ତି
ହଜନ୍ତି ଭାବ ବିହ୍ୱଳେ ।

ମନ ଗୁଡ଼ି ତୁହି ବୁଝାଇ କହିବୁ
ଦେଇଛି ତାଙ୍କୁ ମୋ ମନ
ଭୁଲିଯିବେ ନାହିଁ ମୋତେ ଭାବଗ୍ରାହୀ
ତାଙ୍କ ଠାରେ ମୋର ଧ୍ୟାନ ।

ଅଳପ ବୟସୁ ଜାଣିଛି ମୁଁ ତାଙ୍କୁ
ନିଜଠୁ ସେ ମୋ ନିଜର
ଆତ୍ମା ମନ୍ଦିରରେ ପୂଜା କରୁଅଛି
ମୋତେ କରିବେନି ପର ।

ମୁଁ ତାଙ୍କର ଦାସୀ ସେ ମୋ ଭଗବାନ
ପ୍ରତି ଜନ୍ମରେ ରହିବେ
ଯେତେ ଦୁଃଖ କଷ୍ଟ ଦେଲେ ସେ ଦିଅନ୍ତୁ
ମୁକତି ସେହି ହିଁ ଦେବେ ।


ଆଳି, କେନ୍ଦ୍ରାପଡ଼ା


## ସ୍ୱାର୍ଥବାଦୀ ସମାଜ

ପ୍ରତିଭା ଦାଶ

ସ୍ୱାର୍ଥବାଦୀ ଦୁନିଆରେ
ସମ୍ପର୍କର ମୂଲ୍ୟ ନାହିଁ ଏଠି
ସ୍ୱାର୍ଥ ହାସଲ ହେବା ପର୍ଯ୍ୟନ୍ତ
ସମସ୍ତେ ଅତି ଆପଣାର
ନିଜ ସ୍ୱାର୍ଥ ପାଇଁ କରନ୍ତି ଅସମାଜିକ କାର୍ଯ୍ୟ
ଚୋରୀ, ଡ଼କାୟତୀ , ହତ୍ୟା
ଏଇ ସମାଜରେ ସାଧାରଣ ହେଇଗଲାଣି ।

ସୁବିଧାବାଦୀ ମଣିଷ
ଚାହେଁ ସଦା ନିଜ ନିଜ ସୁବିଧା ଓ ସୁଯୋଗ
ସେଥିପାଇଁ ଭୁଲିଯାଏ ସବୁ ସମ୍ପର୍କ
ସମସ୍ତଙ୍କ ମଧ୍ୟେ ସୃଷ୍ଟି ହୁଏ ତିକ୍ତତା
ବାପାକୁ ଅସମ୍ମାନ କରେ ପୁଅ
ଭାଇ ଭାଇ ମଧ୍ୟରେ ଲାଗେ ଝଗଡ଼ା
ଭଉଣୀ ଭାଇର ମାଡ଼େନି ଦ୍ୱାର ।

ଧନୀ ଗରିବ ମଧ୍ୟରେ ହୋଇଛି
ପାଚେରୀ ଠିଆ
ଧନୀ ସର୍ବଦା ହୀନ ଦୃଷ୍ଟିରେ ଦେଖେ
ଦାରିଦ୍ର୍ୟ ସୀମାରେଖା ତଳେ ଥିବା
ସେଇ ନୀରିହ, ପୀଡିତ, ଦୁର୍ବଳ ଲୋକଙ୍କୁ ।
ଗରିବ ମଧ୍ୟ ମୁହଁ ଉଠେଇ ଦେଖିପାରେ ନା
ଉଚ୍ଚ ସ୍ଥାନରେ ଗ୍ରହଣ କରିଥିବା
ସେ ବଡ଼ ଆତ୍ମଗର୍ବୀଙ୍କୁ ।

ଆଜିର ଯୁଗରେ ଗୋଟେ ସଚ୍ଚୋଟ ଭଦ୍ର
ନିଃସ୍ୱାର୍ଥପର ମଣିଷଟେ ପାଇବା କଷ୍ଟକର ।


+ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା


## ସାନ୍ତାଳ ରାଜକୁମାରୀ

ସରସ୍ୱତୀ ମେହେର

ପାହାଡର କନ୍ୟା ସାନ୍ତାଳ ରାଜକୁମାରୀ
ପଂକରୁ ପଦ୍ମ ଫୁଟିଲା ଯେପରି ।
ସାଧାରଣ ଘର, ସେବା କରିବାରେ
ସଦା ତତ୍ପର
ଶିକ୍ଷକା ହେଲେ, ସେବିକା ହେଲେ
ସଂଘର୍ଷ ଜୀବନର ।

ସ୍ୱାମୀ, ସନ୍ତାନକୁ ହରାଇ
ହୃଦୟ ଗଲା ଭାଙ୍ଗି
ତଥାପି ଅଶ୍ରୁକୁ ଶକ୍ତି କରି
ନିଜକୁ ଦେଲେ ରାଜନୀତିରେ ରଙ୍ଗି ।

ଝାରଖଣ୍ଡ ମାଟି ଲେଖିଲା ଦ୍ରୋପଦି
ମୁର୍ମୁର ମେହେନତ
ଗଭର୍ଣ୍ଣର ହେଲେ ସରଳ ସ୍ୱଭାବରେ
ସିଂହାସନ ଉଚ୍ଚ ହେଲା ସତ ।

ଜନତାର ଭଲ ପାଇବାରେ
ଏବେ ହେଲେ ସେ ରାଷ୍ଟ୍ରପତି
ଆଦିବାସୀ ନାରୀର ଗରିମା
ତାଙ୍କ ହସରେ ମାଟିର ମହକ ଅତି ।

ସେ ଆମକୁ ଶିଖାଇଲେ,
ସଂଘର୍ଷ ମାନେ ଅବସର,
ଯଦି ମନେ ଅଛି ଶକ୍ତି
ମାଟିରୁ ଆସି ମହା ସିଂହାସନ ଛୁଇଁଲେ,
ଏହା ନାରୀର ଜୀବନ ସୃତି ।


+ ସିନାପାଲି, ନୂଆପଡ଼ା

# ୭୭୦ କିଲୋ ଗଂଜେଇ ଜବତ : ୩ ଗିରଫ

ମାଲକାନଗିରି, ୨୯/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ଓର୍କେଲ ପୋଲିସକୁ ମିଳିଛି ବଡ଼ ସଫଳତା। ଅଭିନବ ଉପାୟରେ କଂଟେନରରେ ସିକ୍ରେଟ ଚ୍ୟାମ୍ବର ମାଧ୍ୟମରେ ଗଞ୍ଜେଇ ଚୋରା ଚାଲାଣ ବେଳେ ୭୭୦ କିଲୋ ଗଂଜେଇ ଜବତ କରିଛି ପୋଲିସ। ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ। ପୋଲିସ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ସମୟରେ ଚିତ୍ରକୋଣ୍ଡା ଏସଡିପିଓ ପ୍ରଦୋଷ ପ୍ରଧାନ ତମସା ମୁଖ୍ୟ କେନାଲ ଦେଇ ସୋରଲୁକୋଣ୍ଡା ବ୍ୟାରେଜ ଆଡକୁ ଏକ ଗଂଜେଇ ଗାଡି ଆସୁଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ତାଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏଏସଆଇ ମିଳନ ବରିହା ଏବଂ ଟିମ ସୋରଲୁକୋଣ୍ଡା ବ୍ୟାରେଜ ନିକଟରେ ଗାଡ଼ି ଯାଂଚ୍ କରିବା ଆରମ୍ଭ କରିଥିଲେ। ଏହି ଯାଂଚ୍ ସମୟରେ ଏକ ବଡ଼ ଟ୍ରକ କଂଟେନର କାମବେଡା ପଟୁ ଆସୁଥିବା ଦେଖି ଅଟକାଇଥିଲେ। କଂଟେନରରେ କ'ଣ ସାମଗ୍ରୀ ଥିବା ପୋଲିସ ପଚାରିବାରୁ କିଛି ଜରି ବସ୍ତା ଥିବା ଡ୍ରାଇଭର ଜଣକ ଉତର ଦେଇଥିଲେ। କଂଟେନର ଭିତରକୁ ଯାଇ ଯାଂଚ୍ କରିବା ସମୟରେ ପୋଲିସକୁ ଗଞ୍ଜେଇର ବାସ୍ନା ବାଜିଥିଲା। ସଙ୍ଗେ ସଙ୍ଗେ ଗାଡିଟିକୁ ପୋଲିସ ତନ୍ନ ତନ୍ନ କରି ଯାଂଚ୍ କରିବା ପରେ ଡ୍ରାଇଭର ପଛକୁ ଏକ ସିକ୍ରେଟ ଚ୍ୟାମ୍ବର ଥିବା ଜାଣିବାକୁ ପାଇଥିଲେ । ଯାଂଚ୍ ପରେ ୧୭ଟି ବସ୍ତାରେ ୭୭୦ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଏହାପରେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ ଭତ୍ରାଙ୍କ ଉପସ୍ଥିତିରେ ସମସ୍ତ ଗଞ୍ଜେଇ ଓଜନ କରିବା ସହ ଚାଲାଣକାରୀ ମାନଙ୍କୁ ଗିରଫ କରି ଥାନାକୁ ନିଆଯାଇଥିଲା। ଗାଡ଼ିର ଡ୍ରାଇଭର ସମେତ ଜଣେ ହେଲପର ଏବଂ ଗାଡି ମାଲିକଙ୍କୁ ମଧ୍ୟ ଗିରଫ କରିଥିଲେ । ଗିରଫ ୩ ଚାଲାଣକାରୀ ଉତରପ୍ରଦେଶ ରାଜ୍ୟର ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ରାଜ ବାହାଦୂର (୫୫), ଘର ଚିତ୍ରକୁଟ ଜିଲ୍ଲାର ଗଣ୍ଡା ଗ୍ରାମ, ଜେମଶ ଚୌହାନ(୪୫), ଘର ବନ୍ଦା ଜିଲ୍ଲାର ସାହବ ତଲବ ଏବଂ ଅନ୍ୟ ଜଣେ ରିତିକ ଗୁମ୍ଫା(୨୫), ବନ୍ଦା ଜିଲ୍ଲାର ପଲାରା ଗ୍ରାମ ବୋଲି ପୋଲିସ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛି। ତେବେ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଚିତ୍ରକୋଣ୍ଡା ଏସଡିପିଓ ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହ ଚାଲାଣକାରୀ ମାନେ ଏହି ଗଂଜେଇ କାମବେଡା ଅଂଚଳରୁ ନିଜ ଅଂଚଳ ଉତରପ୍ରଦେଶକୁ ମୋଟା ଅଙ୍କର ଟଙ୍କା ଲୋଭରେ ଚାଲାଣ କରୁଥିବା ତଦନ୍ତକାରୀ ଅଧିକାରୀ ଅଜିତ ସିଂ ବରିହା କହିଛନ୍ତି। ତେବେ ଏହି ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ଏହି ଚାଲାଣକାରୀ ମାନଙ୍କ ମୁଖ୍ୟ ମାଲିକ କିଏ ସେନେଇ ପୋଲିସ ଚାଲାଣକାରୀ ମାନଙ୍କ ଫୋନରୁ ତଥ୍ୟ ବାହାର କରି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଆଜି ୩ ଚାଲାଣକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଚିତ୍ରକୋଣ୍ଡା ଏସଡିପିଓ ଶ୍ରୀ ପ୍ରଧାନ କହିଛନ୍ତି।

# ପି. ସତ୍ୟନାରାୟଣ ହେଲେ ୟୁସିଡିଏର ନୂତନ ସଭାପତି

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ଗତ ୨୫ ତାରିଖରେ, ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ (ୟୁସିଡିଏ)ର ତ୍ରିବାର୍ଷିକ ନିର୍ବାଚନ ଶେଷ ହୋଇଛି ଯେଉଁଥିରେ ଶ୍ରୀ ପି. ସତ୍ୟନାରାୟଣ (ଗଞ୍ଜାମ) ଏବଂ ଶ୍ରୀ ପ୍ରଶାନ୍ତ ମହାପାତ୍ର (କଟକ) ଆଗାମୀ ତିନି ବର୍ଷ ପାଇଁ ଅର୍ଥାତ୍ ୨୦୨୫ ରୁ ୨୦୨୮ ପାଇଁ ସଭାପତି ଏବଂ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ଶ୍ରୀ ମନମୋହନ ରଥ (ବଲାଙ୍ଗିର) ମୁଖ୍ୟ ନିର୍ବାଚନ ଅଧିକାରୀ ଭାବରେ ଏବଂ ଶ୍ରୀ ପ୍ରଶାନ୍ତ କୁମାର ଜେନା (ଭୁବନେଶ୍ୱର) ଏବଂ ଶ୍ରୀ ଜୟନ୍ତ କୁମାର ଦୀକ୍ଷିତ (ଝାରସୁଗୁଡ଼ା) ଉପ ନିର୍ବାଚନ ଅଧିକାରୀ ଭାବରେ ଏହି ନିର୍ବାଚନକୁ ସୁଗମ ଭାବରେ ପରିଚାଳନା କରିଥିଲେ। ୟୁସିଡିଏର ସାଧାରଣ ପରିଷଦ ବୈଠକ ଆସନ୍ତା ନଭେମ୍ବର ୧୮ ଏବଂ ୧୯ ତାରିଖରେ ଶ୍ରୀ ଜେ.ଏସ୍. ସିନ୍ଦେ ସଭାପତି ଏଆଇଓସିଡି, ଶ୍ରୀ ରାଜୀବ ସିଂହଲ ସାଧାରଣ ସମ୍ପାଦକ ଏଆଇଓସିଡି ଏବଂ ଶ୍ରୀ ପି.କେ. ସିଂହ ଉପାଧ୍ୟକ୍ଷ ଏଆଇଓସିଡିଙ୍କ ଉପସ୍ଥିତିରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ ବୋଲି କହିଛନ୍ତି ୟୁସିଡିଏ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଶୋଭାଯାତ୍ରା

ସମ୍ବଲପୁର, ୨୯/୧୦ (ନି.ପ୍ର): ଚଳିତ ବର୍ଷ ଅକ୍ଟୋବର ୨୭ ତାରିଖ ଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପ୍ରତ୍ୟେକ ପଂଚାୟତ, ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସାଧାରଣ ନାଗରିକ ମାନଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନ କରାଇବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ଭିଜିଲାନ୍ସ ବିଭାଗର ମିଳିତ ସହଯୋଗରେ ସମ୍ବଲପୁରର ସିଏସବି ଜିଲ୍ଲା ସ୍କୁଲରୁ ଗୋଲବଜାର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇ, ସମ୍ବଲପୁର ଖଣ୍ଡର ଦୁର୍ନୀତି ନିବାରଣ ବିଭାଗୀୟ ଏସପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ଅଂଶ ଗ୍ରହଣ କରିଥିଲେ। ସମ୍ବଲପୁର ଖଣ୍ଡ ଦୁର୍ନୀତି ନିବାରଣ ବିଭାଗ ଏସପି ଶ୍ରୀ ଦ୍ୱିବେଦୀ ପ୍ରତ୍ୟେକ କ୍ଷେତ୍ରରେ ନାଗରିକ ମାନେ ଯେପରି ଦୁର୍ନୀତି ବିରୋଧରେ ସଚେତନ ହୋଇପାରିବେ ସେଥିପ୍ରତି ଆମର ଉଦ୍ୟମ ଜାରି ରହିଛି ବୋଲି କହିଥିଲେ। ଦୁର୍ନୀତିର ମୂଳୋତ୍ପାଟନ ପାଇଁ କେବଳ ପ୍ରଶାସନିକ ସ୍ତରରେ ନୁହେଁ, ସମାଜର ପ୍ରତ୍ୟେକ ସୋପାନରୁ ଆମକୁ ସାମୂହିକ ଭାବେ ଚେଷ୍ଟା କରିବାକୁ ପଡିବ ବୋଲି ସେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଦିନ ୧୨ଟା ସମୟରେ ଭୁବନେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶପଥପାଠ କାର୍ଯ୍ୟକ୍ରମରେ ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇଙ୍କ ସମେତ ଅନ୍ୟ ସମସ୍ତ ପ୍ରଶାସନିକ ଅଧିକାରୀ ଆଭାସୀ ମାଧ୍ୟମରେ ଓସ୍ୱାନ ହଲରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଦେଶର ଆର୍ଥିକ, ରାଜନୈତିକ ଏବଂ ସାମାଜିକ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଥିବା ଦୁର୍ନୀତିର ମୂଳୋତ୍ପାଟନ, ନିଜର ଆଚରଣର ସଚ୍ଚୋଟତା ଓ ଆଇନର ଶାସନକୁ ଅନୁପାଳନ କରି ସମସ୍ତ ଦାୟିତ୍ୱକୁ ସାଧୁତା ଓ ସ୍ୱଚ୍ଛତାର ସହ ସମ୍ପାଦନା କରିବା ପାଇଁ ସମସ୍ତ ଅଧିକାରୀ, କର୍ମଚାରୀ ଓ ରାଜ୍ୟବାସୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦୁଝର, ୨୯/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ପ୍ରଶାସନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛି, ଯେଉଁଥିରେ ଜାତୀୟ ଏକତା ଦିବସର ଭାବନାକୁ ଉଜ୍ଜ୍ୱଳ କରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ ଏହି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ଏହି ଉତ୍ସବ ଅନ୍ତର୍ଗତ କେନ୍ଦୁଝର , ଚମ୍ପୁଆ ଏବଂ ଆନନ୍ଦପୁର ତିନୋଟି ଉପଖଣ୍ଡରେ ଏକତା ପଦଯାତ୍ରା, ଜିଲ୍ଲାସ୍ତରୀୟ ପ୍ରତିଯୋଗିତା, ସ୍ୱଚ୍ଛତା ଅଭିଯାନ, ସାଂସ୍କୃତିକ କଳା ପ୍ରଦର୍ଶନ ଏବଂ ସାଧାରଣ ସମାବେଶ ଅନୁଷ୍ଠିତ ହେବ।

କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ, ଏହି ଏକତା ପଦଯାତ୍ରା ଆସନ୍ତା ନଭେମ୍ବର ମାସ ୧୩ ତାରିଖ କେନ୍ଦୁଝରଠାରେ ଅନୁଷ୍ଠିତ ହେବ ଯାହା ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣରୁ ବାହାରି ଧରଣୀଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯିବ। ୧୮ ତାରିଖରେ ଚମ୍ପୁଆରେ ଚନ୍ଦ୍ରଶେଖର କଲେଜଠାରୁ ଆରମ୍ଭ ହୋଇ ଚମ୍ପୁଆ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟଠାରେ ଶେଷ ହେବ ଏବଂ ସେହିପରି ନଭେମ୍ବର ୨୧ ତାରିଖ ଦିନ ଆନନ୍ଦପୁରରେ ଘସିପୁରା ବସଷ୍ଟାଣ୍ଡଠାରୁ ଆରମ୍ଭ ହୋଇ ଆନନ୍ଦପୁର ଟାଉନ ହଲରେ ଶେଷ ହେବ।

ଏହି ପଦଯାତ୍ରା ମାଧ୍ୟମରେ ଅଂଶଗ୍ରହଣକାରୀମାନେ ଏକ ଭାରତ, ଆତ୍ମନିର୍ଭର ଭାରତକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଜାତୀୟ ପତାକା ଏବଂ ପ୍ଲାକାର୍ଡ ଧରି ଏକତା ଏବଂ ଜାତୀୟତାର ବାର୍ତ୍ତା ପ୍ରସାର କରିବେ। ଶିକ୍ଷାନୁଷ୍ଠାନ, ଏନଏସଏସ ୟୁନିଟ୍ ଏବଂ ଯୁବ କ୍ଲବରୁ ପ୍ରାୟ ୧୫୦୦ ଯୁବ ଅଂଶଗ୍ରହଣକାରୀ ଜିଲ୍ଲା ସାରା ପଦଯାତ୍ରାରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଅବସରକୁ ପାଳନ କରିବା ପାଇଁ, 'ସର୍ଦ୍ଦାର ପଟେଲ ଏବଂ ଜାତୀୟ ଏକତା' ବିଷୟବସ୍ତୁ ଉପରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯିବ, ଯେଉଁଥିରେ ପ୍ରବନ୍ଧ ଲିଖନ, ବିତର୍କ, ପୋଷ୍ଟର, ସ୍ଲୋଗାନ, ଚିତ୍ରାଙ୍କନ ଏବଂ ରିଲ୍-ମେକିଂ ଏବଂ ଅନଲାଇନ୍ କୁଇଜ୍ ଭଳି ଡିଜିଟାଲ୍ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ହୋଇଛି। ଶିକ୍ଷାନୁଷ୍ଠାନ ଏବଂ ଯୁବ କ୍ଲବଗୁଡ଼ିକ ବ୍ୟାପକ ଅଂଶଗ୍ରହଣ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

ପ୍ରଶାସନ ପଦଯାତ୍ରା ମାର୍ଗ ଏବଂ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଏବଂ ସ୍ମାରକୀ ସମେତ ପ୍ରମୁଖ ସାର୍ବଜନୀନ ସ୍ଥାନରେ ବ୍ୟାପକ ସଫେଇ ଅଭିଯାନ କରାଯିବ। ଏହି ପଦକ୍ଷେପର ଲକ୍ଷ୍ୟ ପ୍ଲାଷ୍ଟିକ୍ ଅପସାରଣ କରି ସ୍ୱଚ୍ଛ ଭାରତ ବାର୍ତ୍ତାକୁ ପ୍ରଚାର କରିବା ସହିତ ପରିବେଶକୁ ସୁନ୍ଦର କରିବା।

ପଦଯାତ୍ରାର, ପ୍ରତ୍ୟେକ ୨.୫ କିଲୋମିଟର ଦୂରତାରେ 'ମୋ ଭାରତ' କିଓସ୍କ ସ୍ଥାପନ କରାଯିବ ଯାହା ଦ୍ୱାରା ଯୁବ ଅଂଶଗ୍ରହଣକାରୀମାନଙ୍କୁ ଡିଜିଟାଲ ପ୍ଲାଟଫର୍ମରେ ପଞ୍ଜୀକୃତ କରାଯାଇ ସର୍ଦ୍ଦାର ପଟେଲଙ୍କ ଜୀବନୀ ଏବଂ ଅବଦାନକୁ ପ୍ରଦର୍ଶିତ କରାଯିବ। ଅଂଶଗ୍ରହଣକାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ତାଲିମପ୍ରାପ୍ତ ଡାକ୍ତରୀ କର୍ମଚାରୀଙ୍କ ସହିତ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଆମ୍ବୁଲାନ୍ସ ନିୟୋଜିତ ରହିବେ। ପ୍ରତି ଏକ କିଲୋମିଟରରେ ଜଳ ବଣ୍ଟନ କରାଯିବ ଏବଂ ସମଗ୍ର କାର୍ଯ୍ୟକ୍ରମ ସମୟରେ ସ୍ୱଚ୍ଛତା ଟୋଲି ସ୍ୱେଚ୍ଛାସେବକମାନେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବେ।

ଏହି ଉତ୍ସବଗୁଡ଼ିକରେ ସମାଜର ସକ୍ରିୟ ଅଂଶଗ୍ରହଣ ମଧ୍ୟ ସୁନିଶ୍ଚିତ କରାଯିବ ଏବଂ ସ୍ୱଦେଶୀ ଓ ସ୍ଥାନୀୟ ଭାବରେ ନିର୍ମିତ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରି ପ୍ରଦର୍ଶନୀ ଷ୍ଟଲ ସ୍ଥାପନ ହେବ।

# ବଲାଙ୍ଗିର ଦିନ୍ ଉଧେ ଡେଙ୍ଗ ହାଇସ୍କୁଲ ତରଫରୁ ରକ୍ତଦାନ ଶିବିର

ବଲାଙ୍ଗିର, ୨୯/୧୦ (ନି.ପ୍ର): ରକ୍ତଦାନ ହେଉଛି ମହତ୍ ଦାନ । ଆଜିର ଦିନରେ ରକ୍ତଦାନର କୌଣସି ବିକଳ୍ପ ନାହିଁ । ରକ୍ତର ଅଭାବରେ କୌଣସି ଜଣେ ବି ରୋଗୀଙ୍କ ଜୀବନ ଚାଲି ନ ଯାଉ । ରକ୍ତଦାନ ପ୍ରକ୍ରିୟା ଗୋଷ୍ଠୀର ଜୀବନ ବଂଚାଇବାରେ ସହାୟକ ହେଉଛି । ଏହି ଉକ୍ତିକୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ବଲାଙ୍ଗିର ସହରରେ ବଲାଙ୍ଗିର ଦିନ୍ ପାଳନ ଅବ୍ୟବହିତ ପୂର୍ବରୁ ସହରର ରକ୍ତକେନ୍ଦ୍ର ଠାରେ ସଇଁନ୍ତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି । ଏହି ଅବସରରେ ବଲାଙ୍ଗିର ଉପ ଜିଲ୍ଲାପାଳ ପବିତ୍ର ବେହେରା ଫିତାକାଟି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବଲାଙ୍ଗିର ଦିନ ଆୟୋଜନ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀ, ସଂଯୋଜକ ପ୍ରତାପ ରଥ, ସଦସ୍ୟ ଲୋଟସ ଷଡଙ୍ଗୀ, ବିଦ୍ୟୁଭୂଷଣ ତ୍ରିପାଠୀ, ସୋମନାଥ ମିଶ୍ର, ବିନୋଦ କାଲସାଏ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରାମ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ, ସଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ଦିଲ୍ଲିପ କୁମାର ଯୋଷୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ଡି.ଏସ୍.ଏସ୍ ନବଘନ ସାହୁ, ସୁବର୍ଣ୍ଣପୁର ଜେଆରସିଓ ରବିଚନ୍ଦ୍ର ପଶାୟତ, ବଲାଙ୍ଗିର ଜେଆରସିଓ ବିକାଶ ରଂଜନ ସାହୁ, ଡ. ବିଶ୍ୱଜିତ ମିଶ୍ର, ଡ. ବିଘାଧର ମିଶ୍ର, ଡି.ପି.ଓ ମହେନ୍ଦ୍ର ସ୍ୱାଇଁ, ରେଡକ୍ରସ କର୍ମୀ ସଂଜୟ ମିଶ୍ର, ଜୟନ୍ତ ବେହେରା, ପ୍ରଭାକର ଛନ୍ଦ, ରଶ୍ମିରାଣୀ ଦାଶ, ବନମାଳୀ ମେହେର, ଅଙ୍କୁଶ ପାଣ୍ଡେ, ଶୋଭନ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଡେଙ୍ଗ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ରେଡକ୍ରସ କର୍ମୀ ରାମ ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ଶିକ୍ଷକ କୃପାସିନ୍ଧୁ ମିଶ୍ର ପରିଚାଳନା କରିଥିଲେ । ଶିବିରରେ ମାଆ ମାଟିର ଯୁବକ ଏବଂ ସ୍ୱେଚ୍ଛାସେବୀଙ୍କ ଠାରୁ ୫୭ ୟୁନିଟ ରକ୍ତ ସଂଗୃହିତ ହୋଇଥଲା । ବ୍ଲଡ ବ୍ୟାଙ୍କ କର୍ମଚାରୀ ଡା. ଆରତୀ ପଣ୍ଡା, ଡା.ସୁମିତ କୁମାର ମୁନ୍, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ନରେଶ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ ରକ୍ତ ସଂଗ୍ରହ କରାଯାଇଥିଲା । ଶିକ୍ଷୟତ୍ରୀ ତପସ୍ୱିନୀ ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁଦର୍ଶନ ଦାଶ, ସମିର ସେଠି, ପ୍ରିୟାଂଶ ଭୁଏ, ଅବିନାଶ ଭୋଇ, ବୃନ୍ଦାବନ ଭୁଏ, ହିମାଂଶୁ ବିଶ୍ୱାଲ, ଦେବେଶ ହୋତା, ମନରଞ୍ଜନ ପରିଡା ସହ ସହଯୋଗ ଫାଉଣ୍ଡେସନ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କେନ୍ଦ୍ରରେ ହୃଦରୋଗ ସମ୍ବନ୍ଧୀୟ ପରୀକ୍ଷଣ ଶିବିର

ଜୟପୁର, ୨୯/୧୦ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାଷ୍ଟ୍ରିୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜିଲ୍ଲା ସହଳ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ପରିସରରେ ଆଜି ହୃଦରୋଗ ସମ୍ବନ୍ଧୀୟ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୪ଟି ବ୍ଲକରୁ ଆସିଥିବା ୧୦୦ ଜଣ ଜନ୍ମରୁ ୧୮ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ହୃଦୟ ସମ୍ବନ୍ଧୀୟ ଚିକିତ୍ସା ପାଇଁ ପରୀକ୍ଷଣ ଓ ପରାମର୍ଶ ଦିଆଯାଇଥିଲା। ଏହି ଶିବିରରେ ମେଡିକଭର ବିଶାଖାପାଟଣା ଚିକିତ୍ସାଳୟର ଶିଶୁ ହୃଦରୋଗ ବିଶେଷଜ୍ଞ ଡା. ଅଶୋକ କୁମାର ରାଜୁ ଇକୋ ଯାଂଚ କରିବା ସହିତ ସମସ୍ତ ହୃଦୟ ସମ୍ବନ୍ଧୀୟ ପରୀକ୍ଷା କରିଥିଲେ। ମୋଟ ୧୦୦ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇଥିବା ବେଳେ ସେଥି ମଧ୍ୟରୁ ୪୪ଜଣ ଶିଶୁ ରୋଗୀଙ୍କୁ ଉଚ୍ଚତର ଚିକିତ୍ସା ନିମନ୍ତେ ମେଡିକଭର ହସପିଟାଲକୁ ପଠାଯିବ ବୋଲି ରାଷ୍ଟ୍ରିୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମ୍ୟାନେଜର ସନ୍ତୋଷୀ କୁମାରୀ ଗୋପି ପ୍ରକାଶ କରିଛନ୍ତି। ଏହି ଶିବିରରେ ଡିଏମଓ ଡା.ଦିଲ୍ଲିପ ବିଶ୍ୱାଳ, ଶିଶୁ ବିଶେଷଜ୍ଞ ଦୁର୍ଗା ପ୍ରସାଦ ପାତ୍ର ଏବଙ୍ଗ ହସପିଟାଲ ମ୍ୟାନେଜର ରୁପସୀ ମଧୁମିତା ଓ ତଥାଗତ ଦାସ, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମ୍ୟାନେଜର ସନ୍ତୋଷୀ କୁମାରୀ ଗୋପି ଓ ଜିଲ୍ଲା ସହଳ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜେମ୍ସ ଓଡିଶା ୨୦୨୫ର ବିଜେତା ହେଲେ ସମ୍ବଲପୁରର ଶ୍ରଦ୍ଧା ପ୍ରଧାନ: ଅଭିନେତ୍ରୀ ସୂର୍ଯ୍ୟମୟୀ ପିନ୍ଧାଇଲେ କ୍ରାଉନ୍




ଭୁବନେଶ୍ୱର, ୨୯/୧୦ (ନି.ପ୍ର): ଛତ୍ରପୁର ନିକଟ ତାମ୍ପରା ଠାରେ ଜେମ୍ସ ଅଫ ଓଡିଶା ଇଣ୍ଡିଆ ୨୦୨୫ ର ଦୁଇ ଦିବସୀୟ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବରେ ଡକ୍ଟର ସୁନୀତା ଓ୍ୱାଧବନ, ଶ୍ରୀମତୀ ସୁଧା ଚନ୍ଦ୍ରାଣୀ ଖାତ୍ରୀ, ଡକ୍ଟର ଭୁବନେଶ୍ୱରୀ ଦେଓ୍ୱଙ୍ଗନ, ପ୍ରତିଷ୍ଠାତ୍ରୀ ଶ୍ରୀମତୀ ଅନିତା ମଣ୍ଡଳ, ଆୟୋଜକ ଶ୍ରୀଯୁକ୍ତ ଉମାଶଙ୍କର ଦାସପ୍ରମୁଖ ଉପସ୍ଥିତ ଥିଲେ । ସେଲିବ୍ରିଟି ବିଚାରକ ଭାବେ ଅଭିନେତା ହରିହର ଦାସ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ବ୍ରାଣ୍ଡ ଅମ୍ବାସଡ଼ର ଭାବେ ଅର୍ଚ୍ଚିତା ସାହୁ, ଉପସ୍ଥାପନା ରେ ଶୁଭୋଜିତ ପଣ୍ଡା, ଉପଦେଷ୍ଟା ଭାବେ ଆମ ଟିଭି ଏବଂ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ଶ୍ରୀଯୁକ୍ତ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ । ରାଣୀ ବର୍ଗ ରେ ସମ୍ବଲପୁର ର ଝିଅ ଶ୍ରଦ୍ଧା ପ୍ରଧାନ ୱିନର ହୋଇଥିବା ବେଳେ ଭୁବନେଶ୍ୱରର ଡକ୍ଟର ମୋନାଲିସା ମିଶ୍ର ପ୍ରଥମ ରନର ଅପ୍ ଏବଂ ସବିତାରାଣୀ ମଲ୍ଲିକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି । ସେହିପରି ଶ୍ରୀଶକ୍ତି ବର୍ଗରେ ଛତିଶଗଡ ର ମହିମା ସହାରେ ଏବଂ ତେଷା ୱିନର ହୋଇଥିବା ବେଳେ ମାଲତୀ ଜଇଶ୍ୱାଲ ଏବଂ ଭୈଭବୀ ପ୍ରଥମ ରନର ଅପ୍, ବ୍ରହ୍ମପୁରର ଜଣେ ଭିନ୍ନକ୍ଷମ ଝିଅ ରଞ୍ଜନା ନାହାକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି । ପ୍ରତ୍ୟେକ ନାରୀର ଇଚ୍ଛା ଥାଏ ହେଲେ କୌଣସି କାରଣରୁ ସେ ତାର ସ୍ୱାଧୀନ ଚିନ୍ତାଧାରା କୁ ଆଗକୁ ଆଣିବାରେ ସକ୍ଷମ ହୋଇନଥାଏ । ତାହାକୁ ଲୋକ ଲୋଚନକୁ ଆଣିବା ପାଇଁ ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ଭୁବନେଶ୍ୱର ର ଜେମ୍ସ ଅଫ ଓଡିଶା ଆରମ୍ଭ କରିଥିଲା ଏହି ପ୍ରୟାସ । ଅନୁଷ୍ଠାନର ମୁଖ୍ୟ ଉମାକାନ୍ତ ଦାସ ଏବଂ ତାଙ୍କ ସହଧର୍ମିଣୀ ତଥା ସହଯୋଗୀ ମୁଖ୍ୟ ଅନିତା ମଣ୍ଡଳ ଏହି ପ୍ରୟାସ ଆରମ୍ଭ କରିଥିଲେ । ରାଜ୍ୟ ଭିତର ଏବଂ ରାଜ୍ୟ ବାହାର ଛତିଶଗଡ଼, ଗୋଆ, ମୁମ୍ବାଇ ଏବଂ ବାଙ୍ଗାଲୋରର ବିଭିର୍ଣ୍ଣ ବର୍ଗର ମହିଳା, ଯୁବତୀ ଏପରି କି ଦିବ୍ୟାଙ୍ଗ ମାନଙ୍କୁ ଗତ ୨ମାସ ଧରି ପ୍ରଶିକ୍ଷିକଙ୍କ ଦ୍ୱାରା ଯୋଗ, ବିୟୁଟି ସହ ଅନ୍ୟାନ୍ୟ ଇଭେଣ୍ଟ ରେ ତାଲିମ ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଜୁରୀ ମାନଙ୍କ ଦ୍ୱାରା ମନୋନୀତ କୃତୀ ପ୍ରତିଯୋଗୀମାନେ ଫାଇନାଲ ରାଉଣ୍ଡ ରେ ଭାଗ ନେଇଥିଲେ । ଅନୁଷ୍ଠାର ମୁଖ୍ୟ ଉମାଶଙ୍କର ଦାସ ଏବଂ ସହଯୋଗୀ ମୁଖ୍ୟ ଅନିତା ମଣ୍ଡଳଙ୍କ ସହଯୋଗରେ ଉଦଘାଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ଏନ ଏ ସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଆଇନଜୀବି ଚନ୍ଦ୍ର ଶେଖର ରେଡି, ଜୁରୀ ମେମ୍ବର ଡକ୍ଟର ସୁନିତା ଓ୍ୱାଧବନ, ସୁଧା ଚାନ୍ଦିନୀ ଖଟରୀ, ଡକ୍ଟର ଭୁବନେଶ୍ୱରୀ ଦେଓ୍ୱାନୀଗନ ଉଦଘାଟନ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ର ଭୂୟସୀ ପ୍ରଶଂସା କରିବା ସହ ଏହାକୁ ବ୍ୟାପକ କରିବା ପାଇଁ ମତ ପୋଷଣ କରିଥିଲେ । ଉଦଘୋଷକ ଶୁଭଜିତ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମ କୁ ୨ଟି ଭାଗରେ ବିଭକ୍ତ କରାଯାଇଛି । ରାଣୀ ଏବଂ ଦିବ୍ୟାଙ୍ଗ ମାନଙ୍କ ପାଇଁ ଶ୍ରୀଶକ୍ତି ।

# ଜମୁଛି କାଳୀ ପୂଜା ମେଳା : ହସ୍ତତନ୍ତ ମେଳା ଗ୍ରାହକଙ୍କ ପ୍ରଥମ ପସନ୍ଦ

କେନ୍ଦୁଝର, ୨୯/୧୦ (ନି.ପ୍ର): କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ମେଳାରେ ମୀନା ବଜାର ଓ ଖାଦ୍ୟ ମେଳା ପାଇଁ ଜନଗହଳି ପରିଲକ୍ଷିତ ହେଉଛି। ମା କାଳୀଙ୍କୁ ଦର୍ଶନ କରିବା ସହ ମେଳା ବୁଲିବାକୁ ବହୁ ସଂଖ୍ୟାରେ ଲୋକ ଜିଲା ଓ ବାହାରୁ ଆସୁଛନ୍ତି। ଏହି ମେଳାରେ ଖାଦ୍ୟମେଳାରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟର ଖାଇବାର ମଜା ଉଠାଉଛନ୍ତି । ଏଠାରେ ବିଶେଷ କରି ପାରମ୍ପରିକ ଖାଦ୍ୟ ସହ ଆଧୁନିକ ଖାଦ୍ୟ ଯଥା ଚାଇନିଜ, ମକଟେଲ, ପୋଡା ଚିକେନ, ଛତୁ ପତ୍ର ପୋଡା ଷ୍ଟଲରେ ଭିଡ଼ ପରିଲକ୍ଷିତ ହେଉଛି । ବିଶେଷ କରି ଶନିବାର ଓ ରବିବାର ସଂଧାରେ ସହର ତଥା ସହରବାହାରୁ କାଳୀପୂଜୀ ଓ ମେଳା ଦେଖିବାକୁ ଅଧିକ ଲୋକଙ୍କ ସମାଗମ ହୋଇବ ଥିବା ବେଳ ଆଗକୁ ମଧ ଭିଡ ଅଧିକ ହେବା ଆଶଙ୍କା କରି ପୂଜା କମିଟି ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଛି। ପୋଲିସ ପ୍ରଶାସନ ତରଫରୁ ଟ୍ରାଫିକ ପରିଚାଳନା, ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଏହା ସହିତ ଶନିବାର ଠାରୁ ଅପେରା ସୋ ମଧ ଯାତ୍ରାପ୍ରେମୀଙ୍କୁ ଭିନ୍ନ ସ୍ୱାଦ ଯୋଗାଇଛି। ରାଜାରାଜୁଡା ଅମଳରୁ ଖ୍ୟାତି ଅର୍ଜନ କରିଥିବା ଥିବା ଏହି ମେଳାକୁ ବହୁ ଆଗରୁ ଲୋକେ ଅପେକ୍ଷା କରି ରହିଥାନ୍ତି । ଏଣୁ ବାହାରେ ରହୁଥିବା ଏ ଛୁଟି ନେଇ ଆସିଥାନ୍ତି ଏବଂ ମେଳାର ମଜା ଉଠାଇ ନିଆରା ଅନୁଭୂତି ସାଉଁଟି ନେଇଥାନ୍ତି। ଚଳିତବର୍ଷ କାଳୀତୀର୍ଥ କେନ୍ଦୁଝର କାଳୀପୂଜାକୁ ୮୫ ବର୍ଷରେ ପଦାର୍ପଣ କରୁଥିବାରୁ ବ୍ୟାପକ କାର୍ଯ୍ୟକ୍ରମ ରଖାଯାଇଛି । ସେହିପରି ଟେଲିଫୋନ୍ ଏକ୍ସଚେଞ୍ଜ ଛକ କାଳୀପୂଜା ଚଳିତ ବର୍ଷ ୫୭ ବର୍ଷରେ ପଦାର୍ପଣ କରିଛି । କେନ୍ଦୁଝର ସହରର ଥାନା ଛକଠାରୁ ଚର୍ଚ୍ଚ ଛକ, ଏକ୍ସଚେଞ୍ଜ ଛକରୁ ପାର୍କଲାଇନ ରେ ମୀନାବଜାର ସାଙ୍ଗକୁ ବିଭିନ୍ନ ଘରକରଣ ସାମଗ୍ରୀ, ଖାଇବା ଦୋକାନ ଲୋକଙ୍କୁ ବିଶେଷ ଆକୃଷ୍ଟ କରିପାରିଛି । ଅନ୍ୟପକ୍ଷରେ ପ୍ରସିଦ୍ଧ କାଳୀମେଳା ଅବସରରେ ଜେଲ ଛକ ନିକଟରେ ରାସ୍ତାକଡରେ ହସ୍ତତନ୍ତ, ଏମଏସଏମ ) ବିଭାଗର ପ୍ରାୟୋଜନରେ ହସ୍ତ ଶିଳ୍ପ ଷ୍ଟଲ ଲୋକଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇଛି ଓ ବ୍ୟବସାୟ କାରବାର ବହୁତ ଜୋରରେ ଚାଲିଥିବାର ଦେଖିବାକୁ ମିଳୁଛି । ସେହିପରି କାଶୀପୁର ଠାରେ ଶ୍ମଶାନ କାଳୀଙ୍କ ପୂଜା ଧୂମଧାମରେ ପାଳିତ ହେଉଥିବାବେଳେ ସୁରତ ସୁନ୍ଦର ତୋରଣ ଲୋକଙ୍କୁ ଆକର୍ଷି ଆକର୍ଷିତ କରୁଛି ।

# ୩୭ତମ ଶ୍ରୀରାମ ଚରିତ ମାନସ ପାରାୟଣ ପାଳିତ

ଘଟଗାଁ , ୨୯/୧୦ (ନି.ପ୍ର): ଘଟଗାଁ ମାତାରିଣୀ ପୀଠ ଯଜ୍ଞ ମଣ୍ଡପରେ ଚଳିତ ବର୍ଷ୩୭ତମ ଶ୍ରୀରାମ ଚରିତ ମାନସ ପାରାୟଣ ଶ୍ରୀରାମ ପରିଷଦ ପକ୍ଷରୁପାଳିତ ହେଉଅଛି ଏହା ଚଳିତ ଅକ୍ଟୋବର ମାସ୩୧ତାରିଖ ଅପରାହ୍ନରେ ପୂର୍ଣାହୁତି ହେବାର କାର୍ଯ୍ୟକ୍ରମ ରହିଛି ଏହି ପରାୟଣରେ ପ୍ରତିଦିନ ସୂର୍ଯ୍ୟ ପୂଜା ସହ ନିତ୍ୟ ପୂଜାବିଧି ଯଜ୍ଞକର୍ମ ହନୁମାନଚାଲିଶାପାଠସହ ୨୯ତାରିଖ ଦିନ ସୁନ୍ଦରାକାଣ୍ଡ ପଠନ ହେବାର ସ୍ଥିରୀକୃତ ହୋଇଛିପ୍ରତିଦିନ ବହୁପରିମାଣରେ ଶ୍ରଦ୍ଧାଳୁ ଘୃତ ନଡ଼ିଆଅର୍ପଣକରି ପୁର୍ଣ୍ୟ ଅର୍ଜୁନ କରିବାକୁ ଶ୍ରୀରାମ ପରିଷଦର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ମିଶ୍ର ନିବେଦନ କରିଛନ୍ତି।

# ଜୟ ଢୋଲକିଆଙ୍କୁ ଜିତାଇ ବିଧାନସଭାକୁ ପଠାଇବା ସବୁ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ : ଅଭିନନ୍ଦନ

ସମ୍ବଲପୁର/ନୂଆପଡା, ୨୯/୧୦ (ନି.ପ୍ର): ଓଡ଼ିଶାର ଜନସାଧାରଣଙ୍କ ଆର୍ଶୀବାଦରେ ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିଛି। ନୂଆପଡାରେ ମଧ୍ୟ ଜନସାଧାରଣଙ୍କ ଆର୍ଶୀବାଦ ରହିଛି ଓ ରହିଥିବ। ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆଙ୍କୁ ଜିତାଇବା ପାଇଁ ଜନସାଧାରଣ ମନ ବନାଇ ସାରିଲେଣି। ବିରୋଧୀ କେବଳ ନିର୍ବାଚନ ସମୟରେ ଲୋକଙ୍କ ନିକଟତର ହେବାକୁ ଉଦ୍ୟମ କରୁଥିବାବେଳେ ବିଜେପି ସଂଗଠନ ସବୁବେଳେ ସକ୍ରିୟ ରହିଛି, ଲୋକଙ୍କ ସଙ୍ଗେ ଯୋଡ଼ି ହୋଇ ରହିଛି। ସେମାନଙ୍କ ସୁଖ ଓ ଦୁଃଖରେ ସାଙ୍ଗରେ ରହିଛି। ଏଥିଯୋଗୁ ଚଳିତ ଉପନିର୍ବାଚନରେ ବିଜେପି ନିଶ୍ଚୟ ବିଜୟ ଲାଭକରିବ ବୋଲି ବିଜେପି ଯୁବନେତା ଅଭିନନ୍ଦନ ପଣ୍ଡା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଶ୍ରୀ ପଣ୍ଡା କହିଛନ୍ତି, ଯୁବ ଚେହେରା ଭାବେ ଜୟ ଢ଼ୋଲକିଆ ସ୍ଥାନୀୟ ଅଂଚଳର ଯୁବବର୍ଗଙ୍କୁ ବହୁ ପ୍ରଭାବିତ କରିଛନ୍ତି। ତାଙ୍କୁ ଜିତାଇ ବିଧାନସଭାକୁ ପଠାଇବା ପାଇଁ ମୋ ଭଳି ସବୁ କାର୍ଯ୍ୟକର୍ତ୍ତା ମାନେ ଅହରହ ଉଦ୍ୟମ କରୁଛନ୍ତି। ଜଣେ କାର୍ଯ୍ୟକର୍ତ୍ତା ଭାବେ ବିଜେପିର ଶୀର୍ଷ ନେତୃତ୍ୱ ଯାହାବି ନିର୍ଦ୍ଦେଶ ଦେବେ ତାକୁ ସମସ୍ତଙ୍କୁ ମାନିବାକୁ ପଡିବ। ଯାହାକୁ ବି ବିଜେପି ପ୍ରାର୍ଥୀ କରିବ ତାକୁ ଜିତାଇବା ଦାୟିତ୍ୱ ଆମ ସମସ୍ତଙ୍କର ରହିଛି। ଜୟ ଲକ୍ଷାଧିକ ଭୋଟ ବ୍ୟବଧାନରେ ଏହି ଉପନିର୍ବାଚନରେ ବିଜୟୀ ହେବେ ବୋଲି ଆମ ସମସ୍ତଙ୍କ ଆଶା ଓ ଦୃଢ ବିଶ୍ୱାସ ରହିଛି। ନୂଆପଡ଼ା ଜିଲ୍ଲାର ବିକାଶ ପାଇଁ ୧୧୦୧ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଛନ୍ତି ବିଜେପି ସରକାର। ଏନେଇ ବିଜେପି ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ନୂଆପଡ଼ାବାସୀଙ୍କ ଆସ୍ଥା ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ଶ୍ରୀ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି।

# ନୀଳଗିରି ତହସିଲ କାର୍ଯ୍ୟାଳୟରେ କୁଳଡିହା ଅଭୟାରଣ୍ୟ ସୀମା ନିର୍ଦ୍ଧାରଣକୁ ନେଇ ଜନଶୁଣାଣି ଶିବିର ଅନୁଷ୍ଠିତ



ନୀଳଗିରି , ୨୯/୧୦ (ନି.ପ୍ର): ନୀଳଗିରି ତହସିଲଦାରଙ୍କ କାର୍ଯ୍ୟାଳୟରେ କୁଳଡିହକ୍ଷ ଅଭୟକ୍ଷରଣ୍ୟ ସୀମାକୁ ନେଇ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା।ଉକ୍ତ ଶିବିରରେ ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନୀଳଗିରି ତହସିଲଦାର ସୋନମ୍ ଦାସ, କୁଳଡିହା ରେଞ୍ଜର ସୁବ୍ରତ କୁମାର ବେହେରାଙ୍କ ଉପସ୍ଥିତିରେ ଜନଶୁଣାଣୀ ସଭା ଅନୁଷ୍ଠିତ ହୋଇଥିବା ବେଳେ କୃଷକ ମଞ୍ଚର ଆବାହକ ନିରଞ୍ଜନ ବାରିକ, କୃଷକମଞ୍ଚର ଉପସଭାପତି ଉମାକାନ୍ତ ମଳିକ, ସମ୍ପାଦକ ନିହାର ରଞ୍ଜନ ଜେନା, ଏବଂ ବରିଷ୍ଠ ସଦସ୍ୟ ବିଜୟ ସଙ୍କ ପ୍ରଚେଷ୍ଟାରେ ହଜାରହଜାର ଜନତା ତହସିଲ କାର୍ଯ୍ୟାଳୟରେ ସମବେତ ହୋଇ କୁଳଡିହକ୍ଷ ଅଭୟାରଣ୍ୟର ନିର୍ଦ୍ଧାରିତ ସୀମାକୁ ବିରୋଧକରିବା ସହିତ ପୁନର୍ବାର ସୀମା ନିର୍ଧାରଣପାଇଁ ଦାବି କରିଥିଲେ। ୧୦ରୁ ଉର୍ଦ୍ଧ ପଞ୍ଚାୟତର ପ୍ରାୟ ୩୦୦୦ରୁ ଉର୍ଦ୍ଧ ଲୋକ ଏହି ଜନଶୁଣାଣିରେ ଅଂଶଗ୍ରହଣ କରିଥିଲେ ।ତହସିଲଦାର ସୋନମ ଦାସ ଜନତାଙ୍କ ଦାବିକୁ ସରକାରଙ୍କ ଠାରେ ଉପସ୍ଥାପନା କରିବାର ନିର୍ଭର ପ୍ରତିଶୃତି ଦେବାପରେ ଜନତାଙ୍କ ମଧ୍ୟରେ ଥିବା ଆକ୍ରୋଶ ଥମିଥିଲା। ଏହି ସମାବେଶକୁ ସମର୍ଥନ ଜଣାଇ ବର୍ଷୀୟାନ କମ୍ୟୁନିଷ୍ଟନେତା କୈଳାଶ ଚନ୍ଦ୍ର ପଣ୍ଡା, ଗୌରାଙ୍ଗ ପ୍ରସାଦ ପଟ୍ଟନାୟକ, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ପ୍ରକାଶ କୁମାର ଦାସ ,ବିଜୟ ପାତ୍ର, ଉପେନ୍ଦ୍ର ଦାସ, ସୁରେଶ ନାୟକ, ଯୋଗାନନ୍ଦ ଦାସ, ବାବୁଲି ରାଉତ, ଅଶୋକ ଦାସ, ହରେକୃଷ୍ଣ ପଣ୍ଡିତ, ଅନିରୁଦ୍ଧ ବେହେରା, କାଣ୍ଡଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତ, ସମିତିସଭ୍ୟ ଭାଗବତ ଖିଲାର, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠି, ସିଆଡ଼ିମାଳ ସରପଞ୍ଚ ସୁରଥ ସିଂ, ତେଲିପାଳ ସରପଞ୍ଚ ବାହାମଣୀ ମୁର୍ମୁ , କେସିପୁର ସରପଞ୍ଚ ବାସନ୍ତୀ ହେମ୍ବ୍ରମ, ଛତ୍ରପୁର ସରପଞ୍ଚ ମାଳତୀ ମାରାଣ୍ଡି, ପିଠାହତା ସରପଞ୍ଚ ମିନତୀ ମୁର୍ମୁ, ଆଦିବାସୀ ନେତା ବହାଦୁର ଟୁଡୁ, ଜଗନ୍ନାଥ ଟୁଡୁ, ମନୋଜ ସିଂ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଜୀବନ ଜୀବିକା ପ୍ରତି ଦୃଷ୍ଟିଦେଇ ସରକାର ପୁନର୍ବିଚାର କରିବାକୁ ପ୍ରଶାସନ ନିକଟରେ ଦାବି ରଖିଥିଲେ। ସୂଚନା ଅନୁଯାୟୀ କୁଲଡ଼ିହା ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ବେଆଇନ ଦର୍ଶାଇ ଏହାର ସଂଶୋଧନ ପାଇଁ ୨୦୧୧ମସିହାରେ ଉଚ୍ଚ ନ୍ୟାୟାଳୟରେ ଏକ ଅଭିଯୋଗ କରାଯାଇଥିଲା। ୨୦୨୦ମସିହା ଜାନୁଆରୀ ୬ତାରିଖରେ ମାନ୍ୟବର କୋର୍ଟ ସୀମା ନିର୍ଦ୍ଧାରଣ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ କରି ନ୍ୟାୟାଳୟକୁ ସୂଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ନିର୍ଯ୍ୟାସ ବାହାରି ନଥିବା ବେଳେ ଆଜିର ଏହି ସମାବେଶରେ ୨୦୧୩ମସିହା ଜମି ଅଧିଗ୍ରହଣ ନିୟମ ଅନୁସାରେ ପୁନଃ ସୀମାନିର୍ଦ୍ଧାରଣ କରିବାକୁ ଦାବି ହୋଇଥିବା ବେଳେ ମାନନୀୟା ତହସିଲଦାର ଉକ୍ତ ଅଂଚଳରେ ପଲ୍ଲୀସଭା କରି ଅନ୍ୟୂନ ୧୫ଦିନ ସମୟ ଦେବାସହିତ ଡେଙ୍ଗୁରା, ମାଇକ ପ୍ରଚାର,ବ୍ୟାପକ ପ୍ରଚାର ପ୍ରସାର କରିବାକୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ୍ୟ ଏକ ଚିଠି କରାଯାଇଥିବା କୃଷକମଞ୍ଚ ତରଫରୁ ସୂଚନା ମିଳିଛି।ଏଥିସହ କୁଲଡ଼ିହାର ସଠିକ୍ ସୀମା ନିର୍ଦ୍ଧାରଣ ହୋଇନଥିବା ବେଳେ ଇକୋ ସେନସ୍ଟିଭ ଜୋନ ବାହାନାରେ ଉନ୍ନୟନ କାର୍ଯ୍ୟକୁ ବନ୍ଦ ନକରିବାକୁ ଜନଶୁଣାଣୀରେ ଉପସ୍ଥିତ ଥିବା ଚାଷୀ, ସାଧାରଣଜନତା, ଜନଜାତି ବର୍ଗର ଲୋକ ଦାବୀକରିଥିବା ଜଣାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ନୂଆପଡ଼ାରେ ଜୟଙ୍କ...

ସୁନାବେଡା ଅଭୟାରଣ୍ୟର ଆଦିମ ଜନଜାତି ଓ ବନବାସୀଙ୍କୁ ଭେଟି ସମର୍ଥନ ମାଗିଛନ୍ତି ସ୍ନେହାଙ୍ଗିନୀ। ତେଣେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଧାନ ଖଳାକୁ ଯାଇ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଷ୍ଟାର ୱାର ପାଇଁ ତିନି ଦଳ ପ୍ରସ୍ତୁତ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓହ୍ଲାଇବେ ପ୍ରଚାରକୁ। ଶେଷ ଆଡକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏକାଧିକ ଥର ନୂଆପଡା ଯାଇ ପ୍ରଚାର କରିବେ। ଆଉ କଂଗ୍ରେସ ପାଇଁ ପ୍ରଚାରକୁ ଜୋରଦାର କରିବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ। ସୂଚନା ଅନୁଯାୟୀ ଗଡ ରକ୍ଷା କରିବାକୁ ନବୀନ ନୂଆପଡା ପ୍ରଚାର ମଇଦାନକୁ ଦୁଇଥର ଓହ୍ଲାଇବେ। ନଭେମ୍ବର ୩ ରେ କୋମନାରେ ସାଧାରଣ ସଭା ଓ ନଭେମ୍ବର ୭ରେ ଖରିଆର ରୋଡରୁ ନୂଆପଡା ଯାଏ ରୋଡ଼ ସୋ କରିବେ । ଆଉ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ଭୋଟ ମାଗିବେ ନବୀନ।

### କାହିଁକି ଆଗୋଉନି ପୋଲିସ୍ ...

ଚଢ଼ାଉ କରି ଏକାଧିକ ପରୀକ୍ଷା ସେଣ୍ଟରକୁ ବି କରାଯାଇଥିଲା ସିଲ୍। ଏପରିକି ବନ୍ଧା ହୋଇଥିଲେ ଅନ୍ୟତମ ମାଷ୍ଟରମାଇଣ୍ଡ ମୁନା ମହାନ୍ତି ସହ ୪ ଦଲାଲ୍। କିନ୍ତୁ ବହୁ କୋଟି ଟଙ୍କାର ଏହି କେଳେଙ୍କାରୀ ଖୁଲାସା ହେବାର ଆଜିକୁ ଠିକ୍ ମାସେ ହୋଇଗଲା। ତଥାପି ତଦନ୍ତକାରୀ ସଂସ୍ଥା ହାତରେ ଲାଗିପାରିଲାନି କେଳେଙ୍କାରୀର କିଙ୍ଗପିନ୍ ଶଙ୍କର ପୃଷ୍ଟି। କିଏ କହୁଛନ୍ତି ବିଦେଶ ଖସି ପଳାଇଛି, କିଏ କହୁଛନ୍ତି ଦେଶ ଭିତରେ ଆତ୍ମଗୋପନ କରିଛି। ଏସବୁ ଭିତରେ ଏକାଧିକ ଆନ୍ତଃ ରାଜ୍ୟ ଦଲାଲଙ୍କ ଲିଙ୍କ୍ ସାମ୍ନାକୁ ଆସିଛି। ଯେଉଁଥିପାଇଁ ଦିଲ୍ଲୀ ସମେତ ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ର ଓ ଝାଡ଼ଖଣ୍ଡ ଯାଇ କ୍ରାଇମବ୍ରାଞ୍ଚ ଛାପା ମାରିଛି। କିନ୍ତୁ ଖୋଳିପାରିନି ଖାକି ବର୍ଦ୍ଦିକୁ ବଦନାମ୍ କରିଥିବା ଏସଆଇ ନିଯୁକ୍ତି କେଳେଙ୍କାରୀର ମହାଗୁମର।

### ଚୌଦ୍ୱାର କଏଦୀ ଚମ୍ପଟ ଘଟଣାରେ...

ସମେତ ଏସଟିଏଫ୍ ଚିନ୍ତାରେ ପଡ଼ିଯାଇଛି । ପାଣିକୋଇଲି ପଣ୍ଡା ଅଳଙ୍କାର ଲୁଟ୍ ଓ ଦୁଇଜଣଙ୍କୁ ଗୁଳି କରି ହତ୍ୟା ଘଟଣାରେ, ରାଜା ଓ ମଧୁକାନ୍ତ ଚୌଦ୍ୱାର ସର୍କଲ ଜେଲ୍‌ର ହାଇ ସିକ୍ୟୁରିଟି ୱାର୍ଡରେ ଥିଲେ । କଏଦୀଙ୍କୁ ପ୍ରତି ସପ୍ତାହରେ ଅନ୍ୟ ସେଲ୍‌କୁ ସ୍ଥାନାନ୍ତର କରିବାର ନିୟମ ରହିଛି । କିନ୍ତୁ କାହିଁକି ଉଲ୍ଲଙ୍ଘନ ହେଲା ଓ ଏହା ପଛରେ କିଏ ସେ ନେଇ ପ୍ରଶ୍ନ ଉଠିଛି । ଏପଟେ ଉଭୟ କଏଦୀଙ୍କ ଚମ୍ପଟ ପଛରେ ଅନୁକମ୍ପା ରହିଥିବା ସନ୍ଦେହ କରାଯାଉଛି । ଚୌଦ୍ୱାରର ଅଭାବନୀୟ ଘଟଣା ନେଇ ଦୁଇ ଜେଲ କର୍ମଚାରୀଙ୍କୁ ସସପେଣ୍ଡ କରି ଚୁପ ବସିପଡିଛି ପୁଲିସ । ପ୍ରଶ୍ନ ଉଠୁଛି ୨୭ ଦିନ ପରେ ବି ପୁଲିସ ହାତ ଖାଲି କାହିଁକି ? ବଡବଡିଆଙ୍କୁ ଛୁଟି ଦେଇ ଦୁର୍ଗାପୂଜା ପାଇଁ ଅନୁମତି ଦେଇଥିଲା କିଏ ? ଅପରାଧୀଙ୍କ ଫେରାର ଯୋଜନା ବିଷୟରେ ଜେଲ କର୍ତ୍ତୃପକ୍ଷ ଜାଣିପାରିଲେନି କିଭଳି ?

# ଶରତରେ ଜନଅଭିଯୋଗ ଶୁଣାଣି ଶିବିର: ଖେଳାଇ ଦେଇଛି ନୂଆ ଉତ୍ସାହ, ଆଶା ବାନ୍ଧିଛି ବହୁ ସମ୍ଭାବନାର



ଉଦଳା, ୨୯/୧୦ (ନି.ପ୍ର): ମୟୂରଭଂଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଚଳିତ ଅକ୍ଟୋବର ୨୭ ତାରିଖ ସୋମବାର ଦିନ କପ୍ତିପଦା ପଂଚାୟତ ସମିତି ଅନ୍ତର୍ଗତ ଶରତ ଗ୍ରାମପଂଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରତିମାସର ଚତୁର୍ଥ ସୋମବାର ଦିନ ଉଦଳା ଠାରେ କପ୍ତିପଦା ଉପଖଣ୍ଡ ପାଇଁ ଏହି ଶିବିର ଅନୁଷ୍ଠିତ ହେଉଥିବା ବେଳେ, ଏଥର ପ୍ରଥମ ଥର ପାଇଁ ଶରତରେ ଏହା ହେବ ବୋଲି ପୁର୍ବରୁ ଘୋଷଣା କରାଯାଇଥିଲା । ଶରତ ଏକ ଉପାନ୍ତ ଅଂଚଳ ହୋଇଥିବା ବେଳେ ଏ ଅଂଚଳର ବାସିନ୍ଦା ମାନଙ୍କ ପକ୍ଷେ ଉଦଳା ଆସିବା ମଧ୍ୟ କଷ୍ଟକର ହେଉଥିଲା । ତେବେ ଜିଲ୍ଲାପାଳ ହେମକାନ୍ତ ସଏ ଓ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ନିଜେ ଏ ଅଂଚଳକୁ ଆସି ଲୋକଙ୍କ ଗୁହାରି ଶୁଣିବେ ଖବର ପ୍ରଚାରିତ ହେବା ପରେ ଲୋକଙ୍କ ମଧ୍ୟରେ ନୁଆ ଉତ୍ସାହ ଖେଳି ଯାଇଥିଲା । ପ୍ରକାଶ ଥାଉକି ଶରତ ପାଖକୁ ଲାଗିକରି ଥିବା ୯ ଗୋଟି ପଂଚାୟତକୁ ନେଇ ଏକ ସ୍ୱତନ୍ତ୍ର ବ୍ଲକ ଘୋଷଣା ସ୍ଥାନୀୟ ଲୋକଙ୍କର ମୁଖ୍ୟ ଦାବି ରହିଛି । ତେବେ ଏହି ଜନଶୁଣାଣିରେ ମୋଟ ୨୬୮ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧ୍ୟରୁ ୨୫୦ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ବେଳେ ୧୮ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ୩ ଗୋଟି ସମସ୍ୟାର ତତକାଳ ସମାଧାନ କରାଯାଇ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୫ ହଜାର ଲେଖାଏଁ ଟଙ୍କା ଓ ୧ ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ମୋଟ ୧୫ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା । ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପର ପ୍ରଶାସକ ନରେନ୍ଦ୍ର ଖମାରି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାୟକ, ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ା. ଲକ୍ଷ୍ମୀକାନ୍ତ ପତି, ସହକାରୀ ଜିଲ୍ଲାପାଳ ପ୍ରତୀକ ପଣ୍ଡା, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନିର୍ବାହୀ ଅଧିକାରୀ ପ୍ରିୟ ରଂଜନ ଜେନା, ଉପଖଣ୍ଡ ମଧ୍ୟରେ କାର୍ଯ୍ୟରତ ସମସ୍ତ ପଂଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର , ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ଜିଲ୍ଲାପାଳଙ୍କ ପାଖକୁ ଆସିଥିବା ସମସ୍ୟା ଗୁଡ଼ିକର ସମାଧାନ ବହୁଶିଘ୍ର ହେବ ବୋଲି ଲୋକ ଆଶା ବାନ୍ଧିଥିବାର କଥା ଚର୍ଚ୍ଚା ହେଉଛି । ଏଠାରେ ଥିବା ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟରେ କେବଳ +୨ ଶ୍ରେଣୀ ଥିବାରୁ ପିଲାଙ୍କୁ +୩ ପଢ଼ିବା ପାଇଁ ବହୁଦୁର ଯିବାକୁ ପଡୁଛି । ତେଣୁ ଏଠାରେ +୩ ଶ୍ରେଣୀ ଖୋଲିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି । ସେହିପରି ଏଠାରେ ଏକ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ଖୋଲିବା ପାଇଁ ମଧ୍ୟ ଦାବି ହେଉଥିବାର କଥା ଶୁଣିବାକୁ ମିଳୁଛି ।

# ସାଇବର ସୁରକ୍ଷା ଅଭିଯାନ ଓଡିଶା -୨୦୨୫ କାର୍ଯ୍ୟକ୍ରମ




ବେତନଟୀ , ୨୯/୧୦ (ନି.ପ୍ର): ବେତନଟୀ ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓଡିଶା -୨୦୨୫ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆଜି ସନ୍ଧ୍ୟାରେ ସ୍ଥାନୀୟ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷାବିତ ତଥା ଯୁବ ସାମ୍ବାଦିକ ସତ୍ୟପ୍ରକାଶ ପ୍ରଧାନ ମଞ୍ଚ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ସାହି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ସନାତନ ବିଜୁଳିଙ୍କ ସମେତ ସମ୍ମାନିତଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତ, ବେତନଟୀ ବିଡ଼ିଓ ସୁଶାନ୍ତ କୁମାର ସୁତାର, ବେତନଟୀ ପୁଲିସ ଉପଖଣ୍ଡ ଅଧିକାରିଣୀ ଏସଡ଼ିପିଓ ମିନତୀ ବିଶ୍ୱାଳ ପ୍ରମୁଖ ଅତିଥି ଅଧିକାରୀଗଣ ମଞ୍ଚାସିନ ଥିଲେ । ମୋବାଇଲ ଫୋନର ମାତ୍ରାଧିକ ବ୍ୟବହାର ଏବଂ ଡିଜିଟାଲାଇଜେସନ ଦ୍ୱାରା ଅନେକ କଠିନ କାର୍ଯ୍ୟ ସହଜସାଧ ହୋଇପାରିଥିବା ବେଳେ ଏହାର ସୁଯୋଗ ନେଇ ଅନେକ ଠକେଇ ଘଟଣା ଏବେ ଉଦବେଗଜନକ ସ୍ଥିତିରେ ପହଞ୍ଚିଛି । ତେବେ ମୋବାଇଲ ଏବଂ ଇଣ୍ଟର୍ନେଟ ଏବେ ମଣିଷର ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଥିବା ବେଳେ ଏହାର ବ୍ୟବହାର କିଭଳି ସତର୍କତା ଏବଂ ସଚେତନତାର ସହିତ ଗଠନମୂଳକ ଦିଗରେ ଉପଯୋଗ କରାଯାଇପାରିବ ସେନେଇ ମଞ୍ଚାସିନ ଅତିଥି ଅଧିକାରୀଗଣ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଅଦୃଶ୍ୟ ଠକ ମାନଙ୍କ ଦ୍ୱାରା ଅନଲାଇନରେ ଆସୁଥିବା ବିଭିନ୍ନ ଲୋଭନୀୟ ତଥା ଆକର୍ଷଣୀୟ ଉପହାରକୁ ନେଇ ଭାବୁକ ନହୋଇ ଅତ୍ୟନ୍ତ ସତର୍କତା ଏବଂ ସଚେତନତାର ସହିତ ଉଚିତ ପଦକ୍ଷେପ ଗ୍ରହଣକଲେ ଏଭଳି ଅଦୃଶ୍ୟ ଠକଙ୍କ ନିକଟରୁ ନିଜକୁ ସୁରକ୍ଷିତ ରଖାଯାଇପାରିବ ବୋଲି ମତପ୍ରକାଶ ପାଇଥିଲା । ତେବେ ସଚେତନତା ଏବଂ ସତର୍କତା ଦ୍ୱାରା ହିଁ ଅଦୃଶ୍ୟ ଠକଙ୍କୁ ପ୍ରତିହତ କରାଯାଇ ପାରିବା ସହିତ ସାଇବର ଠକେଇର ମୁକାବିଲା କରାଯାଇ ପାରିବ । ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା, ବେତନଟୀ ବ୍ଲକ ସାମ୍ବାଦିକ ସଂଘ, ବେତନଟୀ ବ୍ଲକ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଜୟନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ଗଣେଶ ଚନ୍ଦ୍ର ସାହୁ, ପ୍ରକାଶ ବେହେରା, ସିଭିଲ ସୋସାଇଟି, ପଦ୍ମମାଳୀ ମହିଳା ସଂଗଠନ ସମ୍ପାଦିକା ପ୍ରଭାତି ମହାନ୍ତି ତାଙ୍କର କର୍ମକର୍ତ୍ତା ଓ ବିଭିନ୍ନ ସାମାଜିକ ସଂଗଠନ ଏବଂ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଓ ସଦସ୍ୟ /ସଦସ୍ୟା ଯୋଗ ଦେଇଥିଲେ । ବେତନଟୀର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଇବର ଠକେଇ ଉପରେ ଅଭିନୟ କରି ଲୋକ ମାନଙ୍କୁ ସଚେତନତା କରିଥିଲେ। ପରିଚାଳନାରେ ବେତନଟୀ ଥାନା କର୍ମଚାରୀ ପ୍ରମୁଖ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ।

## ତୁଡିଗଡିଆ ମଣ୍ଡଳ କମିଟି ନାମ ଘୋଷଣା କଲେ ସଭାପତି

ଖଇରା, ୨୯/୧୦ (ନି.ପ୍ର): ବାଲେଶ୍ୱର ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅନୁମୋଦନ କ୍ରମେ ୫ନମ୍ବର ତୁଡିଗଡିଆ ମଣ୍ଡଳର ସଭାପତି ମାନସ କୁମାର ମୁଦୁଲି ମଣ୍ଡଳ କମିଟି ନାମ ଘୋଷଣା କରିଛନ୍ତି। ସାଧାରଣ ସମ୍ପାଦକ ଭାବେ କରୁଣାକର ମହାପାତ୍ର ଓ ପିତାମ୍ବର ମିଶ୍ର, ଉପସଭାପତି ଭାବେ ଜ୍ୟୋତି ନାରାୟଣ ସାହୁ, ଜନାର୍ଦ୍ଦନ ଦାଶ, ଅଭିମନ୍ୟୁ ବେହେରା, ସସ୍ମିତା ପଣ୍ଡା, ମନିଷା ଜେନା ଓ ବୈକୁଣ୍ଠ ସାମଲ, ସମ୍ପାଦକ ଭାବେ ଦିନବନ୍ଧୁ ମହାରଣା, ପିତାମ୍ବର ମହାରଣା, ଶ୍ରୀକାନ୍ତ ପାଣିଗ୍ରାହୀ, ମୋନାଲିସା ବେହେରା, ମଞ୍ଜୁଲତା ସାମଲ ଓ ଫୁଲମଣି ସିଂ ଓ କୋଷାଧକ୍ଷ ଭାବେ କମଳଲୋଚନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭାନ ଗଙ୍ଗାଧର ଗୋଶାଳାରେ ଗୋଷ୍ଠାଷ୍ଟମୀ



ବାସୁଦେବପୁର, ୨୯/୧୦ (ନି.ପ୍ର): ବାସୁଦେବପୁର ସାନକୃଷ୍ଣପୁର ପଞ୍ଚାୟତର ଗଦି ଗ୍ରାମରେ ୨୦୨୪ମସିହାରେ ଗଢି ଉଠିଥିବା ବିଭାନ ଗଙ୍ଗାଧର ଗୋଶାଳାରେ ଆଜି ଗୋଷ୍ଠାଷ୍ଟମୀ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଗୋଶାଳାରେ ରାସ୍ତାରେ ଦୁର୍ଘଟଣାଜନିତ ଗୋବଂଶକୁ ଉଦ୍ଧାର କରିବା ତଥା ବୃଦ୍ଧବୃଦ୍ଧା ଗୋବଂଶକୁ ସୁରକ୍ଷା ଦେବା କାର୍ଯ୍ୟ କରାଯାଉଅଛି। ଏବେ ୧୨୨ ଗୋସଂପଦ ଥିବା ଏହି ଗୋଶାଳାରେ ପ୍ରାତଃ ସମୟରେ ବୃଷଭମାନଙ୍କ ଠାରୁ ଆରମ୍ଭ କରି ଗୋମାତା, ଗୋବତ୍ସମାନଙ୍କୁ ସ୍ନାନ ଶୌଚ କରିବା ପରେ ଧୂପଦୀପ, ଚନ୍ଦନ ଦେଇ ପୂଜନ କରି ସମସ୍ତଙ୍କୁ ଫଳାହାର ଦିଆଯାଇଥିଲା। ଏହି ପୂଜନ କାର୍ଯ୍ୟକୁ ପଣ୍ଡିତ ତଥା ସଂଗ୍ରାହକ ବିକାଶ କୁମାର ଶତପଥୀ ସମ୍ପାଦନ କରିବା ସହିତ ଆଜିର ଦିବସର ତାତ୍ପର୍ଯ୍ୟ ତଥା ଗୋସଂପଦର ସୁରକ୍ଷା ପାଇଁ କିଛି ମାର୍ଗଦର୍ଶନ କରାଇଥିଲେ। ପରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁଖନିସୃତ ବାଣୀ ଶ୍ରୀମଦ୍ ଭଗବତଗୀତା ଗୋବଂଶମାନଙ୍କୁ ଶ୍ରବଣ କରାଯାଇଥିଲା। ଆଜିର ଦିବସରେ ଭଗବାନ ଶ୍ରୀକୃଷ୍ଣ ପ୍ରଥମ କରି ଗୋବଂଶଙ୍କୁ ଚାରଣ ପାଇଁ ବ୍ରଜଧାମକୁ ନେଇଥିବାର ପୌରାଣିକ ଗାଥା ସମ୍ପର୍କରେ ବରିଷ୍ଠ ଶିକ୍ଷାବିତ୍ ସଦାନନ୍ଦ ପାଣିଗ୍ରାହୀ,ନିର୍ମଳ କୁମାର ନନ୍ଦ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଶାଳାର ପ୍ରତିଷ୍ଠାତା ତାପସ କୁମାର ଜେନା, ସଭାପତି ମନ୍ମଥ କୁମାର ନାୟକ,ସମ୍ପାଦକ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପଛରୁ ଠେଲିଲେ ବି ଷ୍ଟାର୍ଟ ହେଉନି ଖଇରା ଥାନା ଗାଡି

ଖଇରା, ୨୯/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନାରେ ଚୋର ଡକାୟତ ଓ ନିଶାଦ୍ରବ୍ୟ ଧରା ତଥା ଅନ୍ୟାନ୍ୟ କାର୍ଯ୍ୟପାଇଁ ଉଦ୍ଦିଷ୍ଟ ଗାଡିଟି ଠିକ ସମୟରେ କାମରେ ଆସୁନି । ଏଭଳିକି କର୍ମଚାରୀ ମାନେ ପଛରୁ ଧକ୍କା ଦେଲେବି ଷ୍ଟାର୍ଟ କରିବା ସମ୍ଭବ ହେଉନି । ଏଭଳି ଏକ ପଛରୁ ଗାଡି ପେଲା ଭିଡିଓ ବୁଧବାର ଭାଇରାଲ ହେବା ପରେ ଏହାକୁ ବହୁ ମାତ୍ରାରେ ଟ୍ରୋଲ କରାଯାଉଥିବା ପରିଲକ୍ଷିତ ହୋଇଛି । ଚୋର ଓ ଡକାୟତ ମାନେ କଣ ଗାଡିଯିବା ପର୍ଯ୍ୟନ୍ତ ଅପେକ୍ଷା କରିବେ କି ବୋଲି କିଛି ଲୋକ ମନ୍ତବ୍ୟ ଦେଇଛନ୍ତି । ବୁଧବାର ପୂର୍ବାହ୍ନରେ ମୃତ୍ୟୁବରଣ କରିଥିବା ଖବରଦାତାଙ୍କ ଶବ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ଚିଠି ନେଇ ସୋର ଯିବାପାଇଁ କର୍ମଚାରୀଙ୍କୁ ଯଥାଶୀଘ୍ର ଗାଡିରେ ଯିବାର ଥିଲା । ହେଲେ ୧ଘ ।ଧରି ପେଲାଠେଲା ପରେ ମଧ୍ୟ ଗାଡି ଷ୍ଟାର୍ଟ ହୋଇ ନଥିଲା । ବାଧ୍ୟ ହୋଇ ଥାନା କର୍ମଚାରୀ ମାନେ ଝଡିବର୍ଷାରେ ରିପୋର୍ଟ ଧରି ବାଇକରେ ସୋର ଯାଇଥିଲେ । ଏ ସମ୍ପର୍କରେ ନିଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ମରାମତି ପାଇଁ ଖଇରା ଥାନାରେ କୌଣସୀ ଫଣ୍ଡ ନାହିଁ । ଅର୍ଥ ବ୍ୟବସ୍ଥା ପାଇଁ ଏସପିଙ୍କୁ ଅବଗତ କରାଯାଇଛି ।

WORKS DEPARTMENT
OFFICE OF THE SUPERINTENDING ENGINEER,
RAIRANGPUR (R&B), DIVISION
e-mail: - eerbrairangpur@yahoo.co.in
Government of Odisha “e” Procurement Notice
**Bid Identification No.SE 33 of 2025-26**

1. Nature of work:- **Electrical Works**
2. Number of works: 2 (**Two** )
3. Amount put to Tender: - **Rs. 17,08,362.00**
4. Class of Contractor: - **MV Electrical License / Authorised Dealer**
5. Date & Time of availability of bid document in the portal: - **Dt. 03.11.2025 at 10:00 AM**
6. Last Date / Time of receipt of bid in the portal: - **Dt. 14.11.2025 up to 04:00 PM**
7. Date of opening of bid: - **Dt 15.11.2025 at 11:00 AM**
8. Name & address of the Office inviting bid: - **Superintending Engineer, Rairangpur (R&B)Division**
9. The bidders have to participate in **ONLINE** bidding only. Further details can be seen from the e-procurement portal **“http//tendersodisha.gov.in.”** All future corrigendum will be available on ONLINE mode only.

**OIPR: 34041/11/0017/2526**

**Superintending Engineer**
**Rairangpur (R&B) Division**

# ଯାତ୍ରୀବାହି ବସ ଦୁର୍ଘଟଣା ଗ୍ରସ୍ତ: ଦୁଇ ମୃତ ୬ ଆହତ

ଜଳେଶ୍ୱର, ୨୯/୧୦ (ନି.ପ୍ର): ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲପ୍ଲାଜାର ୫୦୦ମିଟର ପୂର୍ବରୁ ରାସ୍ତା ଉପରେ ଖରାପ ହୋଇଥିବା ଧାନ ବୋଝେଇ ଟ୍ରକକୁ ପଛପଟୁ ଧକ୍କା ଦେଲା ଦ୍ରୁତ ଗତିରେ ଆସୁଥିବା ଡୋଲଫିନ ନାମକ ଯାତ୍ରୀ ବାହୀ,ଡ୍ରାଇଭର ଏବଂ ହେଲ୍ପର ମୃତ, ବାସରେ ଥିବା ୭ଯାତ୍ରୀ ଗୁରୁତର, ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି,ପୋଲିସର ତଦନ୍ତ ଜାରୀ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ୬୦ନଂ ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲ ପ୍ଲାଜାର ୫୦୦ମିଟର ପୂର୍ବରୁ,ସୂଚନା ଅନୁଯାୟୀ ରାସ୍ତା ଉପରେ ଏକ ଧାନ ବୋଝେଇ ଟ୍ରକଟି ଯାନ୍ତ୍ରିକ ତ୍ରୁଟି ପାଇଁ ଛିଡା ହୋଇଥିଲା ବେଳେ ବିଳମ୍ବିତ ରାତିରେ ଢେଙ୍କାନାଳ ନୃସିଂହପୁରରୁ କଲିକତା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଡୋଲଫିନ ନାମକ ଯାତ୍ରୀବାହୀ ବସଟି ଭାରସାମ୍ୟ ହରାଇ ଟ୍ରକଟିକୁ ପଛ ପଟୁ ଧକ୍କା ଦେଇଥିଲା, ଧକ୍କା ଦେବା ଫଳରେ ବସର ସମ୍ମୁଖ ଭାଗ କେବିନଟି ସମ୍ପୂର୍ଣ୍ଣ ଭାବରେ ଚାପି ହୋଇ ଯାଇଥିଲାବେଳେ ଡ୍ରାଇଭର ଓ ହେଲ୍ପର ଚାପି ହୋଇ ମୃତ୍ତୁ ବରଣ କରିଥିଲେ, ବସରେ ଥିବା ୪୦ରୁ ଅଧିକ ଯାତ୍ରୀ ଥିଲା ବେଳେ ୭ରୁ ଅଧିକ ଯାତ୍ରୀ ଗୁରୁତର ହୋଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଜଳେଶ୍ୱର ପୋଲିସ, ଅଗ୍ନିଶମ ବାହିନୀ ପହଂଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ, ଗୁରୁତର ଯାତ୍ରୀ ମାନଙ୍କୁ ଜାତୀୟରାଜପଥ ଆମ୍ବୁଲାନ୍ସ ଦ୍ୱାରା ଜଳେଶ୍ୱର ଜିକେ ଭଞ୍ଜର ହସ୍ପିଟାଲକୁ ଅଣାଯାଇଥିଲା ବେଳେ ସେଥି ମଧ୍ୟରୁ ଅଧିକ ଗୁରୁତର ୨ଜଣ ଯାତ୍ରୀକୁ ବାଲେଶ୍ୱର ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି। ମୃତକ ହେଲେ ଡ୍ରାଇଭର ଅବଦୁଲ ରହିମ ଓ ହେଲ୍ପର ନୃସିଂହ କାଠୁଆ। ଜଳେଶ୍ୱର ପୋଲିସର ତଦନ୍ତ ଜାରୀ।

ଗୁରୁବାର, ଅକ୍ଟୋବର ୩୦, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବିଶ୍ୱ ଷ୍ଟ୍ରୋକ ଦିବସ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ପାଳିତ

ବାଲେଶ୍ୱର , ୨୯/୧୦ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଷ୍ଟ୍ରୋକ ଦିବସ ୨୦୨୫ ଉପଲକ୍ଷେ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଯାଇଛି । ଏ ବର୍ଷର ବିଶ୍ୱ ଷ୍ଟ୍ରୋକ ଦିବସର ଥିମ୍ ଥିଲା 'ପ୍ରତିଟି ମିନିଟ୍ ଗୁରୁତ୍ୱପୂର୍ଣ୍ଣ' ।ଏହି ସଭା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଉପକେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନେ ଓ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଏହି ସଭାରେ ଉପସ୍ଥିତ ଥିଲେ । ସଭାପତି ବେହେରା ତାଙ୍କ ଅଭିଭାଷଣରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ହେଲେ ଷ୍ଟ୍ରୋକ ରୋଗକୁ ଆଗୁଆଁରୁ ପ୍ରତିରୋଧ କରାଯାଇପାରିବ ବୋଲି ଉଲ୍ଲେଖ କରିଥିଲେ । ଡାକ୍ତର ଅମୂଲ୍ୟ ଦାସ ସଚେତନତା ବାର୍ତ୍ତା ଦେଇ କହିଥିଲେ ଯେ 'ଲୁଣ, ତେଲ ଓ ଚିନି' ଖାଦ୍ୟରେ କମ କଲେ ଷ୍ଟ୍ରୋକ ଝୁମିକି ହ୍ରାସ ପାଇପାରିବ ।ସଭାରେ ଡାକ୍ତର ସଂଜୀବ ପ୍ରଧାନ, ଡାକ୍ତର ପ୍ରଦୀପ କର ଓ ଡାକ୍ତର ରାମଚନ୍ଦ୍ର କିସ୍କୁ ମଧ ଷ୍ଟ୍ରୋକ ସମ୍ପର୍କିତ ସଚେତନତା ଓ ପ୍ରତିରୋଧ ଉପାୟ ଉପରେ ମତବ୍ୟକ୍ତ କରିଥିଲେ । ସଭାର ଶେଷରେ ଷ୍ଟ୍ରୋକ ବିଷୟରେ ଗାଁ ଓ ଗ୍ରାମ୍ୟ ଅଞ୍ଚଳରେ ଅଧିକ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ




ଦିଆଯାଇଥିଲା ।କାର୍ଯ୍ୟକ୍ରମକୁ ଡାକ୍ତର ଅରୂପ ଅଭିଷେକ ପରିଚାଳନା କରିଥିଲେ ।ଶେଷରେ ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଜଣାଇଥିଲେ ।

## ନୀଳଗିରି ପୋଲିସକୁ ବଡ଼ ସଫଳତା: ୩ ଦୁର୍ଦ୍ଦାନ୍ତ ଲୁଟେରା ଗିରଫ







ନୀଳଗିରି , ୨୯/୧୦ (ନି.ପ୍ର): ଦିନରେ ଫେରି, ରାତିରେ ଚୋରୀକରି ନୀଳଗିରି ଅଞ୍ଚଳରେ କକୁଆଭୟ ସୃଷ୍ଟି କରିଥିବା ୩ଦୁର୍ଦ୍ଦାନ୍ତ ଚୋରଙ୍କୁ ଗିରଫ କରିଛି ପୋଲିସ । ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ମୁର୍ଶିଦାବାଦ୍ ଜିଲ୍ଲାର ସିପାରୁଲ ଶେଖ୍, ଲାୟେବ ଶେଖ୍ ଏବଂ ଜିଆରୁଲ ଶେଖ୍ ନାମକ ତିନିଜଣ ଲୁଟେରା ନୀଳଗିରି ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମଜୁରୀ କରିବା, ଫେରି କରିବା ଆଦି କାମକରୁଥିବା ବେଳେ ରାତିରେ ବିଭିନ୍ନ ମନ୍ଦିର ଓ ଘରେପଶି ଲୁଟତରାଜ କରୁଥିଲେ । ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥିବା ଏହି ଗ୍ୟାଙ୍ଗକୁ ଧରିବାକୁ ନୀଳଗିରି ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଏବଂ ଈଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇଙ୍କ ନେତୃତ୍ୱରେ ଏକ ପୋଲିସଟିମ୍ ଭୁବନେଶ୍ୱରର ଏକ ବସ୍ତି ଅଞ୍ଚଳରେ ଚଢାଉକରି ଧରିବାରେ ସଫଳ ହୋଇଥିଲେ । ସେମାନଙ୍କ ନାମରେ ବିଭିନ୍ନ ଥାନାରେ ୧୭ରୁ ଅଧିକ ଚୋରୀଘଟଣାରେ ମାମଲା ଥିବାବେଳେ ଏହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ କୁହାଯାଉଥିବା ସୋନି ଶେଖ୍ ଏବେବି ଫେରାର ଅଛି । ଏନେଇ ନୀଳଗିରି ଥାନାରେ ୩୬୪/୨୨୫ଏବଂ ୧୯୩/ ୨୫ରେ ମାମଲା ରୁଜୁ କରାଯାଇ ପଚରାଉଚୁରା ଜାରି ରହିଥିବା ବେଳେ ଆଜି ସେମାନଙ୍କୁ କୋର୍ଟଚାଲାଣ କରାଯିବ ପୋଲିସ ସୂତ୍ରରୁ ପ୍ରକାଶ ।

## ଆମ ପରିବାର ଓ ଆମ ପଂଚାୟତ ପତ୍ରିକାର ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ଲୋକାର୍ପଣ



ବସ୍ତା , ୨୯/୧୦ (ନି.ପ୍ର): ସ୍ୱର୍ଗତ ଭଗବାନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଆମ ପରିବାର ଆମ ପଞ୍ଚାୟତ ପତ୍ରିକାର ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ସଂଖ୍ୟା ୨୦୨୫ ଲୋକାର୍ପଣ ହୋଇଯାଇଛି । ଏହି ଲୋକାର୍ପଣ ସଭାରେ ଶାନ୍ତନୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି, ମୁଖ୍ୟବକ୍ତା ଶ୍ରୀଯୁକ୍ତ ଆଚାର୍ଯ୍ୟ ବିଜୟ ଜୀ ଓ ସମ୍ମାନିତ ଅତିଥି ଭାବରେ ଅନନ୍ତ କୁମାର ସାହୁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅକ୍ଷୟ କୁମାର ମିଶ୍ର, ପ୍ରଭାତ ଆଚାର୍ଯ୍ୟ ଓ ଭଗବାନ ମହାପାତ୍ର ପୁତ୍ର ଏହି ସଭାରେ ଯୋଗଦାନ କରିଥିଲେ । ଚକ୍ରଧର ନନା ବେଦ ପାଠରେ ପ୍ରଥମେ ଅତିଥି ମାନେ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସ୍ୱାଗତ ନୃତ୍ୟ ପରବେଷଣ କରିଥିଲେ ସୁଶ୍ରୀ ତପସ୍ୱିନୀ ପତ୍ରି । ରୂପ୍ସାର ଗଛ ମଣିଷ ରବୀନ୍ଦ୍ର ବେହେରାଙ୍କ ଦ୍ୱାରା ଭଜନ ଗାନ ପରେ ସୁଦର୍ଶନ ମହାପାତ୍ର ପତ୍ରିକା ବିବରଣୀ ପାଠ କରିଥିଲେ ପରେ ଅତିଥି ମାନଙ୍କ ଦ୍ୱାରା ପତ୍ରିକାର ବିଶେଷତ୍ୱ ଓ ଆଭିମୁଖ୍ୟ ସମ୍ପର୍କରେ ବାର୍ତ୍ତା ପରେ ପତ୍ରିକା ଲୋକାର୍ପଣ ହୋଇଥିଲା । ଶେଷରେ ଡାକ୍ତର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କାକୁଡିଆରେ ଗୋଷ୍ଠାଷ୍ଟମୀ ଉତ୍ସବ ପାଳନ



ଖଇରା, ୨୯/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପ ।ୟତ ଅଧୀନ କାକୁଡିଆ ଗ୍ରାମରେ ବୁଧବାର ଦିନ ଗୋଷ୍ଠାଷ୍ଟମୀ ଉତ୍ସବ ପାଳିତ ହୋଇ ଯାଇଛି । ପ୍ରଥମେ ବୈଦିକ ରିତି ନିତିରେ ଗୋମାତା ପୂଜନ କରାଯାଇଥିଲା । ଏଥିରେ ସାରୁଗାଁ ପ ।ୟତ ସରପ ଦୟାନିଧି ନାୟକ,ପ୍ରଶାସନିକ ଅଧିକାରିଣୀ ମୋନାଲିସା ରାଉତ,କାକୁଡିଆ ସ୍କୁଲର ପ୍ରଧାନଶିକ୍ଷକ ଉଦୟ ନାରାୟଣ ପାତ୍ର,ନରେନ୍ଦ୍ର ପ୍ରସାଦ ଲେଙ୍କା,ଶିକ୍ଷାବିତ ତଥା ଗ୍ରାମର ଅଧିବାସୀ ମାନେ ଉପସ୍ଥିତ ଥିଲେ । ଏହି ଅବସରରେ ନିକଟରେ ଓଏଏସ ପାଇଥିବା ମୋନାଲିସା ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗ୍ରାମରେ ଗୋଷ୍ଠାଷ୍ଟମୀ ୧୯୬୨ ମସିହାରୁ ପାଳିତ ହୋଇ ଆସୁଛି ।

## ଖୁବ୍‌ଶୀଘ୍ର କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ପ୍ରଦାନ କରାଯିବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା । ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ରହି ବାତ୍ୟା ପରବର୍ତ୍ତୀ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବୈଠକ ପରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ସୌଭାଗ୍ୟର କଥା ହେଉଛି ଯେ ସାଧାରଣ ଲୋକ ଏହି ବାତ୍ୟାକୁ ନେଇ ଚିନ୍ତିତ ଥିଲାବେଳେ ଏହାର ସେଭଳି କୌଣସି ପ୍ରଭାବ ପଡ଼ିନାହିଁ । ଶେଷ ମୁହୂର୍ତ୍ତରେ ବାତ୍ୟା ଏହାର ଦିଗ ବଦଳାଇଲା । ସରକାର ବାତ୍ୟା ପୂର୍ବରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରାକ୍ ପ୍ରସ୍ତୁତି ଚଳାଇଥିଲେ । ଏହି ସବୁ ବିଭାଗ ଜିଲ୍ଲାୱାରୀ ପ୍ରସ୍ତୁତି ସହ ତୃଣମୂଳ ସ୍ତରରେ କିପରି ବାତ୍ୟାର ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ବିଶଦ ଭାବେ ଯୋଜନା ପ୍ରସ୍ତୁତ କରି ପଦକ୍ଷେପ ନେଇଥିଲେ । ବର୍ତ୍ତମାନ ରାଜ୍ୟର ବିଭିନ୍ନ ଜଳଭଣ୍ଡାରରେ ୮୮ ପ୍ରତିଶତ ଜଳସଂଚୟ ହୋଇ ରହିଥିବାବେଳେ ବର୍ଷାକୁ ଆଖି ଆଗରେ ରଖି ସେହିସବୁ ସ୍ଥାନରେ ଜଳ ପରିଚାଳନାର ବ୍ୟବସ୍ଥା କରାଯାଉଛି । ୩୦ ତାରିଖ ପରଠାରୁ କ୍ଷୟକ୍ଷତିର ଆକଳନ କରାଯାଇ ଆବଶ୍ୟକୀୟ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି । ବାତ୍ୟା ମୋକାବିଲା ପରିଚାଳନା କରିବା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନଡିଆରଏଫ୍, ୧୩୩ଟି ଅଗ୍ନିଶମ ବାହିନୀଙ୍କୁ ମିଶାଇ ମୋଟ ୧୬୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟ ସ୍ଥଳୀକୁ ଚିହ୍ନଟ କରାଯାଇ ୧୮୭୩୨ ଜଣ ଲୋକଙ୍କୁ ନିରାପଦ ଭାବରେ ସ୍ଥାନାନ୍ତର କରାଯାଇଥିବାବେଳେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧାର ବ୍ୟବସ୍ଥା କରାଯାଇଥିଲା ।

## ବୈଶିଙ୍ଗା ଗ୍ରାମର ପରେଶ ଚନ୍ଦ୍ର ଦାସଙ୍କର ହୃଦଘାତରେ ମୃତ୍ୟୁ

ବୈଶିଙ୍ଗା , ୨୯/୧୦ (ନି.ପ୍ର):ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା ଗ୍ରାମର ଜନୈକ ବ୍ୟକ୍ତିଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ଖବରରୁ ପ୍ରକାଶ ସ୍ୱର୍ଗତ ଗୌରମୋହନ ଦାସଙ୍କ ଏକମାତ୍ର ପୁତ୍ର ପରେଶ ଚନ୍ଦ୍ର ଦାସଙ୍କର ୬୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ପୁତ୍ର ତମ୍ବରୁଧର ଦାସଙ୍କ କହିବାନୁଯାଇ ସେ ତାଙ୍କର ବାପା ପରେଶ ଦାସ କିଛି ଦିନ ଧରି ହୃଦ ରୋଗରେ ପୀଡିତ ଥିଲେ ।ସେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଘରେ ରହିଥିଲେ । ଆଜି ବୁଧବାର ସନ୍ଧ୍ୟାରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିବା ପରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

## ଅବକାରୀ ମୋବାଇଲ ସ୍କ୍ୱାର୍ଡର ଚଢାଉ: ୬ ବେପାରୀ ଗିରଫ, ଲକ୍ଷାଧିକ ଟଙ୍କାର ଦେଶୀ ଓ ବିଦେଶୀ ମଦ ଜବଦ

ବାଲିଆପାଳ , ୨୯/୧୦ (ନି.ପ୍ର): ଦିନକୁ ଦିନ ବାଲିଆପାଳ ବ୍ଲକରେ ଦିନକୁ ଦିନ ବେଆଇନ ଦେଶୀ ଓ ବିଦେଶୀ ମଦ ଭାଟି ଛତୁ ଫୁଟିଲା ପରି ବଢିଚାଲିଛି ।ଦିନ ଦ୍ୱିପ୍ରହରରେ ରାତି ଅଧରେ ମଦ ଭାଟିରୁ ମଦ ଭାଟିକୁ ପିକଅଫ୍ ଏବଂ ବୋଲେରୋ ସାହାର୍ଯ୍ୟରେ ଦେଶୀ ଓବିଦେଶୀ ମଦ ଯୋଗାଣ ହେଉଛି ।ସେହିପରି ବିଦେଶୀ ମଦ ଦୋକାନୀ ମାନେ ଏହି ଚୋରା ବେପାରୀ ମାନଙ୍କୁ ପାଇକାରୀ ଦରରେ ମଦ ବିକ୍ରି କରି ବ୍ୟବସାୟ ପାଇଁ ପ୍ରୋତ୍ସାହନ ଯୋଗାଉଛନ୍ତି । ସମସ୍ତଙ୍କ ଗୋଚରରେ ଏହି କାରବାର ଚାଲିଥିବା ବେଳେ ପୋଲିସ ଏବଂ ଅବକାରୀ ବିଭାଗ ସବୁ ଦେଖି ନଦେଖିଲାପରି ରହୁଛି । କେବଳ ନାଁ କୁ ମାତ୍ର ବର୍ଷକରେ



ଥରେ ଦୁଇଥର ଚଢାଉ କରି କେତେକ ପେଶାଦାର ବ୍ୟବସାୟୀ ଙ୍କୁ ପାଳିକରି ଧରି କୋର୍ଟ ଚାଲାଣ କରି ସେମାନଙ୍କ ଠାରୁ ଅଳ୍ପକିଛି ମଦ ଜବଦ କରିଥିବା ଦର୍ଶାଉଛନ୍ତି ଫଳରେ ସେହି ମଦ ବ୍ୟବସାୟୀମାନେ ଜାମିନରେ ଆସି ପୁନଃର୍ବାର ବେଧଡକ ବ୍ୟବସାୟ ଅରମ୍ଭ କରିଦେଉଛନ୍ତି ।ଏହି କ୍ରମରେ ଉଭ୍ୟ ପୋଲିସ ଏବଂ ଅବକାରୀ ବିଭାଗ ମାଲେ ମାଲ ହେଉଛନ୍ତି ।ତେବେ ଛୋଟ ମାଛ କୁ ଧରି ବାହା ବାହା ନେବା ପ୍ରତିବଦଳରେ ବଡ ମାଚ (ମଦ ଯୋଗାଉଥିବା ବେପାରୀ) କୁ କେବେ ଧରିବ ବୋଲି ବୁଦ୍ଦିଜିବୀ ମାନେ ପ୍ରଶ୍ନ କରିଛନ୍ତି ।ଆଜି ସକାଳେ ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଆଜି ବସ୍ତା,ବାଲିଆପାଳର ବିଭିନ୍ନ ସ୍ଥାନରେ ଚଢାଉକରି ଲକ୍ଷାଧରକ ଟଙ୍କାର ଦେସୀ ଓ ବିଦେସୀ ମଦ ଜବଦ କରିଥିବା ବେଳେ ତିନି ଜଣ ମହିଳା ଙ୍କ ସମେତ ଛଅ ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି ।ଆଜି ବସ୍ତା ଆଇଆଇସି ହରିହର ସିଂ ଙ୍କ ସମେତସବ ଇନଇସପେକ୍ଟର ବଭେଶ ଦାସ,ଜଗନ୍ନାଥ ଭିତରିଆ,ଏ ଏସଆଇ ଲମ୍ବୋଦର ମହନ୍ତ, କନେଷ୍ଟବଲ ସୁବି କାନ୍ତ ବେହେରା,ମିଥୁନ ମୁର୍ମୁ,ନେହାନ ମୁର୍ମୁ ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ । ଗ୍ରିପ ଅଭିଯୁକ୍ତ ମାନଙ୍କ ମଧ୍ୟରେ ନାରାୟଣପୁର ଗ୍ରାମର ଭିମ ଚରଣ ଦାସ, ଅଜୟ ଦାସ, ବାଲିଆପାଳ ଖଗଡାପାଳ ଗ୍ରାମର ନିରୁପମା ମଣ୍ଡଳ,ଜମ୍ବୀଇ ଗ୍ରାମର ଭରତ ଦଳାଇ,ପଦ୍ମାବତୀ ବିଶ୍ୱାଳ,ଜୟନ୍ତୀ ବିଶଯବାଳ ଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ୧୨୦ ଲିଠର ଦେସୀ ମଦ,୫୩ ଲିଠର ବିଦେଶୀ ମଦ ଏବଂ ୪୦ ଲିଟର ବିଅର ଜବଦ କରାଯାଇଛି ।ଯାହାର ଆନୁମାନିକ ମୂଲ୍ୟ ଏକ ଲକ୍ଷ କୋଡିଏ ହଜାର ଟଙ୍କାରୁ ଅଧିକ ।ସମସ୍ତ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ତେବେ ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଅଧରକାଂସ ଏକାଧିକ ବାର ଗିରଫ ହୋଇସାରିଛନ୍ତି ।ତେବେ ଅନ୍ୟ ମାନଙ୍କୁ କେବେ ଧ୍ରାଯାଉଛି ତାହା ଦେଖିବାକୁ ବାକି ରହିଲା ।

## ଶିଶୁ ଶ୍ରମିକ ପ୍ରଥାବନ୍ଦ ପାଇଁ ଜିଲ୍ଲାସ୍ତରୀୟ କର୍ମଶାଳା




ଭଦ୍ରକ , ୨୯/୧୦ (ନି.ପ୍ର): ସୋସାଇଟି ଫର୍ ୱିକର କମ୍ୟୁନିଟିର ପ୍ରତିଷ୍ଠତା ସଦସ୍ୟ ତଥା କ୍ୟାମ୍ପେନ୍ ଏଗେନ୍ଷ୍ଟ୍ ଚାଇଲଡ୍ ଲେବର (ସିଏସିଏଲ) ଓଡ଼ିଶା ପୂର୍ବତନ ଜିଲ୍ଲା ଆବାହକ ସଲାମ୍ ଭାଇଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ଶିଶୁ ଶ୍ରମିକ ନିରୋଧ ମ ।ର ପୁର୍ନଗଠନ ବୈଠକ ବାଇପାସ୍‌ସ୍ଥିତି ଆଶିଆନା କନ୍‌ଫେରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ସିଏସିଏଲ୍‌ର କ୍ଷେତ୍ରୀୟ ଆବାହକ ହୃଷିକେଶ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ପନ୍ଦରଗୋଟି ସାମାଜିକ ଅନୁଷ୍ଠାନ ଆଲୋଚନାରେ ଭାଗ ନେଇ ଶିଶୁ ଶ୍ରମିକ ପ୍ରଥାକୁ ଲୋପ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଯେପରି ବିଦ୍ୟାଳୟରେ ୬୦୩୨ ଶିଶୁ ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟମାନଙ୍କ ଅଭିଯୋଗ ବକ୍ସର ସ୍ଥାପନା, କିଶୋରୀମାନଙ୍କୁ ଦକ୍ଷତା କୌଶଳ ତାଲିମ୍ ପ୍ରଦାନ, ପ୍ରତିଷ୍ଠାନମାନଙ୍କରେ ଶିଶୁ ଶ୍ରମିକ ନରଖିବା ପାଇଁ ସଚେତନା କରିବା, ଘରୋଇ କାର୍ଯ୍ୟରେ ଶିଶୁମାନଙ୍କୁ ଶ୍ରମଜନିତ କାର୍ଯ୍ୟରେ ନଲଗାଇବା, ଋତୁସ୍ରାବ ନିମନ୍ତେ ବାଳିକାମାନଙ୍କ ପାଇଁ ବିଦ୍ୟାଳୟରେ ଶୌଚାଳୟ ସ୍ଥାପନ କରିବା, ମାତୃଭାଷାର ଶିକ୍ଷକ ଅଭାବ ସକାଶେ ବିଦ୍ୟାଳୟରେ ଶିଶୁ ଅନୁପସ୍ଥିତ ରହିବା, ନୂତନ କୌଶଳରେ ବିଦ୍ୟାଳୟର ଶିକ୍ଷାଦାନ କରିବା ଉପରେ ଆଲୋଚନା ହୋଇଥିଲା । ସିଏସିଏଲ୍‌ର ଭଦ୍ରକ ଜିଲ୍ଲାର ଆବାହକ ସୋଫିଆ ସେକ୍ ଘୋଷଣା କରିଥିଲେ ଯେ ଶୁଭମ୍ ସଂଗଠନର ସମ୍ପାଦକ ନରେନ୍ଦ୍ର ସାମଲଙ୍କୁ ଧାମନଗର ବ୍ଲକ ପ୍ରଗତି ଯୁବକ ସଂଘର ସଂପାଦକ ଦେବବ୍ରତ ଦାସଙ୍କୁ ଚାନ୍ଦବାଲି ବ୍ଲକ ଏବଂ ଦିଶାର ସମ୍ପାଦକ ସେକ୍ ମହମ୍ମଦ୍ ନିଆଜ୍‌ଙ୍କୁ ଭଦ୍ରକ ବ୍ଲକର ସହଆବାହକ ଭାବେ ଦାୟିତ୍ୱ ଅର୍ପଣ କରାଗଲା । ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀବାଳାଶ୍ରମର ସଂପାଦକ ଅଶୋକ ଦାସ, ହ୍ୟୁମାନ୍ ରାଇଟ୍‌ସ୍ ଫାଉଣ୍ଡେସନ୍‌ର ସଭାପତି ସଂଗ୍ରାମ କେଶରୀ ମହାନ୍ତି, ସାଥୀର ସଂପାଦକ ଇମ୍‌ତିହାଜ୍ କମାଲ୍ ଖାନ୍, ମୁସ୍‌ଲିମ୍ ସମାଜର ସଂଗଠନର ସଭାପତି ଜହିର ଖାନ୍, ବି.ଏସ୍.ଏସ୍ ସଭାପତି ପ୍ରକାଶ କୁମାର ସ୍ୱାଇଁ, ସଲିଡ଼େଟେରୀ ଅନୁଷ୍ଠାନର ସଂପାଦକ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ତ୍ରିବେଣୀ ଟ୍ରଷ୍ଟ ସଂପାଦିକ ରଞ୍ଜୁଲାତା ଗୁହାନ, ସିଏଫ୍‌ଡବ୍ଲୁର ସଂଯୋଜକ ପ୍ରଦୀପ କୁମାର ଜେନା, ଆମ୍ବାର ସଂପାଦକ ବିନୋଦ ମହାରଣା, ଏନ୍.ଏଲ୍.ଏସ୍.ର ସମ୍ପାଦକ ହେମନ୍ତ ମହାନ୍ତି, ଏମ୍.ଏସ୍.ଏଫ୍.ର ସମ୍ପାଦକ ସେକ୍ ଇମ୍‌ଦାଦ୍, ବି.ଏସ୍. ସଂଗଠନର ସାଇପଦ୍ମା ନାୟକ, ଦରିଦ୍ର ବନ୍ଧୁ ସଂଗଠନର ଗୀତ୍‌ରଂଜନ ବେହେରା ପ୍ରମୁଖ ଯୋଗଦାନ କରିଥିଲେ । ଶେଷରେ ଜିଲ୍ଲା ଆବାହକ ସୋଫିଆ ସେକ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉପଖଣ୍ଡ ଚିକିତ୍ସାଳୟରେ ପୂରଣ ହେଲା ଲେବୋରେଟରୀ ଟେକ୍ନିସିଆନ୍ ପଦବୀ: ରକ୍ତଦାତା ସଂଘର ଧାରଣା ପ୍ରତ୍ୟାହୃତ

ନୀଳଗିରି, ୨୯/୧୦ (ନି.ପ୍ର): ଦାବୀପୂରଣ ପରେ ଆଗାମୀ ଅକ୍ଟୋବର୩୦ରେ ହେବାକୁ ଥିବା ଧାରଣାରୁ ଓହରିଲା ନୀଳଗିରି ରକ୍ତଦାତା ସଙ୍ଘ । ଏନେଇ ଗତ୨୨ତାରିଖରେ ଏକ ଦାବୀପତ୍ର ନୀଳଗିରି ଉପଜିଲ୍ଲାପାଳ, ଏସଡିଏମଓ ନୀଳଗିରି, ସିଡିଏମ୍‌ଓ ବାଲେଶ୍ୱରଙ୍କୁ, ଲେବୋରେଟରି ଟେକ୍ନିସିଆନ ପଦବୀ ତୁରନ୍ତ ପୂରଣପାଇଁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ପଦବୀପୁରଣ ନହେଲେ ୩୦/ ୧୦ ରିଖରେ ହସ୍ପିଟାଲ ସମ୍ମୁଖରେ ଧାରଣାରେ ବସିବା ରକ୍ତଦାତା ସଂଘ ଚେତାବନୀ ରକ୍ତଦାତା ସଂଘ ଚେତାବନୀ ଦେଇଥିଲା ।ତେବେ ଆଜି ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ସିଡିଏମଓଙ୍କ ନିର୍ଦ୍ଦେଶରେ ନୂତନ ଟେକ୍ନିସିଆନ୍ ପଦବୀରେ ନିଯୁକ୍ତି ଦିଆଯାଇଥିବା ଏସଡିଏମଓ ଲିଖିତ ଭାବେ ରକ୍ତଦାତା ସଂଘକୁ ଜଣାଇଥିଲେ । ସିଡିଏମଓଙ୍କ ନିର୍ଦ୍ଦେଶ କ୍ରମେ,ଏସ ଡି ଏମ ଓ,ଅଫିସ ପତ୍ରାଙ୍କ ସଂଖ୍ୟା - ୨୩୬୭/ ତା -୨୯/୧୦/୨୫ ରେ ଲିଖିତ ଭାବେ ରକ୍ତଦାତା ସଙ୍ଘର ସଭାପତି ଗୋପାଳ ଚନ୍ଦ୍ର ମହାପାତ୍ର ,ସମ୍ପାଦକ ବିଜୟ କୁମାର ପାତ୍ରଙ୍କୁ ଏହି ଚିଠି ପ୍ରଦାନ କରିଥିଲେ । ନିଯୁକ୍ତିପତ୍ର ପାଇବାପରେ ରକ୍ତଦାତା ସଂଘ ଆଗାମୀ କାଲିହେବାକୁ ଥିବା ଧାରଣା ପ୍ରତ୍ୟାହୃତ ହେଲାବୋଲି, ଏକ ପ୍ରେସବିଜ୍ଞପ୍ତିରେ ସମ୍ପାଦକ ଶ୍ରୀ ପାତ୍ର ଜଣାଇଛନ୍ତି ।ଉକ୍ତ ପତ୍ରପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ, ରକ୍ତଦାତା ସଙ୍ଘର ବରିଷ୍ଠ ଉପଦେଷ୍ଟା ରବି ରାଉତ, ଏସଡିଏମଓ ,ସରୋଜିନୀ ପ୍ରଧାନ, ସତ୍ୟନାରାୟଣ ନାୟକ, ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।ତେବେ ଡାକ୍ତରଖାନାରେ ଡାକ୍ତର ସମସ୍ୟା, ନର୍ସିଂ ସିଷ୍ଟର ସମସ୍ୟା, ଫାର୍ମାସିଷ୍ଟ ସମସ୍ୟା ସହିତ ଅନ୍ୟାନ୍ୟ ଦାବୀନେଇ ଆଗାମୀ ଦିନରେ ରକ୍ତଦାତା ସଂଘ ପକ୍ଷରୁ,ଲଢେଇ ଜାରୀ ରହିବ ବୋଲି ଶ୍ରୀ ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## 'ତମାଖୁ ମୁକ୍ତ ଯୁବ କାର୍ଯ୍ୟକ୍ରମ' ଅଧୀନରେ ବାଲେଶ୍ୱର ଜିଲ୍ଲାରେ ତମାଖୁ ବିରୋଧୀ ଚଢ଼ାଉ ଅଭିଯାନ

ବାଲେଶ୍ୱର, ୨୯/୧୦ (ନି.ପ୍ର): ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ କିଶୋର ଓ ଯୁବ ବର୍ଗଙ୍କୁ ତମ୍ବାଖୁ ସେବନରୁ ନିବୃତ୍ତ କରିବା ପାଇଁ "ତମ୍ବାଖୁ ମୁକ୍ତ ଯୁବ କାର୍ଯ୍ୟକ୍ରମ" ଗତ ୧୭।୧୦।୨୫ ରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ସଭାପତିତ୍ୱରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲ୍ଲାପାଳ ସମସ୍ତ ସହଯୋଗୀ ବିଭାଗ ଯଥା ଭେଷଜ ନିୟନ୍ତ୍ରଣ, ଅବକାରୀ, ଖାଦ୍ୟ ସୁରକ୍ଷା ଓ ପୋଲିସ ବିଭାଗଙ୍କ ମଧ୍ୟରେ ସମନ୍ୱୟ ରଖି ତମ୍ବାଖୁ ପଦାର୍ଥ ବିକ୍ରି ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେବା ଓ ଅନୁମତି ବିନା




ଚାଲୁଥିବା ଦୋକାନମାନଙ୍କୁ ଚଢ଼ାଉ କରି ଜୋରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାହାର ଅନୁସରଣରେ, ଆଜି ଦୁଇଟି ସ୍ୱତନ୍ତ୍ର ଟିମ୍ ବାଲେଶ୍ୱର ଷ୍ଟେସନ ଛକ ଅଞ୍ଚଳ ଓ ରୂପସା ବଜାର ଅଞ୍ଚଳରେ ଯାଞ୍ଚ ଓ ଚଢ଼ାଉ କାର୍ଯ୍ୟକ୍ରମ ଚାଲାଇଥିଲେ । ଏହି ଅଭିଯାନ ସମୟରେ ମୋଟ ୨୬ ଜଣ ଖିଲାପକାରୀଙ୍କଠାରୁ ୪,୮୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହି ଯାଞ୍ଚ ଅଭିଯାନରେ ବାଲେଶ୍ୱର ସଦର ଓ ଗ୍ରାମୀଣ ଡ୍ରଗସ୍ ଇନ୍ସପେକ୍ଟର ସୁଶ୍ରୀ ଜୟଶ୍ରୀ ପାତ୍ର ଓ ଶ୍ରୀ ମୁକ୍ତିନନ୍ଦା ଶତପଥୀ ନେତୃତ୍ୱ ନେଇଥିଲେ । ଅବକାରୀ ଓ ପୋଲିସ ବିଭାଗର ଅଧିକାରୀମାନେ ମଧ ଅଭିଯାନରେ ସାମିଲ ହୋଇଥିଲେ ।

## ରାଜଭବନ ସେକ୍ରେଟାରିଏଟ୍‌ର କାର୍ଯ୍ୟାବଳୀ ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୯/୧୦ (ନି.ପ୍ର): ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ବୁଧବାର ଦିନ ରାଜଭବନ ସେକ୍ରେଟାରିଏଟ୍‌ର କାର୍ଯ୍ୟାବଳୀ ସମୀକ୍ଷା କରିଛନ୍ତି । ମିନି କନ୍‌ଫରେନ୍ସ ହଲ୍‌ଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅଧିକାରୀମାନଙ୍କ ସହ ବିଭିନ୍ନ କାର୍ଯ୍ୟାଧାରା ଓ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ରାଜ୍ୟପାଳ ସମୀକ୍ଷା କରି ଉଚ୍ଚ ଶିକ୍ଷା, ଜନଜାତି କଲ୍ୟାଣ ଏବଂ ଜନସେବା ଇତ୍ୟାଦି କାର୍ଯ୍ୟକଳାପ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସରକାରୀ କାର୍ଯ୍ୟ ଓ ଜନସେବା କାର୍ଯ୍ୟକଳାପର ସୁପରିଚାଳନା ସୁନିଶ୍ଚିତ କରିବା ନିମନ୍ତେ ଟିମ୍ ୱାର୍କ, ସମୟୋଚିତ ସମନ୍ୱୟ ଏବଂ ଅଧିକାରୀମାନଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida